

ଅର୍ଦ୍ଧଶତକରେ ବିଶ୍ୱ ରେକର୍ଡ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-207 ♦THURSDAY ♦22 JANUARY 2026 ♦PAGE-12 ♦₹ 7.00
PANIKOILI
♦ବର୍ଷ-୪୩ ♦ସଂଖ୍ୟା-୨୦୭ ♦ଗୁରୁବାର ♦୨୨ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ୨୮ରୁ ସଂସଦର ବଜେଟ ଅଧିବେଶନ

# ହକ୍ ଅପେକ୍ଷାରେ ଓଡ଼ିଶା

■ ଭୁବନେଶ୍ୱର, ୨୧।୧ (ସମିସ): କ୍ରମାଗତ ଭାବରେ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଛି ଓଡ଼ିଶା। ରାଜ୍ୟ ସ୍ୱାର୍ଥ ସମ୍ବଳିତ ଦାବିକୁ କେନ୍ଦ୍ର ସରକାର ବିଭିନ୍ନ ବାହାନା ଦେଖାଇ ଏଡ଼ାଇ ଯାଉଛନ୍ତି କିମ୍ବା ନିରବ ରହୁଛନ୍ତି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ଭାଗିଦାରୀ ରହିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ତାଙ୍କର ଭୂମିକା ନିର୍ବାହ କରୁଥିବାବେଳେ କେନ୍ଦ୍ର ସରକାର ଏ ଦିଗରେ ଯେପରି ତତ୍ପରତା ପ୍ରଦର୍ଶନ କରିବା କଥା ତାହା ଦେଖାଉ ନାହାନ୍ତି। ରାଜ୍ୟଗୁଡ଼ିକର ଆବଶ୍ୟକତା ଅନୁସାରେ କେନ୍ଦ୍ର ସରକାର ସହଯୋଗ କରିବାର ଆବଶ୍ୟକତା ରହିଛି ଏବଂ ଠିକ୍ ସମୟରେ ଓ ସଠିକ୍ ଅନୁପାତରେ କେନ୍ଦ୍ରୀୟ ଅନୁଦାନ ପାଇବା ରାଜ୍ୟଗୁଡ଼ିକର ହକ୍ ରହିଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ବିଭିନ୍ନ ଫୋରମରେ ଏହି ପ୍ରସଙ୍ଗ ଉଲ୍ଲେଖ କରିଥିଲେ ବି କେନ୍ଦ୍ର ସରକାର ସେତେବେଳେ ଶୁଣିଲେ ନାହିଁ, ଏବେ ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ବି ଓଡ଼ିଶା ଅବହେଳିତ ହୋଇ ରହିଛି। ରାଜ୍ୟରେ ରେଳ ସାନ୍ଦ୍ରତା ବୃଦ୍ଧି, କୋଇଲା ରାଜଭାଗ ବୃଦ୍ଧି, ଉଷୁନା ଚାଉଳ କେନ୍ଦ୍ର ସରକାର ନକରାତ୍ମକ ମନୋଭାବ ପୋଷଣ କରୁଛନ୍ତି। ଏପରିକି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଉଦାର ମନୋଭାବ ପୋଷଣ କରିବା ପରିବର୍ତ୍ତେ



### ମିଳୁନି ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଅନୁଦାନ
### ଅଟକି ରହିଛି ଓଡ଼ିଶା ସାମୁଦ୍ରିକ ବୋର୍ଡ ଆଇନ
### ପଡ଼ି ରହିଛି କୋଇଲା ରାଜଭାଗ ସଂଶୋଧନ ଦାବି
### ଦାବି ସତ୍ତ୍ୱେ ରାଜ୍ୟକୁ ମିଳୁନାହିଁ ଆବଶ୍ୟକ 'ଆବାସ'

ଉଠାଇବା, ଠିକ୍ ସମୟରେ ସାର ଯୋଗାଇବା, ସ୍ୱତନ୍ତ୍ର ଫୋକସ ରାଜ୍ୟ ମାନ୍ୟତା ସହ ରାଜ୍ୟକୁ ଅଧିକ ଅନୁଦାନ ପ୍ରଦାନ କରିବା, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ନିମନ୍ତେ ସହଯୋଗ କରିବା, ଜଳସେଚନ କ୍ଷେତ୍ରକୁ ଉପଯୁକ୍ତ ସହାୟତା ଦେବା ଆଦି ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାର ନିରବ ରହୁଛନ୍ତି। ଓଡ଼ିଶାକୁ କ୍ରମାଗତ ଉପେକ୍ଷା ରାଜ୍ୟବାସୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ପରିସ୍ଥିତିରେ ଆସନ୍ତା ୨୮ ତାରିଖରୁ କେନ୍ଦ୍ର ବଜେଟ୍ ଅଧିବେଶନ ଉପରେ ଓଡ଼ିଶାବାସୀଙ୍କ ଧ୍ୟାନ କେନ୍ଦ୍ରୀତ ହୋଇଛି।

ସାରା ରାଜ୍ୟରେ ବର୍ତ୍ତମାନ ଖରିଫ ଧାନ ସଂଗ୍ରହ ଜାରି ରହିଛି। ମାତ୍ର ଯାବତୀୟ ସମସ୍ୟା ଓ ଅନିୟମିତତା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଥିପାଇଁ ବିରୋଧୀ ରାଜ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ନିଜର ଅଂଶ ପ୍ରଦାନରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା ଯୋଗୁଁ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ସେହିପରି ବାରମ୍ବାର ଦାବି ସତ୍ତ୍ୱେ ▶ପୃଷ୍ଠା-୭

# ନୋବେଲ ପାଗଳ ଟ୍ରମ୍ପ

■ ୱାସିଂଟନ, ୨୧।୧ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଗଳାମୀ ଯାଉନାହିଁ। ଯେତେବେଳେ ସୁଯୋଗ ମିଳୁଛି, ସେ ଏହି ପୁରସ୍କାର ପାଇ ନଥିବାରୁ ନିଜର କ୍ଷୋଭ ପ୍ରକାଶ କରିବାକୁ ପଛାଉ ନାହାନ୍ତି। ନୋବେଲ ମିଳିନଥିବାରୁ ସାରା ବିଶ୍ୱକୁ ଥରହର କରି ରଖିଥିବା ଟ୍ରମ୍ପ ପୁଣି ଥରେ କହିଛନ୍ତି ଯେ ସେ ହିଁ ନୋବେଲ ପୁରସ୍କାର ପାଇବାର ହକ୍‌ଦାର। ଡାଭୋସ ଯିବା ପୂର୍ବରୁ ସେ ଆଜି ସାମ୍ବାଦିକମାନଙ୍କୁ କହିଛନ୍ତି, 'ଏପର୍ଯ୍ୟନ୍ତ ୮ଟି ଯୁଦ୍ଧକୁ ବନ୍ଦ କରିଛି ଓ ପ୍ରତ୍ୟେକଟି ପାଇଁ ମୋତେ ପୃଥକ ଭାବେ ନୋବେଲ ପୁରସ୍କାର ମିଳିବା ଉଚିତ। ଏହା ମୁଁ ନିଜେ କହିବାକୁ ଚାହୁଁନାହିଁ, କିନ୍ତୁ ଏହା ସତ୍ୟ। ଯଦି କେହି କୁହେ ଯେ, ମୋତେ ନୋବେଲ ପାଇବାରୁ ବଞ୍ଚିତ କରିବାରେ ନରୱେ ସରକାର କୌଣସି ଭୂମିକା ଗ୍ରହଣ କରିନାହିଁ, ତେବେ ଏହା ଭୁଲ୍। କାରଣ ନୋବେଲ ସେଠାରେ ପ୍ରଦାନ କରାଯାଇଥାଏ ଓ ସେମାନେ ହିଁ ନିଷ୍ପତ୍ତି ନେଇଥାନ୍ତି।'

ସୂଚନାଯୋଗ୍ୟ ଯେ ନରୱେର ପ୍ରଧାନମନ୍ତ୍ରୀ ଜୋନାସ ଷ୍ଟୋର



**'୮ଟି ଯୁଦ୍ଧ ବନ୍ଦ କରିଛି, ପ୍ରତ୍ୟେକଟି ପାଇଁ ନୋବେଲ ପାଇବାକୁ ଯୋଗ୍ୟ'**

ସୋମବାର କହିଥିଲେ ଯେ, ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାର ନିଷ୍ପତ୍ତି ଏକ ସ୍ୱାଧୀନ ନୋବେଲ କମିଟି ଦ୍ୱାରା ନିଆଯାଇଥାଏ। ନରୱେ ସରକାରଙ୍କର ଏଥିରେ କୌଣସି ଭୂମିକା ନାହିଁ। ଏ ନେଇ ଟ୍ରମ୍ପଙ୍କୁ ପୂର୍ବରୁ ବୁଝାଇ ଦିଆଯାଇଛି। କିନ୍ତୁ ଟ୍ରମ୍ପ ବୁଝିବାକୁ ନାରାଜ। ସେ କହିଲେ ଯେ ଏଥର ନୋବେଲ ପାଇଥିବା ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ ମାଚାଡ଼ୋ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମାରିଆ କହିଥିଲେ ଯେ, ଟ୍ରମ୍ପ ଏହି ପୁରସ୍କାର ପାଇବାକୁ ଅଧିକ ଯୋଗ୍ୟ। କିନ୍ତୁ ଟ୍ରମ୍ପଙ୍କ ଭାଷାରେ ନରୱେ ମାନିବାକୁ ନାରାଜ।

ଟ୍ରମ୍ପ ଆଜି ପୁଣି କହିଛନ୍ତି ଯେ ୧୦ ମାସ ତଳେ ଭାରତ- ପାକିସ୍ତାନ ଯୁଦ୍ଧକୁ ରୋକି ସେ ବିଶ୍ୱକୁ ପରାମାଣୁ ଯୁଦ୍ଧର ବିଭିଷୀକାରୁ ବଞ୍ଚାଇଥିଲେ। ଗତ ମେ'ରେ ଭାରତ- ପାକିସ୍ତାନ ସଂଘର୍ଷ ପରମାଣୁ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଥିଲା। ଦୁଇ ଦେଶ ମଧ୍ୟ ଯୁଦ୍ଧ ବିରତି ଘୋଷଣା କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଯୁଦ୍ଧ ବନ୍ଦ କରି ସେ ଏକ କୋଟି ଲୋକଙ୍କ ଜୀବନ ରକ୍ଷା କରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ତଥାପି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ନମିଳିବା କ୍ଷୋଭର ବିଷୟ। ସୂଚନାଯୋଗ୍ୟ ଯେ ଭାରତ-ପାକିସ୍ତାନ ଯୁଦ୍ଧ କରାଇବା ନେଇ ସେ ପାଖାପାଖି ୬୦ରୁ ଅଧିକ ଥର କହିସାରିଛନ୍ତି। କିନ୍ତୁ ଭାରତ ଏହାକୁ ଖଣ୍ଡନ କରି କହିଛି ଯେ ଯୁଦ୍ଧ ବିରତିରେ କୌଣସି ତୃତୀୟ ପକ୍ଷର ଭୂମିକା ନଥିଲା।

# ୪ ଦିନରେ ୭ ଡିଗ୍ରୀ ବଢ଼ିଲା ତାପମାତ୍ରା

■ ଭୁବନେଶ୍ୱର, ୨୧।୧ (ସମିସ): ରାଜ୍ୟରେ ଶୀତର ପ୍ରଭାବ କମିବା ସହ ଦିନରେ ସୂର୍ଯ୍ୟଙ୍କ କିରଣ ପ୍ରଖର ହେବାରେ ଲାଗିଛି। ଯଦିଓ ରାତିରେ କିଛିକାଂଶରେ ଥଣ୍ଡା ଅନୁଭୂତ ହେଉଛି ମାତ୍ର ଗତ ୪ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ବଢ଼ିଛି। ଏହି ୪ ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ରାତିର ତାପମାତ୍ରା ୭ ଡିଗ୍ରୀ ବୃଦ୍ଧି ପାଇଥିବା ବେଳେ ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ବୃଦ୍ଧି ପାଇଛି। ବୁଧବାର ସକାଳ ୫ଟା ୩୦ରେ ରେକର୍ଡ ହୋଇଥିବା ତାମପାତ୍ରା ଅନୁଯାୟୀ ଝାରସୁଗୁଡାରେ ତାପମାତ୍ରା ୭.୨ ଡିଗ୍ରୀ ବଢ଼ି ୧୪ ଡିଗ୍ରୀ ରହିଥିଲା। ସେହିପରି କେନ୍ଦୁଝରେ ୫.୨ ଡିଗ୍ରୀ ୧୪.୬, ଭୁବନେଶ୍ୱରରେ ୨.୨ ଡିଗ୍ରୀ ୧୪.୬, ପାରାଦୀପରେ ୩ ଡିଗ୍ରୀ ବୃଦ୍ଧି ପାଇ ୧୫.୪, ବାଲେଶ୍ୱରରେ ୩ ଡିଗ୍ରୀ ବଢ଼ି ୧୬, ଚାନ୍ଦବାଲିରେ ୪ ଡିଗ୍ରୀ ବଢ଼ି ୧୬.୨ ଡିଗ୍ରୀ ରେକର୍ଡ ହୋଇଛି।

ରାତିରେ ହାଲୁକା ଶୀତ ସାଙ୍ଗକୁ ସାମାନ୍ୟ କୁହୁଡ଼ି ରହୁଛି। ହେଲେ ଦିନ ବେଳା ନିର୍ମଳ ଆକାଶ ସାଙ୍ଗକୁ ଟାଣ ଖରା ଅନୁଭୂତ ହେଉଛି। ଏହି କ୍ରମରେ ବୁଧବାର ଭୁବନେଶ୍ୱରରେ ଦିନର ତାପମାତ୍ରା ୩୨.୩ ଡିଗ୍ରୀ ରେକର୍ଡ ହୋଇଛି। ଝାରସୁଗୁଡ଼ା ୩୧.୪, ପାରାଦୀପ ୩୧.୪ ଓ ଭଦ୍ରକରେ ମଧ୍ୟ ଦିନର ତାପମାତ୍ରା ୩୧.୨ ଡିଗ୍ରୀ ରେକର୍ଡ ହୋଇଛି। ଏଭଳି ଭାବେ ବୁଧବାର ମୋଟ୍ ୧୯ ଟି ସହରରେ ଦିନର ତାପମାତ୍ରା ୩୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ପାଣିପାଗ କେନ୍ଦ୍ର କହିଛି ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେଣୁ ଉଭୟ ଦିନ ଓ ରାତିର ତାପମାତ୍ରା ଅପରିବର୍ତ୍ତିତ ରହିବାର ସମ୍ଭାବନା ରହିଛି। ଅନ୍ୟପଟେ ଭୋର ସମୟରେ ଅନେକ ସ୍ଥାନରେ କୁହୁଡ଼ି ଦୃଶ୍ୟମାନ ହେଉଛି। ୨୫ ତାରିଖ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ଏହି ▶ପୃଷ୍ଠା-୭

# ତୃଣମୂଳରେ ନୂଆ-ପୁରୁଣା କଳି

## ଓଡ଼ିଶା ବିଜେପି ନେତାଙ୍କୁ କାଟୁ କରିବ ତ 'ନିତିନ' ମନ୍ତ୍ର

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୧।୧ (ସମିସ): କେନ୍ଦ୍ରରେ ବିଜେପି ସଭାପତି ଭାବେ ଦାୟିତ୍ୱ ନେବା ପରେ ନିତିନ ନବୀନ ବିଭିନ୍ନ ରାଜ୍ୟର ବିଜେପି ସଭାପତି, ରାଜ୍ୟ ପ୍ରଭାରୀଙ୍କ ସହ ବୁଧବାର ବୈଠକ କରିଛନ୍ତି। ବୈଠକରେ ନିତିନ ଦଳୀୟ ସଂଗଠନରେ ଶୃଙ୍ଖଳା ଏବଂ ସମର୍ପଣ ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ସଂଗଠନରେ ସମସ୍ତେ ମିଳିମିଶି କାମ କରିବା ସହ ସୁଷମ ଦାୟିତ୍ୱ ବଣ୍ଟନ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ନିତିନ ଓଡ଼ିଶାର ବିଜେପି ନେତା ଓ ପ୍ରଭାରୀଙ୍କ ସହ ଏକ ବୈଠକରେ ଅନୁରୂପ ଭାବରେ ଶୃଙ୍ଖଳା-ସଂଗଠନ-ସୁସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଛନ୍ତି ଏହି ବୈଠକରେ ଉପସ୍ଥିତ ଥିବା ବିଜେପି ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀଙ୍କ ସହ ଆଲୋଚନା ସମୟରେ ରାଜ୍ୟରେ ସାଂଗଠନିକ ଦୃଢ଼ୀକରଣ ଓ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ରାଜ୍ୟ ବିଜେପିରେ ଛକାପଞ୍ଝା ଓ ଗୋଷ୍ଠୀ ବିବାଦ ଚରମ ସୀମାରେ ପହଞ୍ଚିଥିବାବେଳେ

**ଶୃଙ୍ଖଳା-ସଂଗଠନ-ସୁସମ୍ପର୍କ ଉପରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗୁରୁତ୍ୱ**

ନୂଆ ବିଜେପି ସଭାପତିଙ୍କ ପରାମର୍ଶକୁ ଦଳ କେତେମାତ୍ରାରେ କାର୍ଯ୍ୟକାରୀ କରିପାରୁଛି, ତାହା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ରାଜ୍ୟରେ ପ୍ରଥମଥର ସରକାର ଗଠନ କରିବାକୁ ବିଜେପିକୁ ୧୯ ମାସ ବିତି ସାରିଲାଣି। ମାତ୍ର ଏଯାବତ୍ ସରକାର ଏବଂ ସଂଗଠନ ଅଧପନ୍ତରିଆ ଭାବରେ ଜାରି ରହିଛି। ସରକାର ଏବଂ ସଂଗଠନ ମଧ୍ୟରେ ତାଳମେଳର ଅଭାବ, ଛାମୁଆ ନେତାଙ୍କ ମଧ୍ୟରେ ମତଭେଦ ଯୋଗୁଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଅଟକି ରହିଛି। ସେହିପରି ଜିଲ୍ଲା ଯୋଜନା ବୋର୍ଡଠାରୁ ଆରମ୍ଭ କରି ରାଜ୍ୟସ୍ତରରେ ନିଗମ, ବୋର୍ଡ ନିଯୁକ୍ତି ମଧ୍ୟ ହୋଇପାରୁ ନାହିଁ। ରାଜ୍ୟ ନେତୃତ୍ୱ ବାରମ୍ବାର ତାଲିକା ଧରି ଦିଲ୍ଲୀ ଧାଉଁଛନ୍ତି। ମାତ୍ର ଶେଷ ମୁହୂର୍ତ୍ତରେ ଏହା ଅଟକି ଯାଉଛି। ରାଜ୍ୟ ପ୍ରଭାରୀ ଅନେକବାର ନିଗମ ଓ ବୋର୍ଡ ନିଯୁକ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ଇଙ୍ଗିତ ଦେଇଥିଲେ ବି ଶେଷ ମୁହୂର୍ତ୍ତରେ ଏହା ସାକାର ହୋଇ ପାରୁନାହିଁ। ଏଥିପାଇଁ ଦଳରେ ଅସନ୍ତୋଷ ବଢୁଛି, ନେତାମାନେ ଲୋକହସା ହେଉଛନ୍ତି। କେବଳ ଛାମୁଆ ନେତାଙ୍କ ମଧ୍ୟରେ ନୁହେଁ, ରାଜ୍ୟରେ ବିଜେପି କ୍ଷମତା ହାସଲ କରିବା ପରେ ତୃଣମୂଳସ୍ତରରେ ମଧ୍ୟରେ ନୂଆ-ପୁରୁଣା କଳି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଗୋଟିଏ ପଟେ ଅନ୍ୟଦଳରୁ ନେତା, କର୍ମୀ ଆଣି ବିଜେପି ▶ପୃଷ୍ଠା-୭

# ଭୂସ୍ୱର୍ଗରେ ବି ବାୟୁ ଦୂଷିତ

## ଶ୍ରୀନଗର ପ୍ରଦୂଷଣ ୭ ବର୍ଷରେ ସବୁଠୁ ଖରାପ

■ ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ଭାରତର ଭୂସ୍ୱର୍ଗ କୁହାଯାଉଥିବା ଜମ୍ମୁ-କଶ୍ମୀର ଅବସ୍ଥା ମଧ୍ୟ ଖରାପ। ଏଠାରେ ବାୟୁ ପ୍ରଦୂଷଣ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ରାଜଧାନୀ ଶ୍ରୀନଗ।।ର।।ରେ ଗତ ସାତ ବର୍ଷରେ ଏଭଳି ସ୍ଥିତି କେବେ ଦେଖିବାକୁ ମିଳିନଥିଲା। ଆଜି ସହରର ବାୟୁ ମାନ ଇଣ୍ଡେକ୍ସ (ଏକ୍ୟୁଆଇ) ୩୦୮ ରେକର୍ଡ କରାଯାଇଛି। ଏୟାର ମନିଟରିଂ ଡାଟା ଅନୁସାରେ ଜାନୁଆରୀ ସହରର ଏକ୍ୟୁଆଇ ବହୁତ ଖରାପ ରହିଛି। ଶ୍ରୀନଗରରେ

**ଦିଲ୍ଲୀରେ ପୁଣି ବଢ଼ିଲା ଏକ୍ୟୁଆଇ**

ବର୍ତ୍ତମାନ ହାରାହାରି ପିଏମ୍୨.୫ ସାନ୍ଦ୍ରତା ପ୍ରତି ଘନ ମିଟରରେ ୧୧୫ ମାଇକ୍ରୋଗ୍ରାମ ରହିଛି ଓ ଏହା ଡବ୍ଲ୍ୟୁଏଚ୍‌ଓ ସୀମାଠାରୁ ଯଥେଷ୍ଟ ଅଧିକ। ଏହି ସ୍ତର ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି ଓ ଏହା ଦିନକୁ ୪ଟି ସିଗାରେଟ ପିଇବା ସହ ସମାନ। ୨୦୧୯ ପରେ ୨୦୨୬ ଶ୍ରୀନଗର ସବୁଠାରୁ ପ୍ରଦୂଷିତ ବର୍ଷ ସାବ୍ୟସ୍ତ ହୋଇଛି ଓ ଏହାର ହାରାହାରି ଏକ୍ୟୁଆଇ ୧୫୯ ରହିଛି। ତେବେ ୨୦୨୩ ଗତ ୭ ବର୍ଷ ମଧ୍ୟରେ ସବୁଠାରୁ ସ୍ୱଚ୍ଛ ବାୟୁ ରେକର୍ଡ କରିଛି ଓ ଏହାର ହାରାହାରି ଏକ୍ୟୁଆଇ ଥିଲା ୪୯।

ଏକ୍ୟୁଆଇ ତଥ୍ୟ ଅନୁଯାୟୀ, ଶ୍ରୀନଗରରେ ପ୍ରତ୍ୟେକ ସନ୍ଧ୍ୟାରେ ହିଁ ପ୍ରଦୂଷଣ ଦ୍ରୁତଗତିରେ ବୃଦ୍ଧି ପାଇଥାଏ।



ସକାଳେ ବାୟୁ ସଫା ରହିଥାଏ। ସନ୍ଧ୍ୟାରେ ହାରାହାରି ଏକ୍ୟୁଆଇ ୨୨୮ ରେ ପହଞ୍ଚିଥାଏ। ଗତ ୭ ଦିନଧରି ଏକ୍ୟୁଆଇ ୧୦୦ ଉପରେ ରହିଛି। ଜାନୁଆରୀ ୧୬ରେ ଶ୍ରୀନଗରର ଏକ୍ୟୁଆଇ ସବୁଠାରୁ ଖରାପ ୪୧୫ ରେକର୍ଡ କରାଯାଇଥିଲା। ଏହା ପରିବେଶବିତଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

## ସ୍କୁଟିକୁ ଧକ୍କା ଦେଲା ଟ୍ରକ୍ | ପୁଅ ଆଗରେ ଚାଲିଗଲା ବାପାର ଜୀବନ

■ ପାଲଲହଡ଼ା, ୨୧।୧ (ସମିସ): ପୁଅ ଆଖି ଆଗରେ ଚାଲିଗଲା ବାପାର ଜୀବନ। ୪୯ନଂ ଜାତୀୟ ରାଜପଥର ସ୍ଥାନୀୟ ମାଲ୍ୟଗିରି ମହାବିଦ୍ୟାଳୟ ଛକ ନିକଟରେ ଏକ ସ୍କୁଟିକୁ ଟ୍ରକ୍ ଧକ୍କା ଦେବାରୁ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ତାଳଚେର ଥାନା ଗୁରୁଜାଙ୍ଗୁଲି ଅଞ୍ଚଳର କ୍ଷୀରୋଦ ପାଣିଗ୍ରାହୀ। ଏହି ଦୁର୍ଘଟଣାରେ କ୍ଷୀରୋଦଙ୍କ ପୁଅ ସରୋଜ ପାଣିଗ୍ରାହୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତଦେହ ରଖି ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୀର୍ଘ ସମୟ ପରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ▶ପୃଷ୍ଠା-୭

## ଗଛରେ ପିଟିହେଲା ବାଇକ୍; ଦୁଇ ସାଙ୍ଗ ମୃତ

■ ପଡ଼ିଆ, ୨୧।୧ (ସମିସ): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ସଦର ମହକୁମାସ୍ଥିତ କୁମ୍ଭାରସାହି ଓ ପଡ଼ିଆ ମୁଖ୍ୟ ରାସ୍ତା ବୁଲାଣିରେ ଆଜି ଏକ ଦୁର୍ଘଟଣା ଦୁଇ ସାଙ୍ଗଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ସମୀର ହନ୍ତାଳ ଓ ତାର ବନ୍ଧୁ ଦୀପକ କୁମାର ଲିମା। ଦୁହିଁଙ୍କ ଘର ପଡ଼ିଆ ଗ୍ରାମରେ। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।


ସୂଚନାନୁଯାୟୀ, ଆଜି ଭୋର୍ ପ୍ରାୟ ୩ଟାରେ ସମୀର ଓ ଦୀପକ ଏକ ବୁଲେଟ୍ ବାଇକ୍‌ରେ କୁମ୍ଭାରସାହିରୁ ପଡ଼ିଆ ଗ୍ରାମ ଅଭିମୁଖେ ଆସୁଥିଲେ। କୁମ୍ଭାରସାହି ନିକଟସ୍ଥ ବୁଲାଣି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ▶ପୃଷ୍ଠା-୭

SIKSHA 'O' ANUSANDHAN
SAAT-2026
Empowering students for a brighter future
HOTEL MANAGEMENT PROGRAMMES
■ BHMCT (Bachelor of Hotel Management and Catering Technology)
■ MBA (Hospitality Management)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2025
■ 15th Best in University Category
■ 25th Best in Overall Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT, Please visit: www.soa.ac.in

## ପରିବହନ ବିଭାଗର 'ଅନ୍ଧ ନୀତି'

# କଳାତାଲିକାଭୁକ୍ତ ସଂସ୍ଥାକୁ ଠିକା ଦେବାକୁ ଏସ୍‌ଟିଏର ଜିଦ୍


■ ଭୁବନେଶ୍ୱର, ୨୧।୧ (ସମିସ): ଯାତ୍ରୀବାହୀ ଗାଡ଼ିଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ 'ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍' (ଭିଏଲ୍‌ଟିଡି) ବ୍ୟବସ୍ଥା ଆପଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଓଡ଼ିଶାରେ ଏପର୍ଯ୍ୟନ୍ତ ପ୍ରାୟ ୫୨ ହଜାର ଗାଡ଼ିରେ ଏହି ବ୍ୟବସ୍ଥା ଲାଗିସାରିଥିବା ବେଳେ ଆହୁରି ୨ ଲକ୍ଷରୁ ଅଧିକ ଗାଡ଼ିରେ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାମ ପାଇଁ ରାଜ୍ୟ ସରକାର 'ସି-ଡିଏସି' ନାମକ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାକୁ



### ବିନା ଟେଣ୍ଡରରେ ୧୪ କୋଟି ଟଙ୍କାର ଚୁକ୍ତି ପାଇଁ ମସୁଧା
### ଭିଏଲ୍‌ଟିଡି ପରିଚାଳନା ପାଇଁ ଗଳାବାଟ ଆପଣାଇଛି 'ସି-ଡିଏସି'
### ଏସ୍‌ଟିଏକୁ ଚିଠି ଲେଖି କଳା କାରନାମା ଦର୍ଶାଇଲା 'ଓଭିଡିଏ'
### ୨୮ରେ ଚୁକ୍ତିନାମା, ହାଇକୋର୍ଟରେ ମାମଲା ପାଇଁ ଚେତାବନୀ

ନିଷ୍ପତ୍ତି ନେଇଛନ୍ତି। ଏହି ସଂସ୍ଥା ସହ ଆସନ୍ତା ୨୮ ତାରିଖରେ ରାଜ୍ୟ ସରକାର ଚୁକ୍ତି କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ବିଭିନ୍ନ ସମୟରେ ବିବାଦୀୟ ରହିଥିବା ଏହି ସଂସ୍ଥା ସହ ଚୁକ୍ତି ପାଇଁ କାହିଁକି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଆଗ୍ରହ ଦେଖାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଓଡ଼ିଶା ଭେଇକିଲ୍ ଡିଲର ଆସୋସିଏସନ୍ (ଓଭିଡିଏ) ଏ ସଂକ୍ରାନ୍ତରେ ଆପତ୍ତି ଉଠାଇବା ସହ ଏସ୍‌ଟିଏ କମିଶନରଙ୍କୁ ଚିଠି ଲେଖି 'ସି-ଡିଏସି' ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଛି। ନିଜ ଚିଠିରେ ସଂଘ ପୂରା କଳା ଚିଠା ଖୋଲିଥିବା ବେଳେ ଏହି ବୁଝାମଣା ପଛରେ ବଡ଼ କାରବାର ଅଛି ବୋଲି ଅଭିଯୋଗ କରିଛି। ଅଭିଯୋଗ ଅନୁସାରେ ପୂର୍ବରୁ ଓଡ଼ିଶାରେ ଭିଏଲ୍‌ଟିଡ଼ି ▶ପୃଷ୍ଠା-୭


# ଜନ୍-ରୋହିତ୍‌ଙ୍କ ଫିଲ୍ମର ଟାଇଟଲ ସାମ୍ନାକୁ ଆସିଲା



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ୍ ଶେଟ୍ଟୀ ତାଙ୍କ ଆକ୍ସନ୍ ଓ କମେଡି ଫିଲ୍ମଗୁଡ଼ିକ ପାଇଁ ଜଣାଯାନ୍ତି । ରୋହିତ୍ ପ୍ରଥମ ଥର ଦର୍ଶକଙ୍କ ପାଇଁ ଏକ ବାୟୋପିକ୍ ଫିଲ୍ମ ନେଇ ଆସୁଛନ୍ତି । ତାଙ୍କର ଆଗାମୀ ଫିଲ୍ମ ପୁଲିସ୍ ଅଧିକାରୀ ରାକେଶ ମାରିଆଙ୍କ ଉପରେ ଆଧାରିତ । ଏଥିରେ ଜନ୍ ଆବ୍ରାହମ୍ ଲିଡ୍ ରୋଲରେ ଦେଖାଯିବେ । ତେବେ ଏହି ଫିଲ୍ମର ଟାଇଟଲ୍ ଏବେ 'ମାରିଆ ଆଇପିଏସ୍' ରଖାଯାଇଛି । ଫିଲ୍ମର ସୁଟିଂ ସରିଯାଇଛି । ଏହାର ଅଧିକାଂଶ ସୁଟିଂ ମୁମ୍ବାଇରେ ହୋଇଛି । ମୁମ୍ବାଇର ଏଲୋରା ଷ୍ଟୁଡିଓରେ ପୁଲିସ୍ ଷ୍ଟେସନ୍‌ର ସେଟ୍ ତିଆରି କରାଯାଇଥିଲା । ଏହି ଫିଲ୍ମ ମାଧ୍ୟମରେ ରୋହିତ୍ ଦର୍ଶକଙ୍କୁ ଆକ୍ସନ୍, ଥ୍ରିଲର୍ ଓ ସତ୍ୟଘଟଣା ଉପରେ ଆଧାରିତ ଏକ କାହାଣୀର ଅନୁଭବ ଦେବାକୁ ଯାଉଛନ୍ତି । ତେବେ ଏହି ଫିଲ୍ମର ନାଁ ଆଉ କିଛି ରଖିବାକୁ ଟିମ୍ ବିଚାର କରୁଛି । ଆସନ୍ତା ଫେବୃଆରୀରେ ଫିଲ୍ମର ଫାଇନାଲ ଟାଇଟଲ ଓ ରିଲିଜ୍ ଡେଟ୍ ପ୍ରକାଶ ପାଇପାରେ ବୋଲି କୁହାଯାଉଛି ।

# ଜ୍ୱାଇଁ ପାଇଁ ୧୩୭୪ ବ୍ୟଞ୍ଜନ

ଭାରତୀୟ ସଂସ୍କୃତିରେ ଜ୍ୱାଇଁ ଶ୍ୱଶୁର ଘରକୁ ଆସିଲେ ଶ୍ରଦ୍ଧା ଓ ସମ୍ମାନର ସହ ଆତିଥ୍ୟତା ପ୍ରଦାନ କରାଯାଏ । ଏଥିସହ ଭଳିକି ଭଳି ବ୍ୟଞ୍ଜନ ପରଷି ସ୍ୱାଗତ କରାଯାଏ । ଏହି କ୍ରମରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାର ତେନାଲୀର ଏକ ପରିବାର ମକର ସଂକ୍ରାନ୍ତି ଉପଲକ୍ଷେ ଜ୍ୱାଇଁଙ୍କୁ ସ୍ୱାଗତ କରିବା ପାଇଁ ୧୩୭୪ ବ୍ୟଞ୍ଜନ ପ୍ରସ୍ତୁତ କରି ସଭିଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି । ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ବିଜୟାଲକ୍ଷ୍ମୀ ଭେଙ୍କଟ ରତ୍ନମ୍ ଏବଂ ତାଙ୍କ ପତ୍ନୀ ସୁଶୀଳା ନିଜ ଝିଅ କିର୍ତ୍ତିଶ୍ରୀ ଏବଂ ଜ୍ୱାଇଁ ବୋଣ୍ଡୁ ସାଇ ଶରତଙ୍କ ସ୍ୱାଗତ ପାଇଁ ଏହି ଦିବ୍ୟ ଭୋଜନର ଆୟୋଜନ କରିଥିଲେ । କେବଳ ଏତେସଂଖ୍ୟକ ବ୍ୟଞ୍ଜନ ନୁହେଁ, ଏହାର ସାଜସଜ୍ଜା ଏବଂ ପ୍ରସ୍ତୁତି ମଧ୍ୟ ଦେଖିବା ଯୋଗ୍ୟ ଥିଲା । ପ୍ରତ୍ୟେକ ବ୍ୟଞ୍ଜନକୁ ଖୁବ୍ ସ୍ନେହ ଏବଂ ଶ୍ରଦ୍ଧାର ସହ ପ୍ରସ୍ତୁତ କରାଯାଇଥିଲା । ଏହାକୁ ଖୁବ୍ ସୁନ୍ଦର ଭାବେ ଟେବୁଲ ଉପରେ ସଜା ମଧ୍ୟ ଯାଇଥିଲା । ଏହାକୁ ଦେଖି ଲୋକେ ପୁଣି ଥରେ ଗୋଦାବରୀ ଅଞ୍ଚଳର ଭବ୍ୟ ଆତିଥ୍ୟତାକୁ ମନେ ପକାଇଥିଲେ । ତେବେ ବିବାହ ପରେ ଶ୍ୱଶୁର ଘରେ ଶରତଙ୍କର ଏହା ପ୍ରଥମ ସଂକ୍ରାନ୍ତି ଥିଲା । ଏହାକୁ ତେଲୁଗୁ ପରିବାରରେ ଖୁବ୍ ଶୁଭ ମନାଯାଏ । ତେଣୁ ଏହାକୁ ସ୍ମରଣୀୟ କରିବା ପାଇଁ କିର୍ତ୍ତିଶ୍ରୀଙ୍କ ପରିବାର ଲୋକେ ଏହି ଦିବ୍ୟ ଭୋଜନର ଆୟୋଜନ କରିଥିଲେ । ଏଥିସହ ଝିଅ ଜ୍ୱାଇଁଙ୍କ ସ୍ୱାଗତ ପାଇଁ ସ୍ୱତନ୍ତ୍ର ବୋର୍ଡ, ସେଲ୍ଫି ପଏଣ୍ଟ ଏବଂ ଶୁଭେଚ୍ଛା ବାର୍ତ୍ତାର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ଶରତଙ୍କୁ ଶ୍ୱଶୁର ଘର ପକ୍ଷରୁ ୧୨ ଟି ଉପହାର ମଧ୍ୟ ମିଳିଥିଲା । ଏହି ଉପହାରକୁ ୧୨ ମାସର ପ୍ରତୀକ ଭାବେ ଜଣାଯାଏ । ଶରତଙ୍କୁ ପରଷା ଯାଇଥିବା ବ୍ୟଞ୍ଜନଗୁଡ଼ିକ ମଧ୍ୟରେ ପାରମ୍ପରିକ ସ୍ନାକ୍ସ, ବିଭିନ୍ନ ସ୍ଥାନୀୟ ବ୍ୟଞ୍ଜନ, ସତେଜ ଫଳ, ଜୁସ୍ ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନର ଖାଦ୍ୟପାନୀୟ ସାମିଲ ଥିଲା । ସବୁ ଖାଦ୍ୟକୁ କଦଳୀ ପତ୍ରରେ ପରଷା ଯାଇଥିଲା ।



## ଆଜିର ଇତିହାସ

- ୧୬୬୬- ମୋଗଲ ସମ୍ରାଟ୍ ଶାହାଜାହାନଙ୍କ ଦେହାନ୍ତ ।
- ୧୯୦୧- ମହାରାଣୀ ଭିକ୍ଟୋରିଆଙ୍କ ଦେହାନ୍ତ ।
- ୧୯୩୪-ପ୍ରସିଦ୍ଧ ଫିଲ୍ମ ନିର୍ମାତା ବିଜୟ ଆନନ୍ଦଙ୍କ ଜନ୍ମ ।
- ୧୯୬୩- ଡେରାଡୁନରେ ଦୃଷ୍ଟିବାଧିତଙ୍କ ପାଇଁ ଜାତୀୟ ପୁସ୍ତକାଳୟର ଆରମ୍ଭ ହେଲା ।
- ୨୦୦୧- ପାକିସ୍ତାନରେ ତାଲିବାନର ସମସ୍ତ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଗଲା ।
- ୨୦୦୯- ଫିଲ୍ମ 'ସ୍ଲମ୍‌ଡଗ୍ ମିଲେନିୟର୍' ଓସ୍କାର ପୁରସ୍କାର ପାଇଁ ମନୋନୀତ ହେଲା ।


## ନିଆରା ବ୍ୟକ୍ତି

# ୫୦ ବର୍ଷ ଧରି ଉଜାଗର !



ଶରୀର ପାଇଁ ନିଦ ଖୁବ୍ ଜରୁରି । ଏଥିପାଇଁ ସାତରୁ ଆଠ ଘଣ୍ଟା ଶୋଇବା ପାଇଁ କୁହାଯାଏ । ହେଲେ ମଧ୍ୟପ୍ରଦେଶ ରୀବାର ଅବସରପ୍ରାପ୍ତ ସରକାରୀ ଅଧିକାରୀ ମୋହନ ଲାଲ ଦ୍ୱିବେଦୀ ଦୀର୍ଘ ୫୦ ବର୍ଷ ଧରି ଶୋଇ ନ ଥିବା ଦାବି କରନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ସେ ଦୀର୍ଘଦିନ ଧରି ଶୋଇ ନ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଛନ୍ତି । ତେବେ ତାଙ୍କର ଏହି ନିଆରା କ୍ଷମତା ଦେଖି ଡାକ୍ତର ମଧ୍ୟ ଚକିତ ହୋଇଛନ୍ତି । ୭୫ ବର୍ଷୀୟ ମୋହନଲାଲଙ୍କ କହିବାନୁଯାୟୀ, ସେ ଶେଷଥର ପାଇଁ ଜରୁରୀକାଳୀନ ପରିସ୍ଥିତି ସମୟରେ ଶାନ୍ତିରେ ଶୋଇଥିଲେ । ତା ପରଠୁ ଅଦ୍ୟାବଧି ସେ ଆଦୌ ଶୋଇ ନାହାନ୍ତି । ପଲକ ବନ୍ଦ ହେବା ସତ୍ତ୍ୱେ ଆଖିକୁ ତାଙ୍କର ନିଦ ଆସେନି । ୫୦ ବର୍ଷ ଧରି ଅନିଦ୍ରା ଥିଲେ ମଧ୍ୟ ତାଙ୍କୁ ଥକ୍କାପଣ, ଦୁର୍ବଳତା ତଥା ମାଂସପେଶୀରେ ଏଲାଗି କୌଣସି ଯନ୍ତ୍ରଣା ଅନୁଭୂତ ହୁଏ ନାହିଁ । ସେ ଗୋଟିଏ ମୁଦ୍ରାରେ ଘଣ୍ଟା ଘଣ୍ଟା ମଧ୍ୟ ବସିପାରନ୍ତି । କେବଳ ସେତିକି ନୁହେଁ, ଦୀର୍ଘ ସମୟ ଧରି କାର୍ଯ୍ୟ ମଧ୍ୟ କରିପାରନ୍ତି । ଏନେଇ ମୋହନଲାଲଙ୍କ କହିବା କଥା, "ତାଙ୍କ ଆଖିକୁ ନିଦ ଆସେନି । ରାତିରେ ଖଟରେ ଶୋଇଲେ ମଧ୍ୟ ତାଙ୍କୁ ନିଦ ହୁଏନି । ଫଳରେ ସେ ରାତିରେ ବହି ପଢ଼ିବା ସହ ବୁଲାବୁଲି କରନ୍ତି । ଏହା ଏବେ ତାଙ୍କ ଜୀବନଚର୍ଯ୍ୟା ପାଲଟି ଯାଇଛି ।" ଚାକିରି ଜୀବନରେ ତାଙ୍କ କାର୍ଯ୍ୟ ଶୈଳୀକୁ ନେଇ ମଧ୍ୟ ବେଶ୍ ଚର୍ଚ୍ଚା ହୁଏ । ତାଙ୍କ ଅଧୀନସ୍ଥ କର୍ମଚାରୀ ତାଙ୍କ ସହ କାର୍ଯ୍ୟ କରିବାକୁ ମଧ୍ୟ ଡରନ୍ତି । କାରଣ ସେ ବିଶ୍ରାମ ନ ନେଇ ଘଣ୍ଟା ଘଣ୍ଟା ଧରି କାର୍ଯ୍ୟ କରିପାରନ୍ତି । ତେବେ ଏହି ନିଦ ନ ଲାଗିବା ସମସ୍ୟାକୁ ନେଇ ସେ ଦିଲ୍ଲୀ, ମୁମ୍ବାଇର ବଡ଼ ବଡ଼ ଡାକ୍ତରଙ୍କୁ ଦେଖାଇଥିଲେ, କିନ୍ତୁ କୌଣସି ସୁଫଳ ମିଳି ନ ଥିଲା । ଯୋଗ, ପ୍ରାଣାୟାମରୁ ନେଇ ଝଡ଼ା ଫୁଙ୍କା ସବୁ ଜିନିଷ ଆପଣାଇଲେ ମଧ୍ୟ ନିଦ ଆସି ନ ଥିଲା । ମୋହନଲାଲଙ୍କ କହିବାନୁଯାୟୀ, ସେ ପ୍ରଥମେ ଏହାକୁ ନେଇ ଚିନ୍ତାରେ ଥିଲେ । ଏବେ ଏହା ତାଙ୍କର ଅଭ୍ୟାସ ପାଲଟିଛି । ବିନା ନିଦ୍ରାରେ ୫୦ ବର୍ଷ ଏହା ବିଜ୍ଞାନ ପାଇଁ ମଧ୍ୟ ଏକ ରହସ୍ୟଜନକ କଥା । ତାଙ୍କର ଏହି ନିଆରା ଅଭ୍ୟାସ ଏବେ ବି ଡାକ୍ତରଙ୍କୁ ଚକିତ କରିଛି ।


# କାମ ଦେଉନି ଆଣ୍ଟିବାୟୋଟିକ୍!



ଏସ୍‌ଏମ୍‌ଏସ୍ ମେଡିକାଲ କଲେଜର ଏକ ଗବେଷଣାରେ ଆଣ୍ଟିବାୟୋଟିକ୍ ଔଷଧକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରାଯାଇଛି । ଗବେଷଣାରୁ ଜଣାପଡ଼ିଛି ଯେ, ଏସିନେଟୋବ୍ୟାକ୍ଟର ଜୀବାଣୁରୁ ହେଉଥିବା ସଂକ୍ରମଣ ଯୋଗୁଁ ଆଣ୍ଟିବାୟୋଟିକ୍ ଔଷଧର ପ୍ରଭାବ ଦ୍ରୁତ ଭାବେ ହ୍ରାସ ପାଉଛି । ଗବେଷଣାରେ ଏହି ସଂକ୍ରମଣର ଚିକିତ୍ସା ନିମନ୍ତେ ବ୍ୟବହାର କରାଯାଇଥିବା ୧୫ଟି ଆଣ୍ଟିବାୟୋଟିକ୍ ଔଷଧର ପରୀକ୍ଷା କରାଯାଇ ଥିଲା । ଏହି ଜୀବାଣୁ ଉପରେ ୧୩ଟି ଔଷଧ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲା । ତେଣୁ ଏହି ସ୍ଥିତିକୁ ବର୍ତ୍ତମାନ ଚିନ୍ତାଜନକ ବୋଲି କୁହାଯାଉଛି । ଏସିନେଟୋବ୍ୟାକ୍ଟର ସଂକ୍ରମଣ ମୁଖ୍ୟତଃ ଗମ୍ଭୀର ରୋଗ ସହିତ ଜଡ଼ିତ । ଡାକ୍ତରଙ୍କ ମତରେ, ଏହି ଜୀବାଣୁ କ୍ଷତରେ ସଂକ୍ରମଣ, ମୂତ୍ର ସଂକ୍ରମଣ ଏବଂ ନିମୋନିଆ ଭଳି ସମସ୍ୟା ସୃଷ୍ଟି କରିଥାଏ । ବିଶେଷକରି ଟ୍ରମା ରୋଗୀ, କ୍ୟାଥେଟର ବ୍ୟବହାର କରୁଥିବା ଲୋକ ଏବଂ ଭେଣ୍ଟିଲେଟରରେ ଥିବା ରୋଗୀଙ୍କଠାରେ ଏହି ବିପଦ ଅଧିକ । ଏହି ଗବେଷଣାରେ ଆଣ୍ଟିବାୟୋଟିକ୍ କାମ ନ ଦେବାର ପଛରେ ଅନେକ କାରଣ ଥିବା କୁହାଯାଇଛି । ଡାକ୍ତରୀ ପରାମର୍ଶ ବିନା ଆଣ୍ଟିବାୟୋଟିକ୍ କିଣିବା, ଭୁଲ୍ ଉପାୟରେ ଏହାକୁ ବ୍ୟବହାର କରିବା, ଭାଇରାଲ ରୋଗରେ ମନଇଚ୍ଛା ଆଣ୍ଟିବାୟୋଟିକ୍ ସେବନ କରିବା ଏହାର କାରଣ ବୋଲି କୁହାଯାଉଛି । ସେହିପରି ଗବେଷଣାରେ ଏସିନେଟୋବ୍ୟାକ୍ଟର ସଂକ୍ରମଣର ୧୭୬୬ ମାମଲାକୁ ବିଶ୍ଳେଷଣ କରାଯାଇ ଥିଲା । ଏନେଇ ଡାକ୍ତରଙ୍କ କହିବା କଥା, ଏହି ଔଷଧ ସମ୍ପୂର୍ଣ୍ଣ ଭାବେ ପ୍ରଭାବଶୂନ୍ୟ ନ ହେଲେ ବି ଏହାର ପ୍ରଭାବ ପୂର୍ବ ଅପେକ୍ଷା ବହୁତ କମିଛି । ଗବେଷଣାରେ ଏକଥା ବି ସାମ୍ନାକୁ ଆସିଛି ଯେ, ଏହି ଜୀବାଣୁ ଉପରେ ସାଧାରଣ ଆଣ୍ଟିବାୟୋଟିକ୍ କାମ କରୁ ନ ଥିବା ଦେଖାଯାଇଛି । ଅନ୍ୟପଟେ ଏହି ଅବହେଳା ଯଦି ଏମିତି ଜାରି ରହିବ ଆଗକୁ ସ୍ଥିତି ଅଧିକ ବିପଦଜନକ ହେବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି ।

# ରାଗ ଶାନ୍ତ ପାଇଁ ନିଆରା ସେବା

ଚୀନ୍‌ରେ 'ଇନଷ୍ଟାଣ୍ଟ ରିପ୍ଲାଏ' ନାମକ ଏକ ବିଚିତ୍ର ସେବାର ଆରମ୍ଭ ହୋଇଛି । ଯେଉଁମାନେ ଏହି ସେବା ପ୍ରଦାନ କରୁଛନ୍ତି ସେମାନଙ୍କୁ 'ମିଆଓ ହୁଇ ସି' ବୋଲି କୁହାଯାଉଛି । ଏହି ସେବାରେ ନିୟୋଜିତ ବ୍ୟକ୍ତି ରାଗୀ ତଥା କ୍ରୋଧୀ ଲୋକଙ୍କ ସହିତ କଥା ହୋଇ ସେମାନଙ୍କୁ ଶାନ୍ତ କରିବା କାମ କରନ୍ତି । ଯେତେବେଳେ ଜଣେ ରାଗ, ନିରାଶ କିମ୍ବା ଭାବନାତ୍ମକ ସ୍ତରରେ ବ୍ୟତିବ୍ୟସ୍ତ ଥାଆନ୍ତି ଏଭଳି ସେବା ପ୍ରଦାନକାରୀ ଲୋକେ ସେମାନଙ୍କ କଥାକୁ ଧୈର୍ଯ୍ୟର ସହ ଶୁଣନ୍ତି ଏବଂ ତତ୍‌କ୍ଷଣାତ୍ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଇଥାନ୍ତି । ମୁଖ୍ୟତଃ ସେମାନଙ୍କ କାମ ହେଉଛି, ଲୋକଙ୍କ ସହିତ ଏମିତି କଥା ହେବା, ଯେମିତି ସେମାନେ ଖୁସି ହେବେ ଏବଂ ସେମାନଙ୍କ ଦୁଃଖ ଦୂର ହେବ । ଏଠାରେ ଏହି ସେବାକୁ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି । କାରଣ ଏହା ଦ୍ୱାରା ଲୋକଙ୍କ ମାନସିକ ଚାପ କମ୍ ହେଉଛି । ଏହାବାଦ୍ ରୋଜଗାରର ବି ଏହା ଏକ ନୂତନ ଓ ନିଆରା ବିକଳ୍ପ ବି ହୋଇପାରିଛି । ଏହି ସେବା ମାଧ୍ୟମରେ ଲୋକେ ମାସକୁ ୧.୨୯ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି । ତେବେ ଏହି ସେବା ଲାଗି ସମୟ ଆଧାରରେ ଫିସ୍ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଅବଶ୍ୟ ଅଧିକାଂଶ ଲୋକ ଏହାକୁ ପାର୍ଟଟାଇମ୍ ଭାବେ କରିବାକୁ ପସନ୍ଦ କରୁଛନ୍ତି । ସେହିପରି ବିଦ୍ୟାର୍ଥୀଙ୍କ ଲାଗି ଏହା ଆୟର ଏକ ଉତ୍ତମ ମାଧ୍ୟମ ହୋଇପାରିଛି । ଏହି ସେବାର ଲାଭ ମୁଖ୍ୟତଃ କର୍ପୋରେଟ୍ କର୍ମଚାରୀ ଉଠାଉଛନ୍ତି । କର୍ପୋରେଟ୍‌ରେ କାମ କରୁଥିବା ଲୋକେ ଅଧିକ କାମ କରି ନିରାଶ ଭାବ ପ୍ରକାଶ କରନ୍ତି । ଏହାବାଦ୍ ଏକୁଟିଆ ରହୁଥିବା ଯୁବକ, ପରସ୍ପରଠାରୁ ଦୂରରେ ରହୁଥିବା ଦମ୍ପତି, ଅବସାଦ ଦେଇ ଗତି କରୁଥିବା ଲୋକ ଏଭଳି ସେବା ଅଧିକ ଲୋଡ଼ୁଥିବାର ଦେଖାଯାଇଛି । ଅନ୍ୟପକ୍ଷରେ ପେସାଦାର ଥେରାପିଷ୍ଟଙ୍କ ଚାର୍ଜ ଅପେକ୍ଷା ଏଭଳି ସେବାର ଫିସ୍ ଶସ୍ତା ହୋଇଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି । ଏଭଳି ଲୋକଙ୍କ ସହିତ କଥା ହୋଇ ରାଗୀ ଲୋକମାନଙ୍କର ରାଗ ଅନେକ ପରିମାଣରେ ହ୍ରାସ ପାଉଥିବା ଦେଖାଯାଉଛି ।





# ପରଟା ତିଆରି କରିବା ମହଙ୍ଗା ପଡ଼ିଲା

ସାମାଜିକ ଗଣମାଧ୍ୟମରେ ଅନେକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସବୁ ସାମ୍ନାକୁ ଆସେ । ଏହିକ୍ରମରେ ଏବେ ଜଣେ ପ୍ରବାସୀ ମହିଳାଙ୍କ କଥା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ବ୍ରିଟେନରେ ରହୁଥିବା ଭାରତୀୟ ମହିଳା ଅଧ୍ୱାନ କପୁର ଘରେ ପରଟା ତିଆରି କରୁଥିଲେ । ହେଲେ ଏହା ପରେ ଯାହା ଘଟିଲା, ତା'କୁ ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି । ସେ ଏ ବାବଦରେ ସାମଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରି କହିଛନ୍ତି । ସେ ଯେତେବେଳେ ପରଟା ସେକିବା ଆରମ୍ଭ କଲେ, ତାଙ୍କ ଘରର ଫାୟାର ଆଲାରାମ୍ ଅଚାନକ ବାଜି ଉଠିଲା । ସେ ଏହାଦେଖି ବ୍ୟସ୍ତ ହୋଇ ପଡ଼ିଲେ । କାରଣ ଖାଦ୍ୟ ନ ଜଳିବା ସତ୍ତ୍ୱେ ବି ଆଲାରାମ୍ ଲଗାତାର ବାଜି ଚାଲିଥିଲା । ଏହି ଘଟଣା ରାତି ପ୍ରାୟ ସାଢ଼େ ୧୧ଟାରେ ଘଟିଥିଲା । ଏହି ସମୟରେ ତାଙ୍କ ଘର ବାହାରର ତାପମାତ୍ରା ଶୂନ୍ୟ ଥିଲା । ବ୍ରିଟେନରେ ରହିବା ସମୟରେ ଏହା ତାଙ୍କ ଲାଗି ସବୁଠୁ ଲଜ୍ୟାଜନକ ମୁହୂର୍ତ୍ତ ଥିଲା ବୋଲି ଅଧ୍ୱାନ କହିଛନ୍ତି । ଆଲାରାମ୍ ପାଖାପାଖି ୨୦ ମିନିଟ୍ ପର୍ଯ୍ୟନ୍ତ ବାଜିଲା ଏବଂ ଶେଷରେ ତାଙ୍କୁ ଦମକଳ ବାହିନୀଙ୍କୁ ଡାକିବାକୁ ପଡ଼ିଲା । ଦମକଳ ବାହିନୀ ଆସି ଆଲାରମ୍‌ଟିକୁ ବନ୍ଦ କରିଥିଲେ । ପରଟା ତିଆରି କରିବା ତାଙ୍କ ପକ୍ଷେ ମହଙ୍ଗା ସାବ୍ୟସ୍ତ ହୋଇଥିବା ସେ କହିଛନ୍ତି । ତେବେ ଭିଡିଓରେ ତାଙ୍କ ପ୍ରତିକ୍ରିୟା ଏବଂ ଚିନ୍ତା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି । ସେହିପରି ତାଙ୍କର ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି । କିଛି ଲୋକ ଏଥିରେ ପ୍ରତିକ୍ରିୟା ଦେଇ କହିଛନ୍ତି, 'ବ୍ରିଟେନରେ ସ୍ମୋକ୍ ଆଲାର୍ମ ଖୁବ୍ ସମ୍ବେଦନଶୀଳ ଏବଂ ଭାରତୀୟ ରାନ୍ଧଣା ବେଳେ ଏହା ଅନେକ ସମୟରେ ବାଜି ଉଠେ । ସେନ୍‌ସର୍‌କୁ ଘୋଡ଼ାଇ ନଚେତ ଏଗଜଷ୍ଟ ଫ୍ୟାନ୍ ବ୍ୟବହାର କରି ଏଭଳି ସ୍ଥିତିକୁ ରୋକାଯାଇପାରିବ ।' ସେହିପରି ଉକ୍ତ ଭିଡିଓଟି ପ୍ରବାସୀମାନେ ବିଦେଶରେ ସାମ୍ନା କରୁଥିବା ସମସ୍ୟାକୁ ପ୍ରତିଫଳିତ କରିଛି ବୋଲି କେହିକେହି ମତ ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ଭାବିଥିବା କାମ ପୂରା କରିବେ । ବନ୍ଧୁଙ୍କ ସହଯୋଗ ମିଳିବ । ଆଇନଜୀବୀଙ୍କୁ ଶୁଭଫଳ ମିଳିବ । ନୂଆ କାମ ଆରମ୍ଭ କରିବାକୁ ଇଚ୍ଛା କରିବେ । ଅର୍ଥପ୍ରାପ୍ତି ଯୋଗ ଅଛି । ବରିଷ୍ଠ ଅଧିକାରୀଙ୍କ ସହ ଭେଟ ହେବ ।

**ବୃଷ:** ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ । ଅଫିସ୍ କାମ ସୁଚାରୁରୂପେ ତୁଲାଇବେ । ଜୀବନସାଥୀଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଛାତ୍ରଛାତ୍ରୀମାନେ ପଢ଼ାରେ କୃତକାର୍ଯ୍ୟ ହେବେ । ମନ ଖୁସି ରହିବ ।

**ମିଥୁନ:** ଅଫିସ୍‌ରେ ନୂଆ ଦାୟିତ୍ୱ ମିଳିବ । ଘର ପାଇଁ ନୂଆ ଜିନିଷ କିଣିବେ । ବ୍ୟବସାୟରେ ଲାଭ ହେବ । ମାର୍କେଟିଂ ସହ ଜଡ଼ିତ ଲୋକଙ୍କୁ ସଫଳତା ମିଳିବ । ନବବିବାହିତା ଦମ୍ପତି ଦୂର ସ୍ଥାନକୁ ବୁଲିବାକୁ ଯିବେ ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବାପାମାଆଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବିରୋଧୀ କାମରେ ବାଧା ଦେବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ ।

**ସିଂହ:** ଭାଇଭଉଣୀଙ୍କ ସାହାଯ୍ୟ ମିଳିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ସମୟ ପୂର୍ବରୁ କାମ ପୂରା କରିବେ । ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ହେବ । ଜୀବନସାଥୀଙ୍କ ସହ ସୁନ୍ଦର ସମୟ ଅତିବାହିତ କରିବେ ।

**କନ୍ୟା:** ଯାତ୍ରାରୁ ଲାଭ ହେବ । କୌଣସି କାର୍ଯ୍ୟକୁ ପୂରା କରିବାରେ ପଡ଼ୋଶୀ ସହାୟତା କରିବେ । ମହିଳାମାନେ କର୍ମଚଞ୍ଚଳ ରହିବେ । ଆଧ୍ୟାତ୍ମିକ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନରେ ଖୁସି ବଜାୟ ରହିବ ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ ହେବ । ପାରିବାରିକ ସମସ୍ୟା ଦେଖା ଦେବ । ଯାନବାହନ ଚାଳନା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ ।

**ବିଛା:** ମାନସିକ ଚିନ୍ତା ଦୂର ହେବ । ସମାଜସେବା ଲାଗି ସମ୍ମାନିତ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ପ୍ରେମିକ ପ୍ରେମିକାଙ୍କ ସମ୍ବନ୍ଧ ମଜଭୁତ ହେବ । ନୂଆ କାମ ଶିଖିବାର ଅବସର ଜୁଟିବ ।

**ଧନୁ:** ବ୍ୟବସାୟରେ ଉନ୍ନତି ଘଟିବ । ଜୀବନସାଥୀଙ୍କଠାରୁ ଉପହାର ମିଳିବ । ମନ ପ୍ରସନ୍ନ ରହିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀ ସମ୍ମାନିତ କରିବେ । ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ ।

**ମକର:** କାମ ବୋଝ ଅଧିକ ରହିବ । କୋର୍ଟ କଚେରୀ ମାମଲାରେ ସଫଳତା ମିଳିବ । ମାନ ସମ୍ମାନ ବଢ଼ିବ । ପରିବାରକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ । କ୍ୟାରିୟରକୁ ଆଗକୁ ନେବା ପାଇଁ ନୂଆ ସୁଯୋଗ ମିଳିବ ।

**କୁମ୍ଭ:** ଶୁଭ ଖବର ମିଳିବ । ଘରକୁ ଅତିଥିଙ୍କ ଆଗମନ ହେବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ । ମହିଳା ବନ୍ଧୁଙ୍କ ସହଯୋଗ ମିଳିବ ।

**ମୀନ:** ସ୍ୱଭାବରେ ପରିବର୍ତ୍ତନ ଆଣିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଛାତ୍ରଛାତ୍ରୀମାନେ ଖେଳକୁଦ ଓ ମନୋରଞ୍ଜନରେ ସମୟ ଅତିବାହିତ କରିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

## ନବୀନ ନିବାସରେ ପହଞ୍ଚିଲେ ପାଟକୁରା କର୍ମୀ ଓ ନେତା

# ପାଟକୁରା ବିଧାୟକ ଅରବିନ୍ଦଙ୍କ ନିଲମ୍ବନକୁ ସ୍ୱାଗତ



ଭୁବନେଶ୍ୱର,୨୧।୧(ସମିସ): ବୁଧବାର ସନ୍ଧ୍ୟାରେ ପାଟକୁରା ନିର୍ବାଚନ ମଣ୍ଡଳୀର ଶହ ଶହ ବିଜେଡି କର୍ମୀ ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେମାନେ ପାଟକୁରା ବିଧାୟକଙ୍କୁ ନିଲମ୍ବନ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏହାସହିତ ଦଳକୁ ମଜବୁତ କରିବାକୁ ଆଗାମୀ ଦିନରେ ସଭାପତି ଯାହା ନିଷ୍ପତ୍ତି ନେବେ ସେଥିପ୍ରତି ସେମାନଙ୍କର ଦୃଢ଼ ସମର୍ଥନ ମଧ୍ୟ ଘୋଷଣା କରିଛନ୍ତି।


ଏହି ଅବସରରେ ପାଟକୁରା ନିର୍ବାଚନମଣ୍ଡଳୀର କର୍ମୀଙ୍କୁ ସମ୍ବୋଧନ କରି ନବୀନ କହିଛନ୍ତି ଯେ ବିଜେଡି ସବୁବେଳେ ଲୋକଙ୍କ ସେବାରେ ବିଶ୍ୱାସ କରେ। ଲୋକଙ୍କ ସ୍ୱାର୍ଥ ବିରୋଧରେ ତଥା ଦଳ ବିରୋଧରେ କାମ କରୁଥିବା ବ୍ୟକ୍ତି ଯେତେ ଶକ୍ତିଶାଳୀ ହେଲେବି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ। ଅନ୍ୟପକ୍ଷରେ ନବୀନ ପାଟକୁରା ବିଧାୟକଙ୍କ ନିଲମ୍ବନର କାରଣ ମଧ୍ୟ କର୍ମୀଙ୍କୁ ଜଣାଇଛନ୍ତି। ସେ କହିଛନ୍ତି ଯେ ପାଟକୁରାରେ ଜନସାଧାରଣଙ୍କ କାର୍ଯ୍ୟ କରିବା ପାଇଁ ମୁଁ ଜଣଙ୍କୁ ବିଶ୍ୱାସ କରି ସୁଯୋଗ ଦେଇଥିଲି। ଆପଣଙ୍କ ନିର୍ବାଚନମଣ୍ଡଳୀ ପାଇଁ ଭଲ କାମ କରିବାକୁ ସୁଯୋଗ ଦେଇଥିଲି; କିନ୍ତୁ ଜାଣିଲି ଯେ ତାଙ୍କ ପାଇଁ ପାଟକୁରାବାସୀ ହଇରାଣ ହରକତ ହେଉଛନ୍ତି। ଦଳରେ ରହି ଯିଏ ଆପଣଙ୍କୁ ହଇରାଣ କରିବ

**ଲୋକଙ୍କ ସ୍ୱାର୍ଥ ବିରୋଧରେ କାମ କଲେ କଠୋର କାର୍ଯ୍ୟାନୁଷ୍ଠାନ: ନବୀନ**

ତାଙ୍କର ସ୍ଥାନ ଦଳରେ ନାହିଁ। ଆପଣମାନେ ଦଳ ପାଇଁ କାମ କରନ୍ତୁ। ଆପଣମାନଙ୍କ ପାଇଁ ଜଣେ ଭଲ ମୁଖିଆ ଆସିବେ ବୋଲି ନବୀନ କହିଥିଲେ। ଆଜି ପାଟକୁରା ବିଜେଡି କର୍ମୀମାନେ ନବୀନଙ୍କୁ ଭେଟିବା ସମୟରେ ବିଧାୟକ ପ୍ରତାପ କେଶରୀ ଦେବ, ବିଧାୟକ ଧ୍ରୁବ ଚରଣ ସାହୁ, ସୁନୀଲ ମହାନ୍ତି, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କ ସମେତ କେନ୍ଦ୍ରାପଡ଼ାର ୫ ଜଣ ଜିଲ୍ଲା ପରିଷଦ ସଭ୍ୟ, ପାଟକୁରାର ଦୁଇ ବ୍ଲକ ଅଧ୍ୟକ୍ଷ ମଧ୍ୟ ଉପସ୍ଥିତ ଥିଲେ।

# ୨.୩ କୋଟି ଠକିନେଲେ ସାଇବର୍ ଲୁଟେରା

**■ ଗୁଜୁରାଟ ଓ ମହାରାଷ୍ଟ୍ରରୁ ୩ ଠକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ**
**■ ଅନ୍‌ଲାଇନ୍ ଟ୍ରେଡିଂ ଓ ଡିଜିଟାଲ ଆରେଷ୍ଟ ନାଁରେ ଲୁଟିଥିଲେ**








କଟକ, ୨୧।୧(ସମିସ): ତିନି ପୃଥକ୍ ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ସାଇବର ପୁଲିସ ୩ଜଣ ଠକଙ୍କୁ ମହାରାଷ୍ଟ୍ର ଓ ଗୁଜୁରାଟରୁ ଗିରଫ କରିଛି। ଅନଲାଇନ୍ ଟ୍ରେଡିଂ ଓ ଡିଜିଟାଲ ଆରେଷ୍ଟ ଆଳରେ ଏହି ଅଭିଯୁକ୍ତମାନେ ୩ଜଣଙ୍କଠାରୁ ମୋଟ ୨ କୋଟି ୩୦ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିଲେ। ମହାରାଷ୍ଟ୍ରର ପୁନେରୁ ଗିରଫ ଅଭିଯୁକ୍ତଜଣଙ୍କ ହେଲା ରମେଶ ଆଞ୍ଜନା (୩୧)। ମୁମ୍ବାଇ ପୁଲିସର ପରିଚୟ ଦେଇ ସେ ଜଣେ ବ୍ୟକ୍ତିଙ୍କୁ ହ୍ୱାଟସଆପ୍ ଭିଡିଓ କଲ୍ ମାଧ୍ୟମରେ ଧମକଚମକ ଦେଇଥିଲା। ତାଙ୍କ ନାମରେ ମନି ଲଣ୍ଡରିଂ ମାମଲାରେ ଗିରଫ ପରୱାନା ଜାରି ହୋଇଛି କହି ତାଙ୍କୁ ଡିଜିଟାଲ ଆରେଷ୍ଟ କରିଥିଲା। ଅଭିଯୁକ୍ତ ତାଙ୍କୁ ଅନଲାଇନ୍‌ରେ ଜେରା କରି ମାନସିକ ନିର୍ଯାତନା ଦେଇଥିଲା। ଏପରିକି, ଆରବିଆଇକୁ ଟଙ୍କା ପଠାଇବାକୁ କହିଥିଲା। ଭୟରେ ବ୍ୟକ୍ତିଜଣଙ୍କ ପ୍ରାୟ ୬୨.୧୮ ଲକ୍ଷ ଟଙ୍କା ଠକମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଠକେଇର ଶିକାର ହୋଇଥିଲେ।

ସେହିଭଳି, ଆଉ ଏକ ଘଟଣାରେ ଅନଲାଇନ୍ ନିବେଶର ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ମହାରାଷ୍ଟ୍ରରୁ ତାନାଜୀ ରାମଚନ୍ଦ୍ର ଶେଲାର(୪୬)ଙ୍କୁ ଗିରଫ କରିଛି। ଏକ ନକଲି ଟ୍ରେଡିଂ ପ୍ଲାଟଫର୍ମରେ ନିବେଶ କଲେ ଅଧିକ ରିଟର୍ଣ୍ଣ ମିଳିବ ବୋଲି ବିଶ୍ୱାସ ଜନ୍ମାଇ ସେ ପ୍ରାୟ ୩୮ ଲକ୍ଷ ୩୮ ହଜାର ଟଙ୍କା ଠକି ନେଇଥିଲା। ସେହିପରି, ନିବେଶ ଆଳରେ ୧.୩୦ କୋଟି ଟଙ୍କାର ଚୂନ ମାରିଥିବା ଜଣେ ଠକକୁ କ୍ରାଇମ୍‌ବ୍ରାଞ୍ଚ ଗୁଜରାଟର ସୁରଟ ଅଞ୍ଚଳରୁ ଗିରଫ କରିଛି। ସେ ହେଲା, ନାସିତ ଭୌତିକଭାଇ ଜୟନ୍ତୀଭାଇ (୩୪)। ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କ ନିକଟରୁ ମୋବାଇଲ୍ ଫୋନ୍ ଏବଂ ସିମ୍‌କାର୍ଡ ଜବତ କରିଛନ୍ତି। ଆଇନରେ ଡିଜିଟାଲ ଆରେଷ୍ଟ ବୋଲି କୌଣସି ଶବ୍ଦ ନାହିଁ, ତେଣୁ ନାଗରିକମାନେ ଏପରି କଲ୍ ପ୍ରତି ସତର୍କ ରହିବାକୁ କ୍ରାଇମବ୍ରାଞ୍ଚ ସତର୍କ କରାଇଛି।

## ହାତୀ ଘଉଡାଇବା ବେଳେ ଅଘଟଣ

# ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

ରାଉରକେଲା, ୨୧।୧ (ସମିସ): ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ବିଶ୍ରା ବନାଞ୍ଚଳରେ ଆଜି ସକାଳେ ହାତୀ ଘଉଡ଼ାଇବା ବେଳେ ଅଘଟଣ ଘଟିଛି। ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ନୂଆଗାଁ ବ୍ଲକ୍ ବାରିଲେପଟା ପଞ୍ଚାୟତ ପାହାଡ଼ଟୋଲି ବସ୍ତିର ଚାଷୀ ଲବ ସିଂ(୪୮)।



ସକାଳ ପ୍ରାୟ ୭ଟାରେ ଗୋଟିଏ ଝାଡ଼ଖଣ୍ଡୀ ଦନ୍ତା ହାତୀ ବାରିଲେପଟା ପାହାଡ଼ଟୋଲି ବସ୍ତିକୁ ପଶି ଆସିଥିଲା। ହାତୀଟି ଗାଁର ଗଙ୍ଗା ସିଂଙ୍କ ଖଳାରେ ଧାନ ଖାଇଥିଲା। ଏହି ସମୟରେ କିଛି ଗ୍ରାମବାସୀ ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ହାତୀଟି ହଠାତ୍ ବୁଲିପଡ଼ି ଲବଙ୍କ ଆଡ଼କୁ ଦ୍ରୁତଗତିରେ ମାଡ଼ି ଆସିଥିଲା। ଲବ ଜୀବନ ବିକଳରେ ଦୌଡ଼ିବା ବେଳେ ତଳେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବିଶ୍ରା ବନ ବିଭାଗର ଫରେଷ୍ଟର୍ ପାଉଲୁସ ଓରାମ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀଟିକୁ ସେଠାରୁ ଘଉଡ଼ାଇଥିଲେ। ଅପରପକ୍ଷେ, ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲବଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୪ମାସ ହେବ ବିଶ୍ରା ବନାଞ୍ଚଳର ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗି ରହିଛି। କିନ୍ତୁ ବନ ବିଭାଗ ସେମାନଙ୍କୁ ଘଉଡ଼ାଉ ନଥିବାରୁ ଆଜି ଏହି ଅଘଟଣ ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ସାତକୋଶିଆରେ ମାତିଛି ମହାବଳ

**ଖାଇଲା ୨ ବଳଦ ଓ ୨ ଗାଈ**

ମହୁଲଡିହା/ଠାକୁରମୁଣ୍ଡା, ୨୧।୧(ସମିସ): ସାତକୋଶିଆରେ ମାତିଛି ମହାବଳ। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳରେ ଗୋଟିଏ ବାଘ ୨ ଦିନରେ ୨ଟି ଗାଈ ଓ ୨ଟି ବଳଦ ମାରି ଖାଇଛି। ଏହାକୁ ନେଇ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଭୟର ବାତାବରଣ ଖେଳି ଯାଇଛି। ବାଘ ଭୟରେ ସଂଧ୍ୟା ହେଲେ ଗାଁରେ ତାଟିକବାଟ ପଡ଼ି ଯାଉଛି।



ସୂଚନା ମୁତାବକ, ଜଙ୍ଗଲର କମ୍ପାର୍ଟମେଣ୍ଟ ନମ୍ବର ୧୪ରେ ବାଘଟି ଗତ କିଛି ଦିନ ହେଲା ଘୂରି ବୁଲୁଛି। ଭାଲିଆଡାଳ ଗ୍ରାମର ଖେଜୁରୀ ପୂର୍ତ୍ତିଙ୍କ ଗୋଟିଏ ବଳଦ ଓ ଗୋଟିଏ ଗାଈ, କୃପା ହେମ୍ବ୍ରମଙ୍କ ଗୋଟିଏ ବଳଦ, କାଣ୍ଡେରାମ ଜଙ୍କଙ୍କ ଗୋଟିଏ ଗାଈ ଜଙ୍ଗଲକୁ ଚରିବାକୁ ଯାଇଥିବା ବେଳେ ବାଘ ହାବୁଡ଼ରେ ପଡ଼ିଥିଲେ। ଗୋରୁଗୁଡ଼ିକ ସାଳନ୍ଦୀ ନଦୀ (ବାଲିଦର)କୁ ପାଣି ପିଇବାକୁ ଯାଇଥିବା ବେଳେ ବାଘଟି ସେମାନଙ୍କୁ ଶିକାର କରିଥିଲା। ଏପଟେ ଗୋରୁଗୁଡ଼ିକ ନିଖୋଜ ଥିବାରୁ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ଜଙ୍ଗଲରୁ ସେମାନଙ୍କ ଅଧାଖିଆ ଶବ ଦେଖି ଆଜି ବନ ବିଭାଗକୁ ଖବର ଦେଇଥିଲେ। ସାତକୋଶିଆ ରେଞ୍ଜର୍ ରବୀନ୍ଦ୍ର ମହାନ୍ତ, ମହୁଲଡିହା ବନପାଳ ବିଶ୍ୱଜିତ ମହାନ୍ତ, ସାତକୋଶିଆ ବନପାଳ ଗୌତମ ମହାନ୍ତ, ବନରକ୍ଷୀ ମକରଧ୍ୱଜ ନାଏକ, ସନତ ମହାନ୍ତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଗୋରୁଗୁଡ଼ିକୁ ମହାବଳ ଶିକାର କରିଥିବା ସେମାନେ ସ୍ପଷ୍ଟ କରିଥିଲେ। ଅପରପକ୍ଷେ, ଏହି ଘଟଣା ଜଣାପଡ଼ିବା ପରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଭୟର ବାତାବରଣ ଖେଳି ଯାଇଛି। ସଂଧ୍ୟା ପରେ ଘରୁ ନ ବାହାରିବାକୁ କିମ୍ବା ଗାଈଗୋରୁଙ୍କୁ ଜଙ୍ଗଲକୁ ନ ଛାଡ଼ିବାକୁ ବନ ବିଭାଗ ସଚେତନ କରାଇଛି।

# ଢାବାରେ ହାତୀଦାନ୍ତ ମୂଲଚାଲ

**ଗ୍ରାହକ ସାଜି ୨ଜଣଙ୍କୁ କାବୁ କଲା ବନ ବିଭାଗ**

ବାରିପଦା,୨୧।୧(ସମିସ): ହାଡ଼କୁ ହାତୀଦାନ୍ତ କହି ବିକିବାକୁ ଗରାଖ ଖୋଜୁଥିଲେ। ବନ ବିଭାଗ ଗ୍ରାହକ ସାଜି ସେମାନଙ୍କୁ ମାଡ଼ି ବସିଲା। ବାରିପଦା ସଦର ଥାନା ଅଧୀନ ବାଲଡ଼ିହା ପଞ୍ଚାୟତରେ ଥିବା ଏକ ଢାବାରୁ ବନ ବିଭାଗ ଦୁଇ ଠକ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ବାରିପଦା ସଦର ଥାନା ଅଧୀନ ବାଲଡିହା ଅଞ୍ଚଳର ପ୍ରଶାନ୍ତ ମାଝୀ (୩୦) ଓ ସୋମନାଥ ନାୟକ(୩୨)। ସେମାନଙ୍କଠାରୁ ବନ ବିଭାଗ ୨ରୁ ୩ ଇଞ୍ଚ ମୋଟେଇ ଏବଂ ୧୦ରୁ ୧୨ଇଞ୍ଚ ଲମ୍ବର ଏକ ହାଡ଼ ଜବତ କରିଛି। ସେମାନେ ତାକୁ ହାତୀର ଦାନ୍ତ ଭଳି ଆକାର ଦେଇଥିଲେ। ତେବେ ହାଡ଼ଟି କେଉଁ ବନ୍ୟପ୍ରାଣୀର ହାଡ଼, ତାହା ଜାଣିବା ପାଇଁ ବନ ବିଭାଗ ତାହାକୁ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଇଛି।

ସୂଚନା ମୁତାବକ, ପ୍ରଶାନ୍ତ ଓ ସୋମନାଥ ଗତକାଲି ଏକ ଢାବାରେ ବସି ହାତୀଦାନ୍ତ ପାଇଁ ମୂଲଚାଲ କରୁଥିଲେ। ପାଖରେ ଦୁର୍ମୂଲ୍ୟ ହାତୀଦାନ୍ତ ଅଛି ବୋଲି କହି ଗ୍ରାହକ ଯୋଗାଡ଼ କରୁଥିଲେ। ଏହି ଖବର ବନବିଭାଗ କାନରେ ପଡ଼ିବା ପରେ ଦୁହିଁଙ୍କୁ ଧରିବା ପାଇଁ ବନ ବିଭାଗ ଜାଲ ବିଛାଇଥିଲା। ସ୍ଥାନୀୟ ପୁଲିସ ସହାୟତାରେ ବନ ବିଭାଗ ଉକ୍ତ ଢାବାରେ ପହଞ୍ଚିଥିଲା। ବନ ବିଭାଗର ଦୁଇ ତିନିଜଣ କର୍ମଚାରୀ ହାତୀଦାନ୍ତ କିଣିବାକୁ ଆଗ୍ରହ ପ୍ରକାଶ କରି ପ୍ରଶାନ୍ତ ଓ ସୋମନାଥ ସହ ଡିଲ୍ କରିଥିଲେ। ଡିଲ୍ ଫାଇନାଲ ହେବା ପରେ ଦୁହେଁ ଏକ ବ୍ୟାଗରୁ ହାଡ଼ ବାହାର କରୁଥିବା ବେଳେ ପାଖରେ ଛକି ରହିଥିବା ପୁଲିସ୍ ଓ ଅନ୍ୟ ବନ କର୍ମଚାରୀମାନେ ସେମାନଙ୍କୁ କାବୁ କରିନେଇଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଦୁହେଁ ହାତୀଦାନ୍ତ ନାଁରେ ଏକ ହାଡ଼ ବିକିବାକୁ ଆଣିଥିଲେ। ବନ ବିଭାଗ ସେମାନଙ୍କୁ ଅଧିକ ପଚରାଉଚରା କରି ଅଧିକ ତଦନ୍ତ ଚଳାଇଛି। ଏମାନଙ୍କ ସହ ଆଉ କିଛି ଅଭିଯୁକ୍ତ ଏହି ବେଆଇନ କାରବାରେ ସଂପୃକ୍ତ ଥାଇପାରନ୍ତି ବୋଲି ବନ ବିଭାଗ ସନ୍ଦେହ କରିଛି।

# ୨୦୨୭ ସୁଦ୍ଧା ଦେଢ଼ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ରାସ୍ତା

ଭୁବନେଶ୍ୱର,୨୧।୧(ସମିସ): ୨୦୨୭ ସୁଦ୍ଧା ଦେଢ ଶହ ଜନସଂଖ୍ୟା ଥିବା ସମସ୍ତ ଗାଁକୁ ରାସ୍ତା ନିର୍ମାଣ ହେବ। ଏହି କ୍ରମରେ ୨୦୨୭ ସୁଦ୍ଧା ୭୫ ହଜାରରୁ ଅଧିକ ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ୩୦ ହଜାରରୁ ଅଧିକ ରାସ୍ତା ନିର୍ମାଣ ହୋଇଥିବା ବେଳେ ସମୟ ସୀମା ମଧ୍ୟରେ ସମସ୍ତ କାମ ସାରିବାକୁ ଟାର୍ଗେଟ ରଖାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ୯୨ଟି ବ୍ରିଜ୍‌କୁ ଆପ୍ରୋଚ ରାସ୍ତା ନଥିଲା। ସରକାର ଆସିବା ପରେ ୫୦ଟି ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିଲାଣି। ଖୁବଶୀଘ୍ର ବାକି କାମ ମଧ୍ୟ ଶେଷ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଆସନ୍ତା ୩ ମାସରେ ଶତ ପ୍ରତିଶତ ବଜେଟ୍ ଖର୍ଚ୍ଚ କରିବାକୁ ସବୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବଜେଟ ଖର୍ଚ୍ଚ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ସୁଦ୍ଧା ୫୩ ପ୍ରତିଶତ ବଜେଟ୍ ଖର୍ଚ୍ଚ ସରିଥିବା ବେଳେ ୩ ମାସରେ ଶତ ପ୍ରତିଶତ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରହିଥିବା ମନ୍ତ୍ରୀ କହିଛନ୍ତି।

# ଜନସ୍ୱାର୍ଥ ମାମଲାର ଅପବ୍ୟବହାର ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ,୨୧।୧(ସମିସ): ଜନସ୍ୱାର୍ଥ ମାମଲାର ଅପବ୍ୟବହାର ହେଉଥିବା ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ ସରକାରୀ ଅଧିକାରୀଙ୍କ ବଦଳି ପ୍ରସଙ୍ଗକୁ ଏକ ଜନସ୍ୱାର୍ଥ ମାମଲା ଭାବେ ଦାୟର କରାଯିବାକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ୫୦ହଜାର ଟଙ୍କା ଦଣ୍ଡ ରାଶି ପଇଠ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଅର୍ଥରାଶିକୁ ତିନି ସପ୍ତାହ ମଧ୍ୟରେ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିକଟରେ ଜମା କରିବାକୁ କୁହାଯାଇଛି। ଏହି ଜରିମାନା ଅର୍ଥ ରାଜ୍ୟର ଶିଶୁ ସୁଧାର ଗୃହର ଅନ୍ତେବାସୀମାନଙ୍କୁ ଉନ୍ନତ ସୁବିଧା ସୁଯୋଗ ଯୋଗାଇବା ପାଇଁ ବ୍ୟବହାର କରାଯିବ ବୋଲି କୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଏବଂ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ଲକ୍ଷ୍ମୀଧର ବିଶ୍ୱାଳ ଓ ଅନ୍ୟମାନଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

**୫୦ ହଜାର ଟଙ୍କା ଦଣ୍ଡ ଗଣିବେ ଆବେଦନକାରୀ**

ବଦଳି ବା ନିଯୁକ୍ତି ହେଉଛି ସରକାରୀ ସେବାର ଏକ ଅଭିନ୍ନ ଅଙ୍ଗ। କେଉଁ ଅଧିକାରୀ କେଉଁଠି ନିଯୁକ୍ତି ପାଇବେ, ତାହା ପ୍ରଶାସନିକ କର୍ତ୍ତୃପକ୍ଷ ସ୍ଥିର କରିବେ। କିଛି ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ ପାଇଁ କିମ୍ବା କୌଶଳର ସହ ଜନସ୍ୱାର୍ଥ ମାମଲାର ଆଳ ନେଇ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି, ଯାହା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ଖଣ୍ଡପୀଠ। ଆବେଦନକାରୀ ଜଣେ ସରକାରୀ ଅଧିକାରୀଙ୍କ ବଦଳିକୁ ଚ୍ୟାଲେଞ୍ଜ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ ସରକାରୀ ନିୟମ ଅନୁସାରେ ଜଣେ କର୍ମଚାରୀଙ୍କୁ ତାଙ୍କ ନିଜ ଜିଲ୍ଲା ବା ହୋମ-ଟାଉନରେ ନିଯୁକ୍ତି ଦିଆଯାଇପାରିବ ନାହିଁ।

## କନିଷ୍ଠ ଯନ୍ତ୍ରୀ (ସିଭିଲ) ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା

# ଆବେଦନକାରୀଙ୍କୁ ଓଏସ୍ଏସ୍‌ସିର ବାସନ୍ଦ ହାଇକୋର୍ଟରେ ରଦ୍ଦ

କଟକ, ୨୧।୧(ସମିସ): ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସଏସସି) ଦ୍ୱାରା ପରିଚାଳିତ କନିଷ୍ଠ ଯନ୍ତ୍ରୀ (ସିଭିଲ) ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ପ୍ରଶ୍ନପତ୍ର ଲିକ୍ ବିବାଦ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଆବେଦନକାରୀ ପରୀକ୍ଷାର୍ଥୀମାନଙ୍କ ବିରୋଧରେ ଓଏସ୍ଏସ୍‌ସି ଜାରି କରିଥିବା ୬ବର୍ଷିଆ ବାସନ୍ଦ ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋପାଳକ୍ରିଷ୍ଣ ବେହେରା ଓ ଅନ୍ୟ ୨୮ଜଣଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ସେପ୍ଟେମ୍ବର ୩ରେ ଅନୁଷ୍ଠିତ ମୁଖ୍ୟ ପରୀକ୍ଷାରେ ଯେଉଁ ଆବେଦନକାରୀମାନେ ଭାଗ ନେଇଥିଲେ ଏବଂ ଯଦି ସେମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇନାହିଁ, ତେବେ ସେମାନଙ୍କ ପରୀକ୍ଷାଫଳ ୨୦୨୬ଜୁନ ସୁଦ୍ଧା ପ୍ରକାଶ କରିବାକୁ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସେମାନେ ଯୋଗ୍ୟବିବେଚିତ ହୁଅନ୍ତି, ନିୟମ ଅନୁଯାୟୀ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଅନ୍ୟପଟରେ, ଯଦି ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ଶେଷ ହେବା ପରେ ଯଦି କୌଣସି ପରୀକ୍ଷାର୍ଥୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୁଏ, ତେବେ ବାସନ୍ଦ ଆଦେଶ ସ୍ୱୟଂଚାଳିତ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୨ ନଭେମ୍ବରରେ ୧୦୦୮ଟି କନିଷ୍ଠ ଯନ୍ତ୍ରୀ (ସିଭିଲ) ପଦବୀ ପାଇଁ ଓଏସ୍ଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହେବା ପରେ ବାଲେଶ୍ୱରର ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ କିଛି ପରୀକ୍ଷାର୍ଥୀଙ୍କୁ ତାଳସାରି ବେଳାଭୂମି ନିକଟସ୍ଥ ଏକ ସ୍ଥାନକୁ ନିଆଯାଇ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲା। ଏହା ପରେ ଆୟୋଗ ପକ୍ଷରୁ ପୂର୍ବ ପରୀକ୍ଷାକୁ ବାତିଲ କରାଯାଇ ୨୦୨୩ ସେପ୍ଟେମ୍ବର ୩ରେ ପୁଣିଥରେ ମୁଖ୍ୟ ପରୀକ୍ଷା କରାଯାଇଥିଲା। ଏହି ମାମଲାରେ ସଂପୃକ୍ତି ଥିବା ସନ୍ଦେହ କରି ଓଏସଏସ୍‌ସି (ଓଡ଼ିଶା ଷ୍ଟାଫ ସିଲେକ୍ସନ କମିସନ) ଗତ ୨୦୨୫ ମେ' ୧୨ ରେ ଏକ ଆଦେଶ ଜାରି କରି ଆବେଦନକାରୀମାନଙ୍କୁ ୧୬ ଜୁଲାଇ ୨୦୨୩ରୁ ୧୫ଜୁଲାଇ ୨୦୨୯ ପର୍ଯ୍ୟନ୍ତ, ୬ବର୍ଷ ପାଇଁ କୌଣସି ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ବାରଣ କରିଥିଲା। ଏଥିସହ ସେମାନଙ୍କର ସମସ୍ତ ପରୀକ୍ଷା ଆବେଦନକୁ ରଦ୍ଦ କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ପରୀକ୍ଷାର୍ଥୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଦ୍ୱାରା ଦାଖଲ ହୋଇଥିବା ପ୍ରାଥମିକ ଚାର୍ଜସିଟ୍‌ରେ ସେମାନଙ୍କର ନାମ ନଥିବା ଏବଂ ସେମାନଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରମାଣ ମିଳି ନଥିବା ତଦନ୍ତକାରୀ ଅଧିକାରୀ କହିଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

## ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ବିରୋଧରେ ଗିରଫ ପରୱାନା ପ୍ରସଙ୍ଗ

# ପାଣିରେ ପଡୁଛି ବାର୍ଷିକ ଦେଢ଼ କୋଟି ଦରମା!

ଭୁବନେଶ୍ୱର, ୨୧।୧ (ସମିସ): ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁପାଳନ ନକରିବା ଯୋଗୁଁ ଉଚ୍ଚଶିକ୍ଷା ସଚିବଙ୍କ ନାମରେ ଗିରଫ ପରୱାନା ଜାରି କରିଛନ୍ତି ହାଇକୋର୍ଟ। ଏହାକୁ ନେଇ ପାୱାର୍ କରିଡର୍‌ରେ କମ୍ପନ ସୃଷ୍ଟି ହୋଇଛି। ଉଚ୍ଚଶିକ୍ଷା ବିଭାଗର ଦାୟିତ୍ୱହୀନତା ଓ ବେପାରୁଆ ମନୋଭାବକୁ ଶିକ୍ଷାବିତ୍‌ମାନେ ନିନ୍ଦା କରୁଥିବା ବେଳେ ଆହୁରି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ବିଭାଗ ସମ୍ବନ୍ଧିତ ନ୍ୟାୟିକ ମାମଲା ପରିଚାଳନା ପାଇଁ ସରକାର ୩ଜଣ ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ନିଯୁକ୍ତ କରିଥିବା ବେଳେ ଜଣେ ଓଏସ୍‌ଡି, ୧୦ଜଣ ଲିଗାଲ୍ କନସଲଟାଣ୍ଟ ଏବଂ ୩୫ଜଣ ଲିଗାଲ୍ ଟ୍ରେନି ଭାବେ ନିଯୁକ୍ତ ହୋଇଛନ୍ତି। ଏମାନେ ବାର୍ଷିକ ପ୍ରାୟ ଦେଢ଼ କୋଟିରୁ ଅଧିକ ଟଙ୍କା ଦରମା ପାଉଥିବା ବେଳେ କିପରି କାମ କରୁଛନ୍ତି ଯେ ସଚିବଙ୍କ ନାମରେ ଗିରଫ ପରୱାନା ଜାରି ହେଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଉଚ୍ଚଶିକ୍ଷା ବିଭାଗରେ ଆଇନ ସମ୍ବନ୍ଧୀୟ ମାମଲାର ପରିଚାଳନା କରିବା ପାଇଁ ସରକାରୀ ଭାବେ ୩ଜଣ ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ନିଯୁକ୍ତ ହୋଇଛନ୍ତି। ମାମଲା ସଂଖ୍ୟା ଅଧିକ ହେଉଥିବାରୁ ବିଭାଗ ପକ୍ଷରୁ ପ୍ରାୟ ୪୬ଜଣ ଆଇନ ବିଶେଷଜ୍ଞଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି। ପ୍ରାୟ ଦେଢ଼ ବର୍ଷ ପୂର୍ବରୁ ଅବସର ନେଇଥିବା ଅତିରିକ୍ତ ନିର୍ଦ୍ଦେଶକ (ଆଇନ) ସୂର୍ଯ୍ୟନାରାୟଣ ମହାପାତ୍ରଙ୍କୁ ଓଏସ୍‌ଡି ଭାବେ ପୁନଃନିଯୁକ୍ତ କରାଯାଇଛି। ସେହିପରି ମାସିକ ପ୍ରାୟ ୫୦ହଜାର ଲେଖାଏଁ ଦରମା ଦେଇ ୧୦ଜଣଙ୍କୁ ଲିଗାଲ୍ କନସଲଟାଣ୍ଟ ଏବଂ ମାସିକ ୨୦ ହଜାର ଟଙ୍କା ଲେଖାଏଁ ଦେଇ ୩୫ଜଣଙ୍କୁ ଲିଗାଲ୍ ଟ୍ରେନି ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତ କରାଯାଇଛି। ଅର୍ଥାତ୍ ଆଇନଗତ ମାମଲା ପରିଚାଳନା ପାଇଁ କେବଳ ଉଚ୍ଚଶିକ୍ଷା ବିଭାଗ ୪୬ଜଣଙ୍କୁ ନିଯୁକ୍ତ କରିଥିବା ବେଳେ ଏଥିପାଇଁ ବାର୍ଷିକ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟ କରୁଛି। ମାତ୍ର ଅଦାଲତଙ୍କ ରାୟ ପାଳନ ସଠିକ୍ ସମୟରେ ହୋଇପାରୁନାହିଁ। ଏଣୁ, ଏକାଧିକ ଆବେଦନକାରୀ ପୁଣି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଉଛନ୍ତି। ସରକାର ବିପୁଳ ପରିମାଣର ଅର୍ଥ ବ୍ୟୟ କରୁଥିବା ବେଳେ ଅଦାଲତଙ୍କ ରାୟ ପାଳନ ହୋଇ ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

**■ ଆଇନଗତ ମାମଲା ପରିଚାଳନା ପାଇଁ ୪୬ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି**
**■ ଅବସରପ୍ରାପ୍ତଙ୍କୁ ମଧ୍ୟ ଦିଆଯାଇଛି ପୁନଃ ନିଯୁକ୍ତି**

ଶିକ୍ଷାବିତ୍ ଓ ଆଇନ ବିଶେଷଜ୍ଞଙ୍କ କହିବା କଥା, ପର୍ଯ୍ୟାପ୍ତ ମାନବସମ୍ବଳ ନିୟୋଜିତ ହୋଇଥିଲେ ମଧ୍ୟ ତଦନୁଯାୟୀ କାର୍ଯ୍ୟ ନହେବା ଦୁର୍ଭାଗ୍ୟଜନକ। ଅଭିଜ୍ଞତା ନ ଥିବା ପିଲାଙ୍କୁ ଲିଗାଲ୍ ଟ୍ରେନି ଭାବେ ନିଯୁକ୍ତି ଦେବା କାରଣରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏପରିକି, କିଛି କଲେଜ ପିଲାଙ୍କୁ ପାଠପଢ଼ା ସରିବା ପୂର୍ବରୁ ମଧ୍ୟ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ତେଣୁ, ନେଡି ଗୁଡ଼ କହୁଣିକୁ ବୋହିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏବେ ବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି ପର୍ଯ୍ୟନ୍ତ କଥା ଗଲାଣି। ବିଭାଗ ତ୍ରୁଟି ନ ସୁଧାରିଲେ ଆଗକୁ ଏପରି ଘଟଣାର ପୁନରାବୃତ୍ତି ଘଟିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ତପନ କୁମାର ପଟ୍ଟନାୟକ ଓ କ୍ଷୀରୋଦ ପ୍ରସାଦ ସାହୁଙ୍କ ତରଫରୁ ଦାୟର ଦୁଇ ପୃଥକ୍ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ବିରୋଧରେ ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ଗୁରୁବାର ସଚିବଙ୍କୁ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି।

# ୩୦ ଜିଲ୍ଲା ପାଇଁ ୩୦ ଜଳପ୍ରଭାରୀ ନିଯୁକ୍ତ

ଭୁବନେଶ୍ୱର,୨୧।୧(ସମିସ): ରାଜ୍ୟରେ ତୃଣମୂଳସ୍ତରରେ କାର୍ଯ୍ୟାନ୍ୱୟନ ହେଉଥିବା ଜଳସେଚନ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ ହେଉନାହିଁ। ଏହାଦ୍ୱାରା ପ୍ରକଳ୍ପ ଅଟକଳ ରାଶି ବଢ଼ିବଢ଼ି ଯାଉଥିବା ବେଳେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲାସ୍ତରରେ କାର୍ଯ୍ୟାନ୍ୱୟନ ହେଉଥିବା ପ୍ରକଳ୍ପର ନିରୀକ୍ଷଣ ତଥା ତଦାରଖ ପାଇଁ ବିଭାଗ ପକ୍ଷରୁ ୩୦ ଜିଲ୍ଲା ପାଇଁ ୩୦ ପ୍ରଭାରୀ ନିଯୁକ୍ତ ହୋଇଛନ୍ତି। ସେମାନେ ନିୟମିତ ଜିଲ୍ଲା ଗସ୍ତ କରି ପ୍ରକଳ୍ପ ସମୀକ୍ଷା କରିବେ।

ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକରେ ଜଳସମ୍ପଦ ବିଭାଗର ବିଭିନ୍ନ ଶାଖାର ଅଧିକାରୀଙ୍କ ସହ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେଉଥିବା ଅଞ୍ଚଳର ତହସିଲଦାର ଓ ବିଡିଓ ଉପସ୍ଥିତ ରହିବେ। ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେଉଥିବା ଅଞ୍ଚଳରେ ଥିବା ପୁନର୍ବାସ ଓ ଥଇଥାନ କଲୋନୀକୁ ଜଳପ୍ରଭାରୀ ଗସ୍ତ କରିବା ସହ ସେମାନଙ୍କର ପ୍ରତିକ୍ରିୟା ସଂଗ୍ରହ କରିବେ।

ବିଜ୍ଞପ୍ତି ଅନୁଯାୟୀ ଢେଙ୍କାନାଳ ଜିଲ୍ଲା ପାଇଁ ଆଇଏଏସ୍ ନରହରି ସେଠୀଙ୍କୁ ଜଳପ୍ରଭାରୀ ଭାବେ ନିଯୁକ୍ତି ମିଳିଥିବା ବେଳେ ଗଞ୍ଜାମ ପାଇଁ ମୁକୁଳ ବେରା (ସର୍ବୋଚ୍ଚ ଯନ୍ତ୍ରୀ, ପ୍ରକ୍ୟୁୟୋରମେଣ୍ଟ)ଙ୍କୁ ନିଯୁକ୍ତି ମିଳିଛି। ନୟାଗଡ ଜିଲ୍ଲା ପାଇଁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇ. ସାଗର ମହାନ୍ତି, କେନ୍ଦ୍ରାପଡା ଜିଲ୍ଲା ପାଇଁ ଭକ୍ତ ରଞ୍ଜନ ମହାନ୍ତି(ସର୍ବୋଚ୍ଚ ଯନ୍ତ୍ରୀ, ସ୍କିମ ଓ ମନିଟରିଂ) ନିଯୁକ୍ତ ହୋଇଛନ୍ତି।

## ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ଦାବି

# ଜିଲ୍ଲାପାଳଙ୍କ ଅଫିସ ଘେରିଲେ ଆଦିବାସୀ

ଯାଜପୁର ୨୧ ।୧(ସମିସ)



ଜଙ୍ଗଲ ଜମି ଉପରେ ଦଖଲ କରି ଜୀବିକା ନିର୍ବାହ କରୁଥିବା ପ୍ରତି ପରିବାରକୁ ଚାରି ହେକ୍ଟର ପର୍ଯ୍ୟନ୍ତ ଜମି ପଟ୍ଟା ଦେବାର ଜଙ୍ଗଲ ଅଧିକାର ଆଇନରେ ନିର୍ଦ୍ଦେଶାବଳୀ ରହିଛି । କିନ୍ତୁ ଜଙ୍ଗଲ ଅଧିକାର ଆଇନକୁ ଅକାମି କରି ବର୍ଷ ବର୍ଷ ଧରି ଜଙ୍ଗଲ ଜମିଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଶହେରୁ ଊର୍ଦ୍ଧ୍ୱ ପରିବାରକୁ ପଟ୍ଟା ଦେବାରେ ପକ୍ଷପାତିତା ନୀତି ଆପଣେଇଛି ଖୋଦ୍ ଜିଲ୍ଲା ପ୍ରଶାସନ। ଯାହାକୁ ନେଇ ଆଦିବାସୀ ସାନ୍ତାଳ ସମାଜ, ସିଭିଲ ସୋସାଇଟି ଯାଜପୁର ଆହ୍ୱାନ କ୍ରମେ ବୁଧବାର ସକାଳୁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯାଇଛି । ଉକ୍ତ ଧାରଣାକୁ ଆମ୍ବେଦକର ଫାଉଣ୍ଡେସନ, ମୂଳ ନିବାସୀଯୁବ ଛାତ୍ର ସମ୍ମୁଖ୍ୟ ପ୍ରମୁଖ ସମର୍ଥନ ଦେଇଥିବାବେଳେ ସାନ୍ତାଳୀ ଆଦିବାସୀମାନେ ଯାଜପୁର ଟାଉନ ର କିଆନାଳି ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ପ୍ରଦର୍ଶନ କରିଥିଲେ ।

ସୂଚନାଯୋଗ୍ୟ ଯାଜପୁର ଜିଲ୍ଲା କୋରେଇ ବ୍ଲକ ବ୍ୟାସନଗର ତହସିଲ ଅଧୀନ ପଛିକୋଟ ଆରଆଇ ସର୍କଲର ଗୋହିରାଗାଡ଼ିଆ (ଭାଲୁକାହୁଡ଼ି) ଗାଁ ରେ ଶହେରୁ ଊର୍ଦ୍ଧ୍ୱ ବସବାସ କରି ଆସୁଛନ୍ତି । କେନ୍ଦୁଝର ଯାଜପୁର ସୀମାନ୍ତବର୍ତ୍ତୀ ବରାଙ୍ଗ ଜଙ୍ଗଲ ସହ ଗୋହିରାଗାଡ଼ିଆ ମଲାରିଆ ଜଙ୍ଗଲ ସନ୍ନିକଟରେ ବସତି ସ୍ଥାପନ କରି ଜଙ୍ଗଲ ଜମିକୁ କାହିଁ କେଉଁ କାଳରୁ ଦଖଲକରି ବିଭିନ୍ନ ପ୍ରକାର ଚାଷ ବାସ କରି ଜୀବିକା ନିର୍ବାହ କରିଆସୁଛନ୍ତି। ଉକ୍ତ ବାସିନ୍ଦାଙ୍କ ପକ୍ଷରୁ ଗତ ୨୦୨୩ ମସିହାରେ ଜଙ୍ଗଲ ଅଧିକାର କମିଟି କରି ଜଙ୍ଗଲ ଅଧିକାର ଆଇନ ଆଧାରରେ ପଟ୍ଟା ପାଇଁ ଫର୍ମ ଦେଇ ଆବେଦନ କରାଯାଇଛି । ସ୍ଥାନୀୟ ତହସିଲଦାର, ଉପ ଜିଲ୍ଲାପାଳ, ଜିଲ୍ଲାପାଳଙ୍କୁ ବହୁବାର ଅବଗତ କରାଯାଇଛି ହେଲେ ବନ ବିଭାଗ, ରାଜସ୍ୱ ବିଭାଗ, ସମାଜ ମଙ୍ଗଳ ବିଭାଗର ସମନ୍ୱୟ ଅଭାବରୁ ଏପର୍ଯ୍ୟନ୍ତ ଯୁଗ୍ମ ତଦନ୍ତ ହୋଇନାହିଁ। ରାଜସ୍ୱ ବିଭାଗ ଦ୍ୱାରା ଗୁଣ୍ଠିକିଆ ପଟ୍ଟା ଦେଇ ନିଜର ଦାୟିତ୍ୱ ସାରିଦେବାକୁ ବସିଥିବା ଅଭିଯୋଗ କରି ସାନ୍ତାଳ ସମାଜ ପକ୍ଷରୁ ଧନେଶ୍ୱର ଟୁଡୁ, ଚୂଡ଼ାମଣି ସୋରେନ, ଡୁକୁର ସାମାଡ଼, ବାରସାକିସକୁ, ଜସ୍ମିନ ଟୁଡୁ, ହିରା ମୁର୍ମୁ, ଜସ୍ମି କିସକୁଙ୍କ ଆହ୍ୱାନ କ୍ରମେ ସିଭିଲ ସୋସାଇଟି ଯାଜପୁରର ସମ୍ପାଦକ ତଥା ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର, ମୂଳ ନିବାସୀ ଯୁବ ଛାତ୍ର ସମ୍ମୁଖ୍ୟର ରାଜ୍ୟ ସଭାପତି ବିଭ୍ରାନ୍ତ ବିଶ୍ୱଜିତ, ଆମ୍ବେଦକର ଫାଉଣ୍ଡେସନର କାର୍ତ୍ତିକ ମଲ୍ଲିକ, ଦୁଷ୍ମନ୍ତ ଜେନା, ଭୀମ୍ ଆର୍ମୀର ଜିଲ୍ଲା ଉପ ସଭାପତି ରଞ୍ଜିତ ଜାମୁଡ଼ା, ବାବନ ମଲ୍ଲିକ ପ୍ରମୁଖ ଯୋଗଦେଇ ଜଙ୍ଗଲ ଅଧିକାର ଆଇନକୁ ସଠିକ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ଦାବି ରଖିଥିଲେ। ପରେ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଏକ ତ୍ୱରିତ ପଦକ୍ଷେପ ନେବାକୁ ତହସିଲଦାରଙ୍କ ସହ ସମାଜମଙ୍ଗଳ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## କଲ୍ୟାଣମଣ୍ଡପ କାନ୍ଥ ଭୁଶୁଡ଼ି ଜଣେ ଗୁରୁତର

ପ୍ରୀତିପୁର ୨୧ ।୧(ସମିସ): ନିର୍ମାଣାଧୀନ ଅବସ୍ଥାରେ ଥିବା ଏକ କଲ୍ୟାଣ ମଣ୍ଡପର କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପ୍ରକାଶ ଯେ ବିଞ୍ଝାରପୁର ବ୍ଲକର କପିଳା ଗ୍ରାମର ଗଦାଧର ମହାନ୍ତିଙ୍କ ପୁଅ ଚିରଞ୍ଜିବୀ (୨୫) କପିଳା ଛକ ନିକଟରେ ନିର୍ମାଣାଧୀନ ଅବସ୍ଥାରେ ଥିବା ଏକ କଲ୍ୟାଣ ମଣ୍ଡପର କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ସେହି ବାଟରେ ଯାଉଥିବା ଚିରଞ୍ଜିବୀ ଉପରେ ପଡ଼ିଯିବାରୁ ତାର ମେରୁଦଣ୍ଡରେ ମାଡ଼ ହୋଇଥିଲା। ଇଟା ଗଦାଭିତରୁ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ପ୍ରଥମେ ବିଞ୍ଝାରପୁର ଓ ପରେ ଯାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ରେଫରକରି ଦେଇଥିଲେ।

## ଗୋଟିଏ ରାତିରେ ଦୁଇଟି ଘରୁ ଚୋରି

ବିଞ୍ଝାରପୁର, ୨୧ ।୧(ସମିସ): ଅରେଇ ପଞ୍ଚାୟତର ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ଓ ତାଙ୍କ ଘର ପାଖରେ ଥିବା ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକଙ୍କ ଘରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଚୋରି କରି ଫେରାର ହୋଇଯାଇଛନ୍ତି। ମଙ୍ଗଳବାର ରାତିରେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ପ୍ରସିଦ୍ଧ ବରୁଣେଶ୍ୱର ମେଳାକୁ ଉଭୟ ପରିବାର ଯାତ୍ରା ଦେଖିବାକୁ ଯାଇଥିବା ସମୟରେ ଦୁର୍ବୃତ୍ତମାନେ ଘରର ଗ୍ରୀଲ୍ ଓ ତାଲା ଭାଙ୍ଗି ଚୋରି କରିନେଇଥିଲେ। ଶ୍ରୀକାନ୍ତ ମଲ୍ଲିକଙ୍କ ଘରୁ ସୁନା ଗହଣା, ନଗଦ ଟଙ୍କା ସହ ପିତଳ ବାସନ ଚୋରି କରିନେଇଥିବା ବେଳେ, ଅରେଇ ସରପଞ୍ଚଙ୍କ ଘରୁ ନଗଦ ଟଙ୍କା ଓ ଏକ ଲ୍ୟାପଟପ୍ ଚୋରି କରି ନେଇଛନ୍ତି । ଉଭୟ ପରିବାର ଯାତ୍ରାରୁ ଫେରି ଆସି ଘରେ ଚୋରି ହୋଇଥିବା ଜାଣିଥିଲେ। ଏନେଇ ଉଭୟ ପରିବାରଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବଟ ମହାବୀର ଜିଉଙ୍କ ବାର୍ଷିକ ଉତ୍ସବ

କବାଟବନ୍ଧ ୨୧ ।୧(ସମିସ): ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଥାନା ଅଧୀନ କବାଟବନ୍ଧ ଠାରେ ବଟମହାବୀର ଜିଉଙ୍କର ୩ ୟ ବାର୍ଷିକ ଜନ୍ମ ଉତ୍ସବ ପାଳନ କରାଯାଉଛି । ଚଳିତ ମକରମାଘ ମାସ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହୋଇ ଆସନ୍ତା ୨୩ ତାରିଖରେ ପୂର୍ଣ୍ଣାହୂତି ସମ୍ପନ୍ନ କରାଯିବ। ପୂଜାବିଧି ଅନୁସାରେ ମଙ୍ଗଳବାର ଅଙ୍କୁରାରୋପଣ ଓ କୁଣ୍ଡ ମୁଣ୍ଡଳ ନିର୍ମାଣ ପୂଜା ଅନୁଷ୍ଠିତ ହୋଇଥିଲା । ବୁଧବାର ଭକ୍ତ ଓ ଶ୍ରଦ୍ଧାଳୁମାନେ ସ୍ଥାନୀୟ ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରା ଆସି ମଣ୍ଡପ ପ୍ରବେଶ କରିଥିଲେ । ଏହା ପରେ ବେଦପାଠ, ସୁନ୍ଦରାକାଣ୍ଡ, ଜଳଯାତ୍ରା, ସାଲା ମଣ୍ଡପାଦି ପୂଜା, ଅଗ୍ନି ସଂଯୋଗ, ଆହୁତି ପ୍ରଦାନ, ସନ୍ଧ୍ୟା ଆଳତି, ପୁଷ୍ପାଞ୍ଜଳି ପ୍ରଦାନ, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋ ପୂଜା, ହନୁମାନ ଚାଳିସା ପଠନ, ଆଦି ସମ୍ପନ୍ନ କରାଯାଉଛି। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ସହିତ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶହଶହ ଭକ୍ତ ଏବଂ ଶ୍ରଦ୍ଧାଳୁମାନେ ପହଞ୍ଚି ମହାବୀରଙ୍କ ଆଶୀର୍ବାଦ ଲାଭ କରୁଛନ୍ତି ।

## ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳରେ ସଫେଇ କାର୍ଯ୍ୟକ୍ରମ



ଯାଜପୁର, ୨୧ ।୧(ସମିସ): ଯାଜପୁର ଜିଲ୍ଲାର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯାଜପୁର ଜିଲ୍ଲା ଚିକିତ୍ସାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋର୍ କମିଟିର ଅଧ୍ୟକ୍ଷ ସେକ୍ ଅବ୍ଦୁଲ୍ ସାଜିଦ୍ ଓ ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟାମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସଫେଇ କରିଥିଲେ। ଏହି ମହତ୍ କାର୍ଯ୍ୟକ୍ରମରେ ଚିକିତ୍ସାଳୟର ମୁଖ୍ୟ ପରିଚାଳକ ପିୟୁଷ ନାନ୍‌ଗାଲିଆ, ରାକେଶ କୁମାର ପଣ୍ଡା, ମୃତ୍ୟୁଞ୍ଜୟ ପ୍ରଧାନ, ନିତ୍ୟରଞ୍ଜନ, ନିରଞ୍ଜନ ସାହୁ, ପ୍ରିୟରଞ୍ଜନ ମିଶ୍ର, ଅଚ୍ୟୁତାନନ୍ଦ ପଡ଼ିହାରିଙ୍କ ସମେତ ଅନ୍ୱେଷଣ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, କୋର କମିଟିର ବରିଷ୍ଠ ସଦସ୍ୟ ରବିନାରାୟଣ ରାଉତ, ଭରତଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଦିଜେନ୍ଦ୍ରନାଥ ରାଉତ, ବରିଷ୍ଠ ସଦସ୍ୟ ଓ ନାଟ୍ୟକାର ଖଗେଶ୍ୱର ସାହୁ, ସୁଧାଂଶୁ ଧଳ, ଜୟ ପ୍ରକାଶ ନାୟକ, ଗୋପାଳ ଚନ୍ଦ୍ର ବେହେରା, ରଜତ କୁମାର ମିଶ୍ର, ସଦସ୍ୟା ମାମାଲି ସାହୁ, ଶ୍ରାବଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଚିକଣା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ବିଞ୍ଝାରପୁର, ୨୧ ।୧ (ସମିସ): ବିଞ୍ଝାରପୁର ବ୍ଲକ ଅଧୀନ ମା' ଜାଗୁଳାଇ ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଆୟୋଜିତ ଷଷ୍ଠ ବାର୍ଷିକ ଚିକଣା ପ୍ରିମିୟର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ପ୍ରସିଦ୍ଧ ଯାତ୍ରା ଅଭିନେତା ସାଇ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ସ୍ଥାନୀୟ ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ, ସମାଜସେବୀ ଜିତେନ୍ଦ୍ର କୁମାର ପ୍ରଧାନ, ସରପଞ୍ଚ ପ୍ରତିନିଧି, କ୍ରୀଡ଼ାପ୍ରେମୀ ଏବଂ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ଥିଲେ । ଏହି ଅବସରରେ ଯାତ୍ରା ଅଭିନେତା ସାଇ କହିଥିଲେ ଯେ, କ୍ରିକେଟ୍ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ାମନୋଭାବ, ଶିଷ୍ଟାଚାର ଓ ସମନ୍ୱୟ ଭାବନା ବିକାଶ ପାଏ । ଏପରି ପ୍ରତିଯୋଗିତା ଯୁବକ-ଯୁବତୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ପ୍ରକାଶ କରିଥିଲେ। ଲିଗ୍‌ରେ ବିଭିନ୍ନ ଦଳ ଅଂଶଗ୍ରହଣ କରୁଥିବାବେଳେ ପ୍ରଥମ ମ୍ୟାଚ୍ ଉତ୍ସାହପୂର୍ଣ୍ଣ ପରିବେଶରେ ଆରମ୍ଭ ହୋଇଥିଲା । ଆୟୋଜକ କମିଟି ପକ୍ଷରୁ ସମସ୍ତ ଅତିଥି, ଖେଳାଳି, ଦର୍ଶକ ଓ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇଯାଇଛି ।

### ● ଗୁରୁତର ରୋଗରେ ପୀଡ଼ିତ ସୁବାସ

## ଚିକିତ୍ସା ପାଇଁ ଟଙ୍କା ଅଭାବ



କଣ୍ୟାଁଗୋଲା, ୨୧ ।୧ (ସମିସ): ରାଜ୍ୟ ସରକାରଙ୍କ ଯୋଜନା ମାଳମାଳ ଥିଲେ ସୁଦ୍ଧା ପ୍ରକୃତ ହିତାଧିକାରୀଙ୍କ ନିକଟରେ ଏହି ଯୋଜନା ଗୁଡ଼ିକ ସଫଳ ଭାବେ ପହଞ୍ଚି ପାରୁନାହିଁ। ଏହିପରି ଏକ ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ କମାରଡିହ ପଞ୍ଚାୟତ ଇଟାପଡ଼ା ଗ୍ରାମର ସୁବାସ ଚନ୍ଦ୍ର ଦାସଙ୍କ କ୍ଷେତ୍ରରେ । ସୁବାସ ଦାସ (୫୮) ସ୍ତ୍ରୀ ଓ ଝିଅକୁ ନେଇ ସଂସାର । ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ୨ ବର୍ଷ ପୂର୍ବେ କାମ କରୁଥିବା ସମୟରେ ହଠାତ୍ ତାଙ୍କୁ ହୃଦ୍‌ଘାତ ହୋଇଥିଲା । ପରିବାରଲୋକ ବଡ଼ ମେଡିକାଲରେ ତାଙ୍କୁ ଭର୍ତ୍ତି କରିଥିଲେ । ପଇସା ପତ୍ର ନ ଅଭାବ ପଡ଼ିବାରୁ ଘରଲୋକେ ଘରକୁ ନେଇ ଆସିଥିଲେ । ବର୍ତ୍ତମାନ ସେ କୋମାରେ ପଡ଼ିଛନ୍ତି । ବର୍ତ୍ତମାନ ଅଭାବ ଅନଟନରେ ତାଙ୍କ ପରିବାର ଚାଲୁଛି । ଭିନ୍ନକ୍ଷମ ପ୍ରମାଣ ୯୦ % ଥିଲେ ମଧ୍ୟ ଭିନ୍ନକ୍ଷମ/ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ ସୁଦ୍ଧା ଏଯାବତ ତାଙ୍କ ଦୁଃଖ କୌଣସି ପ୍ରଶାସନିକ ଅଧିକାରୀ ବୁଝିନାହାନ୍ତି। ଭତ୍ତା ଖଣ୍ଡେ ପାଇବା ପାଇଁ ଗଣମାଧ୍ୟମ ମାଧ୍ୟମରେ ପ୍ରଶାସନକୁ ନିବେଦନ କରିଛନ୍ତି ।

## ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ମଙ୍ଗଳପୁର, ୨୧ ।୧(ସମିସ): ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ତ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଡାହାଣହତା ପଞ୍ଚାୟତର ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବାବେଳେ ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୋସ୍ନାରାଣୀ ଯେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁଭକାନ୍ତ ମହାପାତ୍ର, ବ୍ଲକର କନିଷ୍ଠ ଯନ୍ତ୍ରୀ ଅର୍ଦ୍ଧେନ୍ଦୁ ମଲ୍ଲିକ, ୬ ନମ୍ବର ଜୋନର ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ଯୁବନେତା ଚିତ୍ତରଞ୍ଜନ ସାମଲ, ବିନୟ ସେନାପତି, ନୀଳମଣି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ୧୫ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହେବାକୁ ଥିବା ଏହି ଘରକାର୍ଯ୍ୟ ଶୀଘ୍ର ଆରମ୍ଭ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ଠିକାଦାର ଜଣଙ୍କୁ ସରପଞ୍ଚ ଶ୍ରୀମତୀ ବିଶ୍ୱାଳ କହିଥିଲେ। ଏହି ଘର କାର୍ଯ୍ୟ ଶେଷ ହେଲେ ବିଦ୍ୟାଳୟରେ ଥିବା ଶ୍ରେଣୀଗୃହର ସମସ୍ୟା କିଛି ମାତ୍ରାରେ ଦୂରହୋଇ ପାରିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ ।

## ଯାଜପୁରରେ ବେକେରି ସପ୍ ଉଦ୍‌ଘାଟିତ

ଯାଜପୁର, ୨୧ ।୧(ସମିସ): ଯାଜପୁର ସହରର ଶୀତଳେଶ୍ୱର ବଜାରରେ ଓଡ଼ିଶା ବେକେରି ହାଉସର ଏକ ନୂତନ କାଉଣ୍ଟର ଉଦ୍‌ଘାଟିତ ହୋଇଛି । ଯାଜପୁର ବିଧାୟିକା ସୁଜାତା ସାହୁ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ସ୍ଥାନୀୟ କାଉନସିଲର ରୁନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାଉଣ୍ଟରରେ ବେକେରି ଉତ୍ପାଦ ଯଥା ପେଟିସ, କଟଲେଟ୍, ବ୍ରେଡ, ପିଜା ଆଦି ସୁଲଭ ମୂଲ୍ୟରେ ମିଳିବ ବୋଲି ଷ୍ଟୋର ମାଲିକ କାହ୍ନୁ ଚରଣ ଜେନା ସୂଚନା ଦେଇଛନ୍ତି ।

## ଜରି ଅଖାରେ ଧାନ ନେଉନାହାଁନ୍ତି ମିଲର; ଚିନ୍ତାରେ ଚାଷୀ



ବିଞ୍ଝାରପୁର, ୨୧ ।୧(ସମିସ): ବିଞ୍ଝାରପୁର ଅଞ୍ଚଳରେ ଚାଷୀମାନଙ୍କୁ ଯୋଗାଯାଉଥିବା ଝୋଟ ଅଖାର ଗୁଣମାନକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି । ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ଯୋଗାଯାଉଥିବା ଅଖାର ପ୍ରାୟ ୮୦ ପ୍ରତିଶତ ଅଖା ଏତେ ଖରାପ ଅବସ୍ଥାରେ ରହିଛି ଯେ ସେଥିରେ ଧାନ ଭରିବା ସମ୍ଭବ ନୁହେଁ । ଝୋଟ ଅଖାର ମୁହଁ ଫାଟିଯିବା, ସିଲାଇ ଖୋଲିଯିବା କାରଣରୁ ଧାନ ଭରିଲେ ଗଳି ପଡୁଥିବା ଚାଷୀମାନେ କହିଛନ୍ତି । ଏହା ଦ୍ୱାରାଧାନ ସଂଗ୍ରହ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଥିବା ସହ ଚାଷୀମାନେ ଅତିରିକ୍ତ ଖର୍ଚ୍ଚ ଓ ହିନସ୍ଥାର ସମ୍ମୁଖୀନ ହେଉଛନ୍ତି । ସେପଟେ ବିଞ୍ଝାରପୁର ବ୍ଲକ ଅଧୀନ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳିତ ମଣ୍ଡିଗୁଡ଼ିକରେ ମିଲରମାନଙ୍କ ଧାନ କ୍ରୟକୁ ନେଇ ଚାଷୀମାନଙ୍କ ମଧ୍ୟରେ ଭାରି ଅସନ୍ତୋଷ ଦେଖାଦେଇଛି । ମିଲରମାନେ ଜରି ଅଖାରେ ପ୍ୟାକ୍ କରାଯାଇଥିବା ଧାନ ବସ୍ତା ନ ନେବାକୁ ଜିଦ୍ ଧରିଥିବାରୁ ମଣ୍ଡିରେ ଧାନ ବିକ୍ରୟ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି । ଫଳରେ ଚାଷୀମାନେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜରି ଅଖା ଧାନ ମିଲର ନେଉ ନ ଥିବାରୁ ଚାଷୀମାନେ ଗୋଦାମ ଓ ମଣ୍ଡିରେ ଶୀତ କାକରରେ ଧାନ ଜଗିକି ବସିବାକୁ ବାଧ ହେଉଛନ୍ତି। ଏହା ଚାଷୀମାନଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବଢ଼ାଇ ଦେଇଛି । ଚାଷୀମାନେ କହିଛନ୍ତି, ଯଦି ପୂର୍ବରୁ ପ୍ରଶାସନ ଜଣାଇଥାନ୍ତା ଯେ କେବଳ ଝୋଟ ଅଖାରେ ଧାନ କ୍ରୟ କରାଯିବ, ତେବେ ସେମାନେ ସେହି ଅନୁସାରେ ଧାନ ଆଣି ରଖିଥାନ୍ତେ । କିନ୍ତୁ ପୂର୍ବରୁ ଜରି ଅଖାରେ ଧାନ ସଂଗ୍ରହ କରି ସାରିଥିବାବେଳେ ହଠାତ୍ ମିଲରମାନଙ୍କ ଏହି ନିଷ୍ପତ୍ତି ଚାଷୀମାନଙ୍କୁ ଗଭୀର ସମସ୍ୟାରେ ପକାଇଛି । ଏହି ଘଟଣାକୁ ନେଇ ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିବାବେଳେ, ସମସ୍ୟାର ତୁରନ୍ତ ସମାଧାନ କରି ସୁଚାରୁ ଭାବରେ ଧାନ କ୍ରୟ ପ୍ରକ୍ରିୟା ଚାଲୁ କରାଯିବାକୁ ସେମାନେ ପ୍ରଶାସନଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି ।

## ଯାଜପୁର-କଣ୍ୟାଁଗୋଲା ରାସ୍ତା କାମ ନିମ୍ନମାନର ଅଭିଯୋଗ

ମଙ୍ଗଳପୁର, ୨୧ ।୧(ସମିସ): ସରକାର ରାସ୍ତା ଘାଟର ଉନ୍ନତୀକରଣ ତଥା ପାଇଁ କୋଟିକୋଟି ଟଙ୍କା ବ୍ୟୟ ବରାଦ କରୁଥିବାବେଳେ କେତେକ ସ୍ଥାନରେ ଦୁର୍ନୀତିଗ୍ରସ୍ତ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ପାଇଁ ଯୋଜନାର



ଫଳପ୍ରଦ ହେଉନାହିଁ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର-କଣ୍ୟାଁଗୋଲା ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟରେ। ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବିଜେପି ସରକାରକୁ ୨ ବର୍ଷ ପୂରିବାକୁ ବସିଲାଣି ହେଲେ ରାସ୍ତାକାମ ଅଧପନ୍ତରିଆ ହୋଇ ପଡ଼ିରହିଛି । କିଛି ସ୍ଥାନରେ ପିଚୁକାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ରାସ୍ତା ଉପରୁ ବିଦ୍ୟୁତ ଖୁଣ୍ଟ ଘୁଞ୍ଚା ଯାଇ ନ ଥିବା ଦେଖିବା ପାଇଁ ମିଳିଛି । ସେହିପରି ଏହି ମୁଖ୍ୟ ରାସ୍ତା କାର୍ଯ୍ୟ ଚାଲୁଥିବା ସମୟରେ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି କାର୍ଯ୍ୟ କରାଯାଉ ଥିବା ଦେଖିବା ପାଇଁ ମିଳିଛି । ସେହିପରି ରାତିରେ ପିଚୁ କାର୍ଯ୍ୟ କରାଯାଉଥିବା ବେଳେ କୌଣସି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହୁନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି କାର୍ଯ୍ୟ ଚାଲୁ ରହିଥିବା ବେଳେ ଏ ପର୍ଯ୍ୟନ୍ତ କାର୍ଯ୍ୟ ଅଧାରୁ ଅଧିକ ସ୍ଥାନରେ ରାସ୍ତା କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ଛାଡି ଦେଇଥିବାରୁ ଅଧିକାଂଶ ସମୟରେ ବାଇକ ଆରୋହୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। କେଉଁଠି ପିଚୁ କାର୍ଯ୍ୟ ଅଧା ପନ୍ତରିଆ ହୋଇ ରହିଛି ତ ଆଉ କେଉଁଠି ମେଟାଲ କାର୍ଯ୍ୟ ଅଧା ପନ୍ତରିଆ ହୋଇ ପଡ଼ି ରହିବା ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଦେଖିବା ପାଇଁ ମିଳିଛି । ସେହିପରି ରାସ୍ତା କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି, ଜେସିବି, ରୋଲର, ଅନ୍ୟାନ୍ୟ ଯନ୍ତ୍ରପାତି ଗାଡି ଗୁଡିକ ମୁଖ୍ୟ ରାସ୍ତା ଉପରେ ଦୀର୍ଘଦିନ ଧରି ଥୁଆ ହୋଇ ରହିବା ଫଳରେ ଅନେକ ସମୟରେ ରାତି ସମୟରେ ବର୍ତ୍ତମାନ କୁହୁଡି ହେଉଥିବାରୁ ଜାଣି ନପାରି ରାସ୍ତା ଉପରେ ଥୁଆ ହୋଇଥିବା ଗାଡ଼ିରେ ବାଡେଇ ହୋଇ ଦୁର୍ଘଟଣାର ଶିକାର ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି । ସେହିପରି ବର୍ତ୍ତମାନ ରାସ୍ତାର ପିଚୁ କାର୍ଯ୍ୟ ଚାଲିଥିବା ବେଳେ ୧୫ ଦିନ ପୂର୍ବରୁ କରାଯାଇଥିବା ପିଚୁ ବର୍ତ୍ତମାନ ରାସ୍ତାରୁ ଅଧିକାଂଶ ସ୍ଥାନରୁ ଉଠିଯାଉଥିବା ଦେଖିବା ପାଇଁ ମିଳିଛି । ସେହିପରି ପିଚୁ କାର୍ଯ୍ୟ ହେଉଥିଲେ ମଧ୍ୟ ରାସ୍ତାର ସମାନ୍ତରାଳ ଠିକ ଭାବେ ହେଉନଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଛି। କାର୍ଯ୍ୟ କରିବାର ସମୟ ସିମାଶେଷ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ରାସ୍ତା କାର୍ଯ୍ୟ ଚାଲୁଥିବାରୁ ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଞ୍ଚଳ ବାସୀଙ୍କ ପକ୍ଷ୍ୟରୁ ଦାବି ହୋଇଛି ।

## ଯାଜପୁର ଜିଲ୍ଲା ହାଇସ୍କୁଲରେ ପି.ଏମ୍.ଶ୍ରୀ ଉତ୍ସବ



ଯାଜପୁର, ୨୧ ।୧(ସମିସ): ଯାଜପୁର ଜିଲ୍ଲା ହାଇସ୍କୁଲ ଠାରେ ପି.ଏମ୍.ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ୨ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ପି.ଏମ୍.ଶ୍ରୀ ଉତ୍ସବର ସଭାପତି ତଥା ଜିଲ୍ଲା ହାଇସ୍କୁଲର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ସେନାପତି ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷାଧିକାରୀ ଓ ପ୍ରକଳ୍ପ ସଂଯୋଜକ ମହେଶ୍ୱର ସାହୁ, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ଉପସଭାପତି ଦିଗମ୍ବର କର ଓ ମଣ୍ଡଳ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଜୟୀ ରୁଦ୍ଦିନ ଖାନ୍ ଯୋଗଦେଇ ପ୍ରାରମ୍ଭରେ ଅତିଥିମାନେ ସ୍କୁଲର ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍କୁଲର ଶିକ୍ଷକ ରାଧାରମଣ ମହାରଣା ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ଉପ ସଭାପତି ଶ୍ରୀ କର ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ ମାର୍ଗ ଉପରେ ବୁଝାଇବା ସହିତ ଆଶୀର୍ବାଦ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍କୁଲର ସାଧନା ଦାସ, ସ୍ମିତାରାଣୀ ରାଉତ, ରଶ୍ମୀତା ଖିଲାର, ସାଲେନୀ ଅଗ୍ରୱାଲ, ଅନନ୍ୟା ମହାପାତ୍ର, ସାରସ୍ୱତୀ ଦାସ, ପ୍ରଭାସିନୀ ରାଉତ, ନିହାର ରଞ୍ଜନ କର, ସବିତା ଧଳ, ଅଜିଜା ଖାତୁନ, ଗୀତାଞ୍ଜଳୀ ଜେନା, ମନିଷା ପତି, ଶଙ୍କରଷଣ ବେହେରା, ପୂର୍ଣ୍ଣିମା ପୃଷ୍ଟି ଖିରୋଦମୟୀ ପତି, ନିବେଦିତା ସାମଲ, ଜମାନ ସାର, ସୁଚିସ୍ମିତା ମହାନ୍ତି, ପୁଷ୍ପଲତା ପଣ୍ଡା, ସ୍ମୃତିସଙ୍ଗୀତା ବଳ, ହମିଜ୍ ରାଜା, ଭାନୁପ୍ରିୟା ସାହୁ, ଦୀପକ ସାହୁ, ସୌମ୍ୟରଞ୍ଜନ ନାୟକ, ପ୍ରଭୃତି ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

### ମିଶନ ଶକ୍ତି ସ୍କୁଟର ଯୋଜନାରେ ଅନିୟମିତତା

# ଗାଡ଼ି ନ ଦେଇ ଅର୍ଥ ହଡ଼ପ ଅଭିଯୋଗ

ବିଞ୍ଝାରପୁର, ୨୧ ।୧ (ସମିସ)



ମିଶନ ଶକ୍ତି ବିଭାଗର ସ୍କୁଟର ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ହିତାଧିକାରୀଙ୍କୁ ସ୍କୁଟର ନ ଦେଇ ସିଂହପୁରସ୍ଥିତ ନରେନ୍ଦ୍ର ଟିଭିଏସ୍ ସ୍କୁଟର ବିକ୍ରେତାଙ୍କ ନାମରେ ଅର୍ଥ ହଡ଼ପ କରାଯାଇଥିବା ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ବିଞ୍ଝାରପୁର ବ୍ଲକ ମାଁସଡ଼ା ପଞ୍ଚାୟତ ବନ୍ଧସାହି ଗ୍ରାମର ଟୁନା ଜେନା ଅଭିଯୋଗ କରି କହିଛନ୍ତି ଯେ, ତାଙ୍କ ପତ୍ନୀ ସ୍ୱର୍ଗତ ସୁଜାତା ଜେନାଙ୍କ ନାମରେ ଗତ ବର୍ଷ ଅକ୍ଟୋବର ମାସରେ ଏକ ଲିଗାଲ ନୋଟିସ ଆସିଥିଲା । ସେଥିରେ ଉଲ୍ଲେଖ ରହିଛି ଯେ, ୨୮/୯/୨୦୨୩ ତାରିଖରେ ମିଶନ ଶକ୍ତି ସ୍କୁଟର ଯୋଜନାରେ ତାଙ୍କ ପତ୍ନୀଙ୍କ ନାମରେ ୯୩, ୮୨୧ ଟଙ୍କା ଋଣ ମଞ୍ଜୁର ହୋଇ ନରେନ୍ଦ୍ର ଟିଭିଏସକୁ ପ୍ରଦାନ କରାଯାଇଥିଲା । ଅଭିଯୋଗ ଅନୁସାରେ, ଟଙ୍କା ନେବା ସତ୍ତ୍ୱେ ଡିଲର ପକ୍ଷରୁ କେବେ ମଧ୍ୟ ସୁଜାତା ଜେନାଙ୍କୁ ସ୍କୁଟର ଦିଆଯାଇ ନ ଥିଲା। ଏହା ମଧ୍ୟରେ ୬ ।୧୦ ।୨୦୨୩ ତାରିଖରେ ସୁଜାତା ଜେନାଙ୍କ ଦେହାନ୍ତ ହୋଇଥିଲା। ସ୍କୁଟର ନେଇ ନ ଥିବା ସତ୍ତ୍ୱେ ମୃତ୍ୟୁ ପରେ ଗାଡ଼ି ଋଣ ପରିଶୋଧ ପାଇଁ ଲିଗାଲ ନୋଟିସ ଆସିବା ତାଙ୍କ ସ୍ୱାମୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏହି ଘଟଣାର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଟୁନା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବର୍ତ୍ତମାନର ଶାଖା ପରିଚାଳକ ସଦାନନ୍ଦ ଦାସ କହିଛନ୍ତି ଯେ, ମୋ ସମୟରେ ମିଶନଶକ୍ତି ସ୍କୁଟର ଯୋଜନାରେ କୌଣସି ଋଣ ଦିଆଯାଇ ନ ଥିଲା । ସେ ସମୟର ଶାଖା ପରିଚାଳକ ନିହାରକାନ୍ତ ସ୍ୱାଇଁ ତାଙ୍କ ପକ୍ଷରୁ କୌଣସି ତ୍ରୁଟି ହୋଇ ନ ଥିବା କହିଛନ୍ତି । ନରେନ୍ଦ୍ର ଟିଭିଏସ ମାଲିକ ବିଜୟ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ବ୍ୟାଙ୍କରୁ ସଠିକ୍ ତଥ୍ୟ ଆସିଲେ ଘଟଣା ସ୍ପଷ୍ଟ ହେବ। ଅନ୍ୟପଟେ, ବିଞ୍ଝାରପୁର ପୁଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଚନ୍ଦ୍ରମୁଁ ଗ୍ରାମର ସସ୍ମିତା ମଲ୍ଲିକ ମଧ୍ୟ ଏହି ଡିଲର ବିରୋଧରେ ସମାନ ଅଭିଯୋଗ ଆଣିଥିଲେ, ଯାହାକୁ କିଛି ଭଦ୍ରଲୋକଙ୍କ ହସ୍ତକ୍ଷେପରେ ରଫାଦଫା କରାଯାଇଥିବା ଅଭିଯୋଗ ରହିଛି ।

ଯୌନ ଶୋଷଣ ଅପରାଧରୁ ସୁରକ୍ଷା ଅଧିନିୟମ ସମ୍ପର୍କିତ ଆଲୋଚନାଚକ୍ର

# ଶିଶୁଙ୍କ ମାନସିକତାକୁ ବୁଝି ନ୍ୟାୟ ଦେବାକୁ ପରାମର୍ଶ

ଯାଜପୁର,୨୧ ।୧(ସମିସ):

ଯାଜପୁରସ୍ଥିତ ମିଶନଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ( ଡିସିପିଓ), ପୁଲିସ ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ସହ ଯୋଗରେ ଶିଶୁ ମାନଙ୍କୁ ଯୌନ ଶୋଷଣ ଅପରାଧରୁ ସୁରକ୍ଷା ସମ୍ପର୍କିତ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକାରୀକ୍ଷ ପ୍ରଶାନ୍ତ କୁମାର ମାଝୀ, ସ୍ଵତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରତାପ ରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ରେକସୋନା ଜେନା, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ପ୍ରୀତିଲତା ସାମନ୍ତରାୟ ସମ୍ମାନିୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ, ରୋଜାଲିନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥାଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ତାଙ୍କ ବକ୍ତବ୍ୟରେ କହିଥିଲେ କି ଆଇନର ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ଓ ଅଂଶୀଦାର ସମୂହ ସେମାନଙ୍କର ଦାୟିତ୍ଵ ବୁଝିବାକୁ ହେବ। ଏଥିସହ ଆନ୍ତଃ ବିଭାଗ ସମନ୍ୱୟର ଆବଶ୍ୟକତା ରହିଛି। ପିଲାମାନଙ୍କ ପାଇଁ ଶିକ୍ଷା ଜରୁରୀ ଅଟେ। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଗୟାଧର ପଣ୍ଡା ଓ ପ୍ରଶାନ୍ତ ପାଲଟାସିଂହ ଯୋଗଦେଇ ଆଇନର ବିଭିନ୍ନ ଦିଗ ଓ ପିଲାମାନଙ୍କ ଥଇଥାନ ଉପରେ ଆଲୋକପାତ କରିଥିଲେ। ଡ. ବେଣୁଧର ସେନାପତି, ରୁଚିକା ସମାଜ ମଙ୍ଗଳ ସଂଗଠନ ଅଧିକାରୀ ଓ ରେକ୍ସୋନା ଜେନା ଶିଶୁଙ୍କ ମାନସିକତାକୁ ସଠିକ୍ ଭାବେ ବୁଝି କାର୍ଯ୍ୟ କରିପାରିଲେ ଶିଶୁଙ୍କୁ ନ୍ୟାୟ ଦେଇପାରିବା ବୋଲି ପରାମର୍ଶ ଦେଇଥିଲେ। ଏଥିରେ ବ୍ଲକ ଶିକ୍ଷାଧିକାରୀ, ସମନ୍ୱିତ ଶିଶୁ ବିକାଶ ଯୋଜନାର ମହିଳା ପରିଦର୍ଶିକା ପୁଲିସ, ମହିଳା ଓ ଶିଶୁ, ଚିଲଡ୍ରେନ ହେଲ୍ପ ଲାଇନ, ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ, ଏକକ ରହଣୀ କେନ୍ଦ୍ର, ଆଇନ ବିଭାଗ, ଶିଶୁ ମଙ୍ଗଳ କମିଟି ସଦସ୍ୟ, କିଶୋର ନ୍ୟାୟ ପରିଷଦ ସଦସ୍ୟମାନେ ଯୋଗଦେଇ ଥିଲେ। ତପନ କୁମାର ପାତ୍ର, କାଳୀପ୍ରସାଦ ସାହୁ ଓ ରୁଚିକା ସଂଗଠନର ମନୋରଞ୍ଜନ ସାହୁ, ସସ୍ମିତା ସାହୁ ଓ ତପନ କୁମାର ପଣ୍ଡା ସହଯୋଗ କରିଥିଲେ। ଉମାଶଙ୍କର ଷଡ଼ଙ୍ଗୀ ଧନ୍ୟବାଦ୍ ଦେଇଥିଲେ।



● ଧର୍ମଶାଳା ବାଜବାଟି ପାହାଡ଼ ବେଆଇନ ଖନନ ମାମଲା

## ଏନ୍‌ଜିଟିରେ ରିପୋର୍ଟ ଦାଖଲ ପରେ ଅଡୁଆରେ ଜିଲ୍ଲା ପ୍ରଶାସନ

**ଯାଜପୁର,୨୧ ।୧(ସମିସ):** ଧର୍ମଶାଳା ତହସିଲ ଅଧୀନ ବାଜବାଟି ପାହାଡ଼ର ୨ ଏବଂ ୬ ନଂ ଖାଦାନରେ ହୋଇଥିବା ବ୍ୟାପକ ଅନିୟମିତତା ସମ୍ପର୍କରେ ମାମଲା ଏନଜିଟିରେ ଜାରି ରହିଛି। ମାତ୍ରାଧିକ ଖନନଠାରୁ ଆରମ୍ଭ କରି ପରିବେଶ ପ୍ରଦୂଷଣର ଅଭିଯୋଗ ଆସିବା ସମ୍ପର୍କରେ ଏନ୍‌ଜିଟି କେତେକ ତଥ୍ୟ ଜିଲ୍ଲା ପ୍ରଶାସନକୁ ମାଗିଥିଲେ। ଉକ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବରେ ଅସନ୍ତୋଷ ପ୍ରକାଶ କରି ଏନଜିଟି ଯାଜପୁର ଜିଲ୍ଲାପାଳଙ୍କୁ ଦୁଇଟି ମାମଲାରେ ୧୦ ହଜାର ଲେଖାଏଁ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜିଲ୍ଲାପ୍ରଶାସନ ପକ୍ଷରୁ ଏନ୍‌ଜିଟିଙ୍କୁ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ପ୍ରଦାନ କରାଯାଇ ଧର୍ମଶାଳା ତହସିଲ ଅଞ୍ଚଳରେ ହେଉଥିବା ଅନିୟମିତତା ସଂପର୍କରେ ଅଭିଯୋଗ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସୂଚନା ଦେଇଛନ୍ତି। ଏଥିସହିତ ଯେଉଁ ବାଜବାଟି ପାହାଡକୁ ନେଇ ବିବାଦ ଦେଖାଦେଇଛି ସେହି ପାହାଡ ପୂର୍ବରୁ ୬ ମିଟରର ଗଭୀର ଥିଲା ବୋଲି ପ୍ରଶାସନ ଏନଜିଟିକୁ ଅବଗତ କରିବା ଘଟଣାକୁ ନେଇ ଅଡୁଆରେ ପଡିଯାଇଛି। ଯଦି ଉକ୍ତ ଅଂଚଳରେ ପୂର୍ବରୁ ୬ ମିଟରର ଗଭିର ଗାତଥିଲା ତେବେ କିଭଳି ଓ କେଉଁ ପରିସ୍ଥିତିରେ ଉକ୍ତ ଅଂଚଳରେ ପୁନଃର୍ବାର ଖଣି ଖନନ ପାଇଁ ଅନୁମତି ଦିଆଗଲା ବୋଲି ପ୍ରଶ୍ନ ଉଠିଛି। ପୂର୍ବରୁ ଖନନ ସମ୍ପର୍କରେ ପ୍ରଶାସନ ପକ୍ଷରୁ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ସମ୍ପର୍କରେ ଉଭୟ ଜିଲ୍ଲା ପ୍ରଶାସନ ଓ ସିଆ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏନଜିଟି ମଧ୍ୟ ଉକ୍ତ ପାହାଡ ଅଂଚଳରେ ମାତ୍ରାଧିକ ଖନନ ହେଉବାବା, ସେଫ୍‌ଟି ଜୋନ ନଥିବା ଏବଂ ଗ୍ରୀନ ବେଲ୍ଟ ଜୋନ ନଥିବା ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ସଂପର୍କରେ ସିଆ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି ବାଜବାଟି ପାହାଡ ସମ୍ପର୍କରେ ପରବର୍ତ୍ତି ଶୁଣାଣି ଆସନ୍ତା ମାର୍ଚ୍ଚ ୧୭ ତାରିଖକୁ ରହିଥିବା ଜଣାପଡିଛି। ଏହି ମାମଲାର ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପାଣି ପରିଚାଳନା କରୁଛନ୍ତି।

## ପାଣିକୋଇଲି ବଜାର ଉଚ୍ଛେଦ ନିମନ୍ତେ ନୋଟିସ

ପାଣିକୋଇଲି, ୨୧।୧(ସମିସ): ଯାଜପୁର ଜିଲ୍ଲାର ପାଣିକୋଇଲି ହେଉଛି ଦୁଇଟି ରାଜପଥ (୧୬ ଓ ୨୦)ର ମିଶ୍ରଣସ୍ଥଳୀ। ଦୁଇଟି ରାଜପଥ ଦେଇ ପ୍ରତିଦିନ ହଜାରହଜାର ଗଡ଼ି ଜିଲ୍ଲା ତଥା ରାଜ୍ୟ ବାହାରକୁ ଯିବା ଆସିବା କରୁଛି। ତେବେ ଦିନକୁ ଦିନ ବଢୁଥିବା ଗାଡ଼ିର ସଂଖ୍ୟା ବୃଦ୍ଧି ଯୋଗୁଁ ପାଣିକୋଇଲି ବଜାରର ଟ୍ରାଫିକ ସମସ୍ୟା ଅସମ୍ଭାଳ ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଗଣମାଧ୍ୟମରେ ଟ୍ରାଫିକ ସମସ୍ୟା ନେଇ ଖବର ଉପସ୍ଥାପନ କରାଯାଇଥିଲା। ଖବର ପ୍ରସାରଣ ପରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଓ କୋରାଇର ବିଧାୟକ ଆକାଶ ଦାସ ନାୟକଙ୍କ ସମେତ ଜିଲ୍ଲାର ବିଭିନ୍ନ ପଦାଧିକାରୀ ଗତବର୍ଷ ଅକ୍ଟୋବର ମାସ ୨୩ ତାରିଖରେ ପାଣିକୋଇଲି ବଜାର ପରିଦର୍ଶନ କରିବା ସହିତ ଟ୍ରାଫିକ ସମସ୍ୟାର ଦୁରୀକରଣ ପାଇଁ ପଦକ୍ଷେପ ନେଇଥିଲେ। ଏ ନେଇ ରାଜପଥ ବିଭାଗ ପାଣିକୋଇଲି ବଜାରର ୧୬ ନମ୍ବର ରାଜପଥ କଡ଼ରେ ସରକାରୀ ଯାଗାକୁ ମାଡ଼ି ବସି ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିବା ବ୍ୟବସାୟୀମାନଙ୍କୁ ଉଠିଯିବା ଲାଗି ନିର୍ଦ୍ଦେଶ ପ୍ରଦାନ କରିଛି।

## ଷଠିପୁରରୁ ବୈତରଣୀ ରୋଡ୍ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ ନିର୍ଦ୍ଦେଶ

**ପାଣିକୋଇଲି,୨୧ ।୧ (ସମିସ):** କୋରେଇ ବ୍ଲକର ବୈତରଣୀ ରୋଡ଼ ଠାରୁ ଷଠିପୁର ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ କାର୍ଯ୍ୟ ଚାଲୁଅଛି। କିନ୍ତୁ ଉକ୍ତ ରାସ୍ତାଟିର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଭାରୀଯାନ ଯିବା ଆସିବା ବନ୍ଦ ରହିଛି। ଫଳରେ ରାସ୍ତା ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାକୁ ଗୁରୁତ୍ୱଦେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ କର ବିଭାଗୀୟ ଚିଠି ନମ୍ବର ୧୧୦ ରେ ଉକ୍ତ ରାସ୍ତା ଦେଇ ଭାରୀଯାନ ଯିବା ଆସିବାକୁ ବାରଣ କରିଛନ୍ତି। ବୈତରଣୀ ରୋଡରୁ ଭାରୀଯାନ ତାରାକୋଟ, ମୀନାବଜାର ଦେଇ ରଗଡିରେ ରାଜପଥ ଧରିବ। ଉକ୍ତ ନିର୍ଦ୍ଦେଶ ଆସନ୍ତା ଫେବୃଆରୀ ମାସ ୨୦ ତାରିଖ ପର୍ଯ୍ୟନ୍ତ ବଳବତର ରହିବ ବୋଲି ଜିଲ୍ଲାପାଳ ଶ୍ରୀ କର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ରାସ୍ତା କଡ଼କୁ ଖସି ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି ୨୧। ୧(ସମିସ):** ପାଣିକୋଇଲି ଥାନା ଅଧୀନ ନମିଟିକିରୀ ନିକଟରେ ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ବାଇକ ସହିତ ରାସ୍ତା କଡ଼କୁ ଖସି ଗୁରତର ଭାବେ ଆହତ ହୋଇଛନ୍ତି। ପ୍ରକାଶ ଯେ ପାଣିକୋଇଲିର ଏକ ବ୍ୟବସାୟିକ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ପୁରୀ ଜିଲ୍ଲାର ରାଜକିଶୋର ବାରିକଙ୍କ ପୁଅ ଚିତ୍ତରଂଜନ ଏକ ବାଇକରେ ଯାଜପୁରରୁ ପାଣିକୋଇଲି ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ବାଇକ ସହିତ ରାସ୍ତା କଡ଼କୁ ଖସିଯାଇଥିଲେ। ଫଳରେ ଗୁରତର ଭାବେ ଚିତ୍ତରଂଜନ ଆହତ ହୋଇଥିଲେ। ଖବର ପାଇ ପାଣିକୋଇଲି ପୁଲିସ ଓ ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଚିତ୍ତରଂଜନଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଖରସ୍ରୋତା ମହାବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ



**ସିଂହପୁର,୨୧ ।୧(ସମିସ):** ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ୪୯ ତମ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବ୍ରଜକିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ବିଚାରକ ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ସଙ୍ଗୀତଜ୍ଞ ଅଧ୍ୟାପକ ଜାହାଙ୍ଗୀର ଖାନ୍ ଓ ଆଲବମ ଗାୟିକା ବିଜୟିନୀ ଦାଶ। ଛାତ୍ରଛାତ୍ରୀ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ବିଜେତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଦିତୀୟ ଦିବସରେ ଇଂରାଜୀ ପ୍ରାଧ୍ୟାପକ ନାୟକଙ୍କ ରଚିତ ମୂଲ୍ୟବୋଧ ଭିତ୍ତିକ ସାମାଜିକ ନାଟକ "ବନ୍ଧୁ ବାନ୍ଧିଛି ମୁଁ ଲୁହ ସାଥିରେ' ପରିବେଷଣ କରାଯାଇଥିଲା। ତୃତୀୟ ଦିବସରେ ସବଦ ସୁରଭି ଆନୁକୂଲ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଆୟୋଜିତ ହୋଇଥିଲା ସ୍ୱରଚିତ ଓଡ଼ିଆ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଓ ବିଚାରକ ଭାବେ ଯୋଗ ଦେଇଥିଲେ ବରିଷ୍ଠ କବି ପ୍ରାଧ୍ୟାପକ ଡ. ଶ୍ରୀହରି ଧଳ ଓ ବିଶିଷ୍ଟ ଲେଖକ ପ୍ରାଧ୍ୟାପକ ଅଜୟ କୁମାର ଓଝା। ଓଡ଼ିଆ ବିଭାଗୀୟ ମୁଖ୍ୟ ଗଗନ ବିହାରୀ ବେହେରା, ଇଂରାଜୀ ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ଅଧ୍ୟାପକ ଡ.ଅରୁଣ କୁମାର ସାମଲ, ମୀନକେତନ ତ୍ରିପାଠୀ, ରୂପାଲୀ ମହାରଣା, ବିବେକ ମେହେର କବିତା ସଂଯୋଜନା କରିଥିଲେ। ଗଗନ ବିହାରୀ ବେହେରା, ଚିତ୍ତରଞ୍ଜନ ସାହୁ, ଡ.ଅରୁଣ କୁମାର ସାମଲ, ଅଧ୍ୟାପକ ବୈଭବ ନାୟକ, ସତ୍ୟବ୍ରତ ସେଠୀ, ଡ. ଦୀପ୍ତିରଞ୍ଜନ ସେନାପତି, ଚନ୍ଦନ ପତି, ଜଳଧାର ସାହୁ, ଡ.ଗାୟତ୍ରୀ ଧଳ, ଅଧ୍ୟାପିକା ଅର୍ପିତ ସ୍ୱାଇଁ, ରୋଜାଲିନ କୁଅଁର, କମଳ କୁମାର ସେଠୀ, ସନ୍ତୋଷ କୁମାର ମହାପାତ୍ର, ନୀଳମଣି ମଲ୍ଲିକ, ସ୍ମୃତିସ୍ମିତା ନାୟକ, କିରାଣି ସସ୍ମିତା ସାମଲ, ରାଜେଶ କୁମାର ପୃଷ୍ଟି, ଚନ୍ଦ୍ରହାସ୍ୟ ମଲ୍ଲିକ, ପ୍ରତିକ୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ଚିନ୍ମୟ କୁମାରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସିଦ୍ଧେଶ୍ୱର ମନ୍ଦିରର ପୁନରୁଦ୍ଧାର ନିମନ୍ତେ ଜିଲ୍ଲାପାଳଙ୍କୁ ଦାବି

**ଯାଜପୁର,୨୧ ।୧(ସମିସ):** ଯାଜପୁରର ସର୍ବପ୍ରାଚୀନ ଶୈବପୀଠ ସିଦ୍ଧେଶ୍ୱର ମନ୍ଦିରର ପୁନରୁଦ୍ଧାର ଓ ଏହାର ରକ୍ଷଣବେକ୍ଷଣ ନିମନ୍ତେ ମଙ୍ଗଳବାର ସେବାୟତଙ୍କ ପକ୍ଷରୁ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହାରାଜା ଯଯାତି କେଶରୀଙ୍କ ରାଜତ୍ୱ ସମୟରେ ଏହି ସିଦ୍ଧେଶ୍ୱର ମନ୍ଦିରଟି ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଐତିହ୍ୟ ଓ କିମ୍ବଦନ୍ତୀ ବହନ କରୁଥିବା ଏହି ମନ୍ଦିରଟି ଜରାଜିର୍ଣ୍ଣ ଅବସ୍ଥାରେ ରହିଛି। ମନ୍ଦିରର ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରି ନାହିଁ। ଯାହାଫଳରେ ଏକ ହଜାର ବର୍ଗର କୀର୍ତ୍ତିରାଜି ଆଜି ଅବହେଳିତ ଅବସ୍ଥାରେ ରହିଛି। ବାବା ସିଦ୍ଧେଶ୍ୱରଙ୍କ ମନ୍ଦିର ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଅବସ୍ଥିତ। ବନ୍ୟା ଆସିଲେ ମନ୍ଦିରଟି ବନ୍ୟା ପାଣିରେ ମଗ୍ନ ହୋଇରହିଥାଏ। ମନ୍ଦିର ବେଢ଼ାର ପାଚେରି ଦୁର୍ବଳ ଓ ଭଗ୍ନ ଅବସ୍ଥାରେ ରହିଛି। ବର୍ଷା ହେଲେ ବର୍ଷାଜଳ ମନ୍ଦିରର ଗର୍ଭ ଗୃହରେ ପ୍ରବେଶ କରିବା ଯୋଗୁ ସେବାୟତ ପୂଜା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିଶ୍ୱାସ ରହିଛି ଏହି ସିଦ୍ଧେଶ୍ୱର ଘାଟରେ ଅସ୍ଥି ବିସର୍ଜନ କଲେ ମୋକ୍ଷପ୍ରାପ୍ତି ହୋଇଥାଏ। ତେଣୁ ଦୈନିକ ଜିଲା ଓ ରାଜ୍ୟ ବାହାରରୁ ବହୁ ଭକ୍ତ ଅସ୍ଥି ବିସର୍ଜନ ପାଇଁ ଆସିଥାନ୍ତି କିନ୍ତୁ ଘାଟରେ ସେମିତି ବିଶେଷ ସୁବିଧା ନଥିବାରୁ ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ମିଳୁଥିବା ବେଳେ ସିଦ୍ଧେଶ୍ୱରଙ୍କ ଉନ୍ନତିକରଣ କଥା ସରକାର କେବେ ଦୃଷ୍ଟି ଦେଇନାହାଁନ୍ତି। ତେଣୁ ଐତିହ୍ୟ ଓ କିମ୍ବଦନ୍ତୀ ବହନ କରୁଥିବା ସିଦ୍ଧେଶ୍ୱର ମନ୍ଦିର ପ୍ରତି ସରକାର ଦୃଷ୍ଟି ଦେବା ସହିତ ପୁନରୁଦ୍ଧାର ଓ ରକ୍ଷଣା ବେକ୍ଷଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରୀତିରଞ୍ଜନ ଦୀକ୍ଷିତ୍, ଚିନ୍ତାମଣି ଦୀକ୍ଷିତ୍, ଧୀରେନ କୁମାର ଦୀକ୍ଷିତ୍, ସତ୍ୟରଞ୍ଜନ ଦୀକ୍ଷିତ୍, ଅନୀଲ କୁମାର ଦୀକ୍ଷିତ୍, ବିଶ୍ୱଜିତ ଦୀକ୍ଷିତ୍, କରଣ କୁମାର ଦୀକ୍ଷିତ୍, ଗୁଡୁ ଦୀକ୍ଷିତ୍, ଜୟପ୍ରକାଶ ଦୀକ୍ଷିତ୍, ସତ୍ୟ ଦୀକ୍ଷିତ୍ ପ୍ରମୁଖ ସେବାୟତ ଉପସ୍ଥିତ ଥିଲେ।



## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ



ବ୍ୟାସନଗର,୨୧ ।୧(ସମିସ): ସାମାଜିକ ଗଣମାଧ୍ୟମରେ ଜଣେ ଯୁବତୀଙ୍କ ଫଟୋ ଭାଇରାଲ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ଯାଜପୁର ରୋଡ ଆଦର୍ଶ ଥାନା ଅଞ୍ଚଳ ବ୍ୟାସନଗର ସହରରେ ଏହା ଦେଖିବାକୁ ମିଳିଛି। ଏହି ଥାନା ଅଧୀନ ଏକ ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ସ୍ଥାନୀୟ ସାପଗଡିଆ ଅଞ୍ଚଳର ଜଣେ ଯୁବକ ଏକ ସାମାଜିକ ଗଣମାଧ୍ୟମରେ ଏକ ଫେକ୍ ଆଇଡି କରି ଭାଇରାଲ କରିଛନ୍ତି। ଏହି ଘଟଣାରେ ପୀଡ଼ିତା ଯୁବତୀ ଗତମଙ୍ଗଳବାର ଯାଜପୁର ରୋଡ଼ ଆଦର୍ଶ ଥାନାରେ ଏତଲା ଦେବା ପରେ ଥାନାଧିକାରୀ ଆଶିଷ କୁମାର ସାହୁ ମାମଲା ରୁଜୁକରି ଅଭିଯୁକ୍ତ ଯୁବକ ସ୍ଥାନୀୟ ସାପଗଡିଆ ଅଞ୍ଚଳର ଅଖିଳ ଗୟନ (୨୧)କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ୮ ୯୦ ହେକ୍ଟର ଜମିରେ ମୁଗ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

**କୁଆଖିଆ,୨୧। ୧(ସମିସ):** ରସୁଲପୁର ବ୍ଲକ୍ ରେ ଚଳିତବର୍ଷ ୮ ୯୦ ହେକ୍ଟର ଜମିରେ ମୁଗଚାଷ ହେବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୭ ୭୦ ହେକ୍ଟର ଜମିରେ ଚାଷ ପାଇଁ ହେକ୍ଟର ପ୍ରତି ୨୦ କେଜି ହିସାବରେ ୧୫୪ କ୍ୱିଣ୍ଟାଲ୍ ବିହନ ରାଜ୍ୟ ବିହନ ନିଗମରୁ ଆସିଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୨୦ ହେକ୍ଟର ଜମି ପାଇଁ ଆଉ ୨୪ କ୍ୱିଣ୍ଟାଲ୍ ବିହନ ଆସିବ ବୋଲି ବ୍ଲକ୍ କୃଷି କାର୍ଯ୍ୟାଳୟ ପକ୍ଷରୁ ଜଣାଯାଇଛି। ଗତ କିଛି ବର୍ଷ ହେଲା ସିଆରଏଫ୍‌ଏମ ଯୋଜନାରେ ବିହନ ଦିଆଯାଉଥିବାରୁ ଏହା ଏନଜିଓ ମାଧ୍ୟମରେ ବଣ୍ଟନ ହେଉଥିଲା। କିନ୍ତୁ ଚଳିତବର୍ଷ ପୁଣି କୃଷି ବିଭାଗ ପକ୍ଷରୁ ବିହନ ବଣ୍ଟନ ହେବ ବୋଲି ବ୍ଲକ୍ କୃଷି ଅଧିକାରିଣୀ ସମାପ୍ତିକା ପଣ୍ଡା ସୂଚନା ଦେଇଛନ୍ତି। ଏମଏପି ଯୋଜନାରେ ଏହି ବିହନ ବଣ୍ଟନ ହେବ। ବ୍ଲକରେ ଥିବା ୨୮ ଟି ପଞ୍ଚାୟତ ମଧ୍ୟରୁ ପ୍ରତି ୨୪ଟି ପଂଚାୟତର ଚାଷୀ ମାନଙ୍କୁ ବିହନ ମିଳିବ। ବିହନ ସହିତ ପ୍ରତି ଚାଷୀଙ୍କୁ ବିହନ ବିଶୋଧନ ଔଷଧ, କୀଟନାଶକ, ଘାସମରା ଔଷଧ ଓ ନାନୋ ୟୁରିଆ ତ୍ୟାଦି କିଣିବା ପାଇଁ ଇନ୍‌ପୁଟ୍ ସବସିଡ୍ ଅର୍ଥ ହେକ୍ଟର ପ୍ରତି ୨୮ ୬ ୯ ଟଙ୍କା ଡିବିଟି ଆକାରରେ ମିଳିବ। ପ୍ରଥମେ ଚାଷୀ ଏହି ସାର ଓ କୀଟନାଶକ ଇତ୍ୟାଦି କିଣି ବ୍ୟବହାର କରିବା ପରେ ତାର ବ୍ୟାଙ୍କ ଖାତାକୁ ଡିବିଟି ଆକାରରେ ଟଙ୍କା ଆସିବ। ଏହାଛଡା ଧାଡିବୁଣା ପାଇଁ ପ୍ରତି ହେକ୍ଟରକୁ ୧୦୦୦ ଟଙ୍କା ମଧ୍ୟ ମିଳିବ। ମୁଗ ବିହନ ପାଇଁ ଚାଷୀ ମାନେ ଗ୍ରାମ୍ୟ କୃଷି କର୍ମଚାରୀ (ଭିଏଡବ୍ଲ୍ୟୁ) ମାନଙ୍କୁ ନିଜର ଜମିର କାଗଜପତ୍ର ସହିତ ଅନ୍ୟ ଆବଶ୍ୟକ କାଗଜ ପତ୍ର ଦେଇ ଆବେଦନ କରିବେ।

## ସାଧାରଣ ପରିବାରର ଝିଅ ପାଇଲେ ସିଆଇଏସଏଫ୍‌ରେ ନିଯୁକ୍ତି

**ଧର୍ମଶାଳା, ୨୧। ୧( ସମିସ):** ଧର୍ମଶାଳା ବ୍ଲକ୍ ପାଟପୁର ପଞ୍ଚାୟତର ଜଣେ ସାଧାରଣ ପରିବାରର ଝିଅ ନିଜର ନିଷ୍ଠାବଳରେ ଆଜି ସିଆଇଏସଏଫ ଭଳି ସରକାରୀ ପାଇ ସମଗ୍ର ଧର୍ମଶାଳା ଅଞ୍ଚଳକୁ ଗୌରବାନ୍ୱିତ କରିପାରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ସୂଚନା ଯୋଗ୍ୟ ପାଟପୁର ପଞ୍ଚାୟତ ଚକ୍ରୋଡ ଗ୍ରାମର ନରେନ୍ଦ୍ର ଧଳଙ୍କ ଝିଅ ବନ୍ଦିତା ଧଳ ୨୦୨୫ରେ ସିଆଇଏସଏଫ ଚକିରି ପାଇଁ ପରୀକ୍ଷା ଦେଇଥିଲେ। ସେ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲାଙ୍ଗୁଡି ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯଇଛି।

## ଦୁର୍ଘଟଣାରେ ଯୁବକ ମୃତ



**ପାଣିକୋଇଲି. ୨୧।୧(ସମିସ) :** ପାଣିକୋଇଲି ଥାନା ଅଧୀନ ପଥରପଦା ପଞ୍ଚାୟତର ମହମ୍ମଦ ଜମାଲପୁର ଗ୍ରାମର ସୁବାସ ମଳିକଙ୍କ ପୁଅ ମାନସ ମଳିକ(୨୭) ଯାଜପୁରରୋଡରେ ଏକ ବାଇକ ସୋ ରୁମରେ କାମ କରନ୍ତି। ହେଲେ କାର୍ଯ୍ୟ ସମୟରେ ଦୁର୍ଘଟଣା ଘଟିଥିଲା। ଫଳରେ ମାନସକୁ ଚିକିତ୍ସା ପାଇଁ କଟକ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମରଶରୀରକୁ ଗ୍ରାମକୁ ଆଣିବା ପରେ ଯାଜପୁର ବାରୁଣୀ ମହାଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଛି।

## ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର

**କବାଟବନ୍ଧ,୨୧ ।୧(ସମିସ):** ଧର୍ମଶାଳା ବ୍ଲକ୍ ଅଧୀନ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର (ଏନ୍‌ଏସ୍‌ଏସ୍) ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦ୍‌ଘାଟନ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ କୁମାର ଦାସଙ୍କ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ଥିବା ସଂଯୋଜକ ପ୍ରଫେସର ବିଶ୍ୱମୋହନ ଜେନା ଓ ଜିଲ୍ଲା ସଂଯୋଜକ ସୁଦୀପ୍ତ କୁମାର ବିଶ୍ୱାଳ ଯୋଗଦେଇ ଛାତ୍ର ଛାତ୍ରୀ ତଥା ସ୍ୱେଚ୍ଛାସେବୀମାନଙ୍କୁ ଏନଏସ୍‌ଏସ୍ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ଏହି ଶିବିରଟି ପ୍ରୋଗ୍ରାମ ଅଫିସର ତଥା ରାଜନୀତିକ ବିଜ୍ଞାନ ଅଧ୍ୟାପକ ଅଭିମନ୍ୟୁ ସାହୁ ପରିଚାଳନା କରୁଛନ୍ତି।




## ଟାଟା ଷ୍ଟିଲ୍ ପକ୍ଷରୁ ରକ୍ତଦାନ ଶିବିର; ୨୯୦ ୟୁନିଟ୍ ସଂଗ୍ରହ



**ଦାନଗଦି,୨୧ ।୧(ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ପକ୍ଷରୁ ବୁଧବାର, ପ୍ଲଟ୍-୨ ଅଡିଟୋରିୟମଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଆଞ୍ଚଳିକ ଚିକିତ୍ସା ଆବଶ୍ୟକତାକୁ ପୂରଣ କରିବା ପାଇଁ ୨୯୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗରର କୋକ୍ ପ୍ଲାଣ୍ଟ 'ଯୁଗ୍ମ ବିଭାଗୀୟ କମିଟି' (ଜେଡିସି) ଦ୍ୱାରା ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଓଡ଼ିଶା ବ୍ଲଡ୍ ସେଣ୍ଟର, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ବ୍ଲଡ୍ ସେଣ୍ଟର ଏବଂ କଟକ ଏସ.ସି.ବି (ଏସସିବି) ବ୍ଲଡ୍ ବ୍ୟାଙ୍କ ସହଯୋଗ କରିଥିଲେ। ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପ-ସଭାପତି (ଅପରେସନ୍ସ) ଉତ୍ତମ ସିଂ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ରକ୍ତଦାନ ମଧ୍ୟ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦାଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


# ଟିଭି ରିପୋର୍ଟର୍ସ ଆସୋସିଏସନ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ବ୍ୟାସନଗର,୨୧ ।୧(ସମିସ):

ସଡ଼କ ଦୁର୍ଘଟଣା ରୋକିବା ଏବଂ ସାଧାରଣ ଲୋକଙ୍କୁ ଯାତାୟାତ ନିୟମ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଟିଭି ରିପୋର୍ଟର୍ସ ଆସୋସିଏସନ୍ ପକ୍ଷରୁ ବୁଧବାର ବ୍ୟାସନଗର ସହରର ନହକା ବାଇପାସ୍ ଛକରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇଚକିଆ ଚାଳକଙ୍କୁ ହେଲମେଟ୍ ପିନ୍ଧିବା, ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବ୍ୟବହାର, ଅତିବେଗ ଓ ମଦ୍ୟପାନ କରି ଯାନ ଚାଳନା ନ କରିବା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ, ଅତିରିକ୍ତ ଏମଭିଆଇ ପ୍ରଦୀପ୍ତ କୁମାର ବେହେରା, ସାଂସଦ ପ୍ରତିନିଧୀ ନିରଞ୍ଜନ ଘଡ଼ାଇ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାୟକ, ପ୍ରିଣ୍ଟ ମିଡିଆ ଆସୋସିଏସନର ସଭାପତି ଶରତ ପଥାଳ ଓ ସମ୍ପାଦକ ଚିନ୍ତାମଣି ପାଢ଼ୀ ଏବଂ କିନ୍ନର ସଂଘ ସମ୍ପାଦିକା ଲଭଲୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ସମୟରେ ସମସ୍ତେ ହାତରେ ପ୍ଲାକାର୍ଡ ଧରି ସଚେତନତା ନାରା ଦେବାସହ ଅତିଥିମାନେ ଗୋଲାପ ଫୁଲ ଓ ଚକୋଲେଟ୍ ଦେଇ ଗଡ଼ି ଚାଳକ ମାନଙ୍କୁ ସଚେତନ କରାଇଥିଲେ। ଯମ ଓ ଚିତ୍ରଗୁପ୍ତ ବେଶରେ ଆରଟିଓ ପକ୍ଷରୁ ଆସିଥିବା ୨ଜଣ କଳାକାର ଗାଡ଼ି ଚାଳକମାନଙ୍କୁ ସଚେତନ କରାଇଥିଲେ। ମୋବାଇଲ୍ ବ୍ୟବହାର କରି ଯାନ ଚଳାଇବା ଓ ଅସାବଧାନ ଡ୍ରାଇଭିଂ ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ଲୋକଙ୍କୁ ବୁଝାଇଥିଲେ। ଟିଭି ରିପୋର୍ଟର୍ସ ଆସୋସିଏସନ୍‌ର ସଭାପତି ପ୍ରକାଶ ରାଉତ, ସମ୍ପାଦକ ବିକ୍ରମ କେଶରୀ ସାହୁ, କୋଷାଧକ୍ଷ ଜ୍ଞାନରଞ୍ଜନ ଓଝା, ଉପସଭାପତି ଜନ୍ମେଜୟ ଦାଶ, ସହ ସମ୍ପାଦିକା ଜ୍ୟୋତିସ୍ମିତା ନାୟକ, ସଦସ୍ୟ ଅବିନାଶ ମିଶ୍ର ଓ ଭାଗିରଥୀ ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରଖାଯିବ ବୋଲି ଜଣାଇ ଦିଆଯାଇଛି। ଏହି ଅବସରରେ ସାମ୍ବାଦିକ ବିଜୟ ସାହୁ, ଉମାକାନ୍ତ ରାଉତ, ଯଜ୍ଞଦତ୍ତ ତ୍ରିପାଠୀ, ପବିତ୍ର ମହାନ୍ତି, ଦୁଷ୍ମନ୍ତ କୁମାର ଘଡ଼ାଇ, ଶୁଭାଶିଷ ରାଉତ, ଶୁଭାଶିଷ ଦାସମହାପାତ୍ର, କ୍ଲବ୍ ଦି ୟୁଥ୍ ମାସ୍ ର ସଭାପତି ପ୍ରକାଶ ଜେନା ଓ ସମ୍ପାଦକ ରାଜେଶ କୁମାର ରାଉତ, କିନ୍ନର ସଂଘର ସଦସ୍ୟା ଚିନୁ ସାହୁ ଓ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।



# ସମ୍ପାଦକୀୟ



ନିଜ ଭିତରେ ଥିବା ଦକ୍ଷତା, ଆତ୍ମବିଶ୍ୱାସ ଓ ସମ୍ଭାବନାକୁ ହୃଦୟଙ୍ଗମ କରିପାରିଲେ ଆମେ ଏକ ଉନ୍ନତ ବିଶ୍ୱଗଠନ କରିପାରିବା।

-ଦଲାଇ ଲାମା

ସକାଳ
THE SAKALA

## ବାଲିମାଫିଆ ସୂତ୍ରଧରଙ୍କୁ ସୁରକ୍ଷା

ରାଜ୍ୟରେ ଡବଲଇଞ୍ଜିନ ସରକାର କ୍ଷମତାରେ ଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବାଲିମାଫିଆଙ୍କ ଉପରେ ଚଢ଼ଉ କରାଯିବା ନିଶ୍ଚୟ ଏକ ରୋଚକ ଖବର। ଏକଥା ସତ୍ୟ ଯେ ଖଣିଜ ଓ ଲଘୁଖଣିଜ ଚୋରା କାରବାରକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ଆସାମର୍ଥ୍ୟ ପଦାରେ ପଡ଼ିଯାଇଛି। ଏହାପଛରେ ଦଳୀୟ ମନ୍ତ୍ରୀ ଓ ନେତାଙ୍କ ସଂପର୍କ ଥିବାରୁ ସରକାର ଚାପର ବଶବର୍ତ୍ତୀ ହୋଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିଲେ। ରାଜ୍ୟର ଭିଜିଲାନ୍ସ ଓ ଅର୍ଥନୈତିକ ଅପରାଧ ଧରପଗଡ଼ ଦାୟିତ୍ୱରେ ଥିବା ପୁଲିସ ବିଭିନ୍ନ ସରକାରୀ ଅଧିକାରୀଙ୍କ ଦୁର୍ନୀତିପୂର୍ଣ୍ଣ କାରବାର ବିରୋଧରେ କ୍ରମାଗତ ଚଢ଼ଉ ମାଧ୍ୟମରେ ବେଶ ଆଖିଦୃଶିଆ ସଫଳତା ହାସଲ କରିପାରିଛନ୍ତି। ରାଜ୍ୟରେ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଏପ୍ରକାର ଠୋସ କାର୍ଯ୍ୟାନୁଷ୍ଠାନରୁ କ୍ଷମତାସୀନ ସରକାର ପ୍ରଶଂସା ସାଉଁଟି ଚାଲିଥିବା ବେଳେ ବାଲି ସମେତ ଅନ୍ୟ ଲଘୁ ଖଣିଜର ବ୍ୟାପକ ଚୋରା କାରବାରକୁ ରୋକିବାରେ କାହିଁକି ବିଫଳ ହେଲେ? ସାଧାରଣରେ ଏପ୍ରକାର ପ୍ରଶ୍ନ ଉଙ୍କିମାରିବା ସ୍ୱାଭାବିକ। ଏକ୍ଷେତ୍ରରେ ଆଭ୍ୟନ୍ତରୀଣ ଚାପକୁ ଏଡ଼ାଇ ଯାଇ କିଛି କଠୋର ପଦକ୍ଷେପ ଗ୍ରହଣ କଲେ ସରକାର ଭୁଶୁଡ଼ି ପଡ଼ିବା ଭଳି ଆଶଙ୍କା ଥିବାରୁ ଲଘୁ ଖଣିଜ ମାଫିଆଙ୍କ ଉପରେ ଲଗାମ କଷିବା ସମ୍ଭବ ହେଉ. ନଥିଲା। ସିଏଜି ରିପୋର୍ଟ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ଏହି ଚଢ଼ଉ କରିଥିବା ପ୍ରକାଶ। ରାଜ୍ୟର ଖଣି ରାଜସ୍ୱ କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଆଗାମୀ ବଜେଟରେ ତାହାର ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ଥିବାରୁ ମୁଖ୍ୟମନ୍ତ୍ରୀ ଅନନ୍ୟୋପାୟ ହୋଇ ସବୁଜ ସଂକେତ ଦେଇଛନ୍ତି।

ବ୍ୟବସ୍ଥାଗତ ବିଫଳତା କ୍ଷେତ୍ରରେ ରାଜ୍ୟର ପରାମର୍ଶକ୍ରମେ କେନ୍ଦ୍ରକୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥାଏ। ସଂଘୀୟ ବ୍ୟବସ୍ଥାରେ ପ୍ରଚଳିତ ଏହି ପରମ୍ପରା କେବଳ ଡବଲ ଇଂଜିନ ସରକାର କ୍ଷେତ୍ରରେ ହିଁ କାର୍ଯ୍ୟକାରୀ ହେଉଛି। ଏହାର ପୃଷ୍ଠଭାଗରେ ଅଛି ଦଳୀୟ ଭାବମୂର୍ତ୍ତି। ତେଣୁ ଇଡିକୁ ମଧ୍ୟ ବେଶ ସତର୍କତାରେ ସହ ଚଢ଼ଉ କରିବାକୁ ପଡୁଛି। ଗୁରୁବାର ଗଞ୍ଜାମ ଜିଲ୍ଲାର ୫ଟିରୁ ଅଧିକ ସ୍ଥାନରେ ହୋଇଥିବା ଚଢ଼ଉରୁ କୋଟିକୋଟି ନଗଦ ଟଙ୍କା, ବିପୁଳ ପରିମାଣର ସୁନା ଓ ଜାଲ ଦସ୍ତାବିଜ ଜବତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାଫିଆ, ଗ୍ୟାଙ୍ଗଷ୍ଟାର ଓ ବାହୁବଳୀ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା ସେମାନେ ନକଲି ୱାଇଫର୍ମ ବଳରେ ସରକାରୀ ଅଧିକାରୀଙ୍କୁ ଭୁଆଁ ବୁଲେଇ ଏହି କାରବାର କରୁଥିଲେ। ଏକାଧିକ ନଦୀ ଶଯ୍ୟାରୁ ସେମାନେ ନିରଙ୍କୁଶ ଭାବେ ବାଲି ଚୋରାଚାଲାଣ କରୁଥିଲେ। ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଥିଲେ ମଧ୍ୟ ତାହାକୁ ରୋକିବା ସମ୍ଭବ ହେଉ ନ ଥିଲା। ଏହାକୁ ଆମେ ରାଜ୍ୟସରକାରଙ୍କ ଅସାମର୍ଥ୍ୟ କହିପାରିବା। ଆମ ଜାଣିବାରେ ଇଡି ଚଢ଼ଉବେଳେ ଅଥାନରେ ହାତ ମାରିଦେଇଛନ୍ତି। ତାହା ଏବେ ସବୁ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ସକାଶେ ଖଣିମନ୍ତ୍ରୀ ଯେଉଁ ୧୯ ଜଣିଆ ପ୍ରତିନିଧି ମଣ୍ଡଳୀଗଠନ କରିଛନ୍ତି ତାହାର ଅନ୍ୟତମ ସଦସ୍ୟ ଥିବା ସୁନୀଲ ପାତ୍ର ଇଡି ହାତରେ ଧରାପଡ଼ି ଯାଇଛନ୍ତି। ସୁନୀଲଙ୍କ ଚେର କେଉଁଠୁ କେଉଁଯାଏ ଲମ୍ବିଛି ତାହା ଯେ ଇଡି କର୍ତ୍ତୃପକ୍ଷ ଜାଣିପାରି ନଥିବେ ଏକଥା ନୁହେଁ। ତେଣୁ ଆଶାକରାଯାଉଥିଲା ଯେ ସେହି ତଦନ୍ତ ପରିସର ଖଣିମନ୍ତ୍ରୀଙ୍କ ବାସଗୃହ ପର୍ଯ୍ୟନ୍ତ ଆସିବ। ତେଣୁ ଯଦି ବା କେହି ମନ୍ତ୍ରୀଙ୍କ ଇସ୍ତଫା କିମ୍ବା ବରଖାସ୍ତ ଦାବି କରିବ ସେଥିରେ ଆଚମ୍ବିତ ହେବାରେ ନାହିଁ।

ରାଜ୍ୟଲଘୁ ଖଣିଜ ରାଜସ୍ୱ ୧୪୮୫ କୋଟିରୁ ୬୦୦ କୋଟି ଟଙ୍କାକୁ ଏବଂ ଗୁରୁଖଣିଜ ରାଜସ୍ୱ ୫୦,୦୦୦ କୋଟି ରୁ ୩୪,୦୦୦ କୋଟିଟଙ୍କାକୁ ହ୍ରାସ ପାଇଥିବାରୁ ସରକାରଙ୍କ ଅସହାୟତା ବାରି ହୋଇପଡୁଛି। ତେଣୁ ଇଡି ଚଢ଼ଉ କେବଳ ଗଞ୍ଜାମ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ଅନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହେବା ଉଚିତ। ଆଗାମୀ ଦିନରେ ଏହା ନେତା ଓ ମାଫିଆଙ୍କ ମଧୁଚନ୍ଦ୍ରିକା ଉପରୁ ପରଦା ହଟାଇବ ବୋଲି ଆଶା ରହିବା ସ୍ୱାଭାବିକ।

## ଭାରତ-ଏମିରେଟ ସଂପର୍କ

ଆରବ ଏମିରେଟ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାଏଦଙ୍କ ଭାରତ ଗସ୍ତ ଓ ତାଙ୍କ ସୀମିତ ରହଣି ସତ୍ତ୍ୱେ କୂଟନୈତିକ ସ୍ତରରେ ଯେଉଁ ତତ୍ପରତା ପ୍ରକାଶ ପାଇଛି ତାହା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ପାକିସ୍ତାନ ଓ ସାଉଦୀଆରବ ମଧ୍ୟରେ ପ୍ରତିରକ୍ଷା ସହଯୋଗିତା ଓ ସହଭାଗିତାକୁ ନେଇ ମଧ୍ୟପ୍ରାଚ୍ୟ ଓ ମୁସଲମାନ ରାଷ୍ଟ୍ରଙ୍କ ସ୍ତରରେ ଯେଉଁ ଭାରତ ବିରୋଧୀ ଆଭିମୁଖ୍ୟ ମୁଣ୍ଡ ଟେକିଥିଲା ତାହାକୁ ଶକ୍ତ ଧକ୍କା ଲାଗିଛି। ତୁର୍କୀ ନେତୃତ୍ୱରେ ସାଉଦୀ ଆରବ ଓ ପାକିସ୍ତାନ ଇସଲାମିକ ନାଟୋ ମେଣ୍ଟ ଗଠନ ସକାଶେ ଆରମ୍ଭ ହୋଇଥିବା ପ୍ରୟାସରେ ଭାରତ – ଏମିରେଟ ସଂପର୍କ ପ୍ରମୁଖ ପ୍ରତିବନ୍ଧକ ହେବ ବୋଲି ମନେ କରାଯାଉଛି। ଭାରତର ଏହି ସଫଳ କୂଟନୈତିକ ଗୋଟିଚାଳନା ପାକିସ୍ତାନକୁ ବିବ୍ରତ କରିଛି। ନୂଆଦିଲ୍ଲୀରେ ମୋଦୀ ଓ ଜାଏଦଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ପାକିସ୍ତାନ ମଧ୍ୟ ପ୍ରାଚ୍ୟର ସହଯୋଗୀଙ୍କ ସହ ଭାରତର ଏହି ଭୂମିକା ନେଇ ବିଚାର ବିମର୍ଶ ଆରମ୍ଭ କରିଦେଇଛି।

ଏମିରେଟ ଓ ଭାରତ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଯୋଗିତା ଚୁକ୍ତିନାମା ୨୦୨୨ ରୁ ସ୍ୱାକ୍ଷରିତ ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଏହାର ସୁଫଳ ଅନୁଭୂତ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୦୦ ବିଲିୟନ ଡଲାର ଛୁଇଁଛି ଏବଂ ଆସନ୍ତା ୬ ବର୍ଷ ମଧ୍ୟରେ ୨୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ପାକିସ୍ତାନ ମଧ୍ୟପ୍ରାଚ୍ୟରେ କ୍ରମେ ନିଜର ଆସ୍ଥାନ ଜମାଇବା ଆରମ୍ଭ କରିଥିବା ବେଳେ ଭାରତ –ଓମାନ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତର ହିନ୍ଦୁସ୍ଥାନ ପେଟ୍ରୋଲିୟମ ସହ ଏମିରେଟର ଏଡିଏନଓସି ଗ୍ୟାସ କମ୍ପାନୀ ଆସନ୍ତା ୧୦ ବର୍ଷ ମଧ୍ୟରେ ୩ ବିଲିୟନ ଏଲଏନଜି ଯୋଗାଇବାକୁ ଚୁକ୍ତିସ୍ୱାକ୍ଷର କରିଛି। ରଣନୀତିକ ପ୍ରତିରକ୍ଷା କ୍ଷେତ୍ରରେ ଅଂଶୀଦାର, ପ୍ରତିରକ୍ଷା ଶିଳ୍ପ ସ୍ତରରେ ସହଯୋଗିତା, ଅତ୍ୟାଧୁନିକ ପ୍ରାଦ୍ୟୋଗିକ ଜ୍ଞାନକୌଶଳ ବିନିମୟ ଓ ପ୍ରଶିକ୍ଷଣ ଭଳି ୯ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ଆରବ ଏମିରେଟରେ ଭାରତର ରପ୍ତାନୀ ବାଣିଜ୍ୟ ଏଥିମଧ୍ୟରେ ୧୩ ରୁ ୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ଭାରତ ପାଇଁ ଏହା ଦ୍ୱିତୀୟ ବୃହତ୍ ରପ୍ତାନି ବଜାର। ଦୁଇନେତାଙ୍କ ମଧ୍ୟରେ ଗୋପନ ଆଲୋଚନାର ରହସ୍ୟ ଉନ୍ମୋଚିତ ହୋଇ ନ ଥିଲେ ମଧ୍ୟ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପଙ୍କ ପକ୍ଷରୁ ଯେଉଁ ଦ୍ୱିତୀୟ ପର୍ଯ୍ୟାୟ ବୃହତ୍ତର କମିଟି ଗଠନ ପ୍ରୟାସ ଆରମ୍ଭ ହୋଇଛି ସେ ସଂକ୍ରାନ୍ତ କିଛି ତଥ୍ୟ ବିନିମୟକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଇସ୍ରାଏଲ ସହ ଭାରତର ସୁସଂପର୍କ ଦୃଷ୍ଟିରୁ ଏମିରେଟ ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ସଂଯୁକ୍ତ କରାଯାଇପାରେ। ଅନ୍ୟ ଦୃଷ୍ଟିରୁ ବିଚାର କଲେ ମଧ୍ୟପ୍ରାଚ୍ୟରେ ପାକିସ୍ତାନ ଓ ଚୀନ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁଥିବା ବେଳେ ଭାରତ ପାଇଁ ଏମିରେଟର ଏହି ସଂପର୍କ ସହାୟକ ହୋଇପାରେ।

# ଅହଂକାର ଓ ଅମୂଲ୍ୟ ଜୀବନ

ମୀରା ବେଉରା

ଥରେ ଜଣେ ଦାର୍ଶନିକଙ୍କୁ ପଚରା ଯାଇଥିଲା ଆପଣ ଦିନଗୁଡ଼ିକ କିପରି କାଟନ୍ତି? ଦାର୍ଶନିକ ଅତି ସହଜ ଓ ସରଳ ଉତ୍ତରଟିଏ ଦେଇ କହିଥିଲେ ମୁଁ ଦିନରେ ଚବିଶ ଘଣ୍ଟା ବଞ୍ଚେ ଓ ମରେ। ଏହାକୁ ସରଳରେ ବୁଝାଇବାକୁ ଯାଇ ଦାର୍ଶନିକ କହିଥିଲେ ମୁଁ ଭଲଭାବେ ଜାଣେ ଯେ ପ୍ରତିଦିନ ମୋର ଆୟୁଷରୁ ଚବିଶ ଘଣ୍ଟା କମି ଯାଉଛି। ତେଣୁ ମୁଁ ପ୍ରତିଦିନ ଚବିଶ ଘଣ୍ଟା ମରେ। ଏହା ମୁଁ ଜାଣେ ମୋର ଆସନ୍ତାକାଲି ଆୟୁଷ ପୂର୍ଣ୍ଣ ହୋଇପାରେ। ତେଣୁ ମୁଁ ଆଜିର ଚବିଶ ଘଣ୍ଟା ପରମପିତା ଈଶ୍ୱରଙ୍କ ବିଚିତ୍ର ସୃଷ୍ଟିର ରହସ୍ୟ ଜାଣିବା ନିମନ୍ତେ ଉପଯୋଗ କରେ। ତେଣୁ ପ୍ରତିଟି ଘଣ୍ଟା ମୁଁ ବଞ୍ଚୁଛି ବୋଲି ଅନୁଭବ କରିଥାଏ।

ଏ ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ଆମେ ସମସ୍ତେ ଜାଣୁ ଜୀବନ କ୍ଷଣସ୍ଥାୟୀ। ଏହି ମରଣଶୀଳ ଭୌତିକ ପୃଥିବୀରେ କେବଳ ମୃତ୍ୟୁ ହିଁ ଚିରନ୍ତନ ସତ୍ୟ। ଆଉ ସବୁ ମିଥ୍ୟା। ତଥାପି ଆମେ ପ୍ରତିମୁହୂର୍ତ୍ତରେ ଆହୁରି ଆହୁରି ଜୀବନକୁ ବିଳାସବ୍ୟସନରେ ପୂର୍ଣ୍ଣ କରି ଚିରକାଳ ବଞ୍ଚିବାକୁ ଚାହୁଁ। ଅନେକ ଅହଙ୍କାର ମନରେ ଆଣୁ। ସବୁ ମୋର ମୋର ବୋଲି କହୁ। ମନରେ ଔଦ୍ଧତ୍ୟ ଅହଂକାର ଆଣୁ। ଆମେ ଭୁଲିଯାଉ ଆମେ କେଉଁଠାରୁ ଆସିଛୁ ପୁଣି କେଉଁଠାକୁ ଫେରିଯିବୁ। ଏ କାରୁକାର୍ଯ୍ୟମୟ ରାଜମହଲ, ରାଜପ୍ରାସାଦ, ଏ ସୌନ୍ଦର୍ଯ୍ୟପୂର୍ଣ୍ଣ ସହର, ଏ କାରୁକାର୍ଯ୍ୟପୂର୍ଣ୍ଣ ତୁଳିକା ଶଯ୍ୟା- ସବୁକିଛି ମୋତେ ଛାଡ଼ି ଯିବାକୁ ହେବ। 'ଏସିଆର ଆଲୋକ' ଗୌତମ ବୁଦ୍ଧ ଜୀବନରେ ସତ୍ୟତାକୁ ବୁଝିଥିଲେ ବୋଲି ତ ସତ୍ୟର ସନ୍ଧାନ ପାଇଁ ଅହିଂସା ମାର୍ଗରେ ଯାଇ ଈଶ୍ୱର ପ୍ରାପ୍ତି ପାଇଁ ତପସ୍ୟା କରିଥିଲେ। ସବୁ ଐଶ୍ୱର୍ଯ୍ୟକୁ ତ୍ୟାଗ କରି ଜ୍ଞାନପ୍ରାପ୍ତ ହୋଇଥିଲେ। ସେ ବୁଝିଥିଲେ ଏ ସବୁ ଅଳୀକ, କ୍ଷଣସ୍ଥାୟୀ।

ପ୍ରତି ମୁହୂର୍ତ୍ତରେ ଆମ ମନକୁ ଅନେକ ବିଷୟ ଆସେ। ମନକୁ ଅସ୍ତବ୍ୟସ୍ତ କରେ। ପ୍ରତି ମୁହୂର୍ତ୍ତରେ ଆମେ ଅନ୍ୟକୁ ତଳେ ପକାଇ ଅହଂକାର ବଶତଃ ତା'କୁ ନ୍ୟୂନ ଦେଖାଇ କଳେବଳେକୌଶଳେ ତା'କୁ ଶାସନ କରିବାକୁ ଚାହିଁଥାଉ। ତା'ର ସ୍ୱାଭିମାନକୁ ଦଳି ଚକଟି ଲହୁଲୁହାଣ କରିଦେବାକୁ ମଧ୍ୟ ଭୁଲି ନଥାଉ। ଏଇଠି ମନେ ପଡ଼ନ୍ତି ଗ୍ରୀକ ବୀର ଆଲେକଜାଣ୍ଡର। ସମଗ୍ର ପୃଥିବୀକୁ ଜୟ କରିସାରିବା ପରେ ଆଲେକଜାଣ୍ଡର ଥରେ ଜଣେ ସାଧୁଙ୍କ କୁଡ଼ିଆ ଆଗରେ ଯାଇ ଛିଡ଼ା ହେଲେ। ଭାବିଥିଲେ ସାଧୁ ଜଣକ ତାଙ୍କୁ ଭୁରି ଭୁରି ପ୍ରଶଂସା କରିବେ। କିନ୍ତୁ ସାଧୁ ତତ୍କ୍ଷଣାତ୍ ତାଙ୍କୁ ତାଙ୍କ ସମ୍ମୁଖରୁ ଟିକିଏ ହଟି ଯିବାକୁ କହିଲେ ଏବଂ ସେ ହଟିଲେ ତାଙ୍କ ଉପରେ ଖରାଟିକିଏ ପଡ଼ିବ ବୋଲି କହିଲେ। ପରେ ଆଲେକଜାଣ୍ଡର ନିଜର ଭୁଲ ବୁଝି ପାରିଥିଲେ। ପୁଣି ଯେତେବେଳେ ଆଲେକଜାଣ୍ଡର ହାଇଦାସ୍ପିସ ଯୁଦ୍ଧରେ ପୁରୁ ରାଜାଙ୍କୁ ହରାଇ ଦେଇ ତାଙ୍କ ମସ୍ତକ ଉପରେ ଖଣ୍ଡା ରଖି ପଚାରିଥିଲେ 'ଆପଣ ତ ଏବେ ପରାଜିତ। କୁହନ୍ତୁ ମୋ ଠାରୁ ଆପଣ କ'ଣ ଆଶା କରୁଛନ୍ତି?' ପୁରୁ ରାଜା ଦମ୍ଭ ଓ ସ୍ୱାଭିମାନର ସହିତ ଉତ୍ତର ଦେଇଥିଲେ- 'ଜଣେ ରାଜା ଅନ୍ୟ ଜଣେ ରାଜାଙ୍କଠାରୁ ଯେଉଁଭଳି ସମ୍ମାନ ଆଶା କରେ, ମୁଁ ଠିକ୍ ସେହିଭଳି ସମ୍ମାନ ଆଶା କରୁଛି।' ସେଇଠି ଆଲେକଜାଣ୍ଡର ନିଜର ଅହଂକାର ଓ ଅହମିକାକୁ ବୁଝି ପାରିଥିଲେ। ଆଜିର ସଭ୍ୟ ମଣିଷ ଚନ୍ଦ୍ରରେ ପାଦ ଥାପିଛି, ମଙ୍ଗଳ ଗ୍ରହରେ ଜଳର ସନ୍ଧାନ କରି ଜୀବନ ସହ ସେଠାରେ ବଞ୍ଚିବା ପାଇଁ ପ୍ରୟାସ କରୁଛି; ଅଥଚ ଜୀବନର ପ୍ରକୃତ ସତ୍ୟତାକୁ ଉପଲବ୍ଧି କରିପାରୁନି କାହିଁକି?

ଶେଷରେ ଆଲେକଜାଣ୍ଡର ଜୀବନର ସତ୍ୟତାକୁ ଉପଲବ୍ଧି କରି କହି ଯାଇଥିଲେ ଯେ ଯଦିଓ ସେ ସମଗ୍ର ବିଶ୍ୱକୁ ଜୟ କରିଥିଲେ, କିନ୍ତୁ ମୃତ୍ୟୁ ପରେ ତାଙ୍କୁ ଶବାଧାରରେ ନେଲା ବେଳେ ତାଙ୍କ ଦୁଇ ହାତକୁ ଝୁଲାଇ ଖୋଲା ହସ୍ତରେ ଦେଶବାସୀ ତାଙ୍କୁ ବିଦାୟ ଦେବେ। ଯେପରି ସମସ୍ତେ ଦେଖିବେ ମୁଁ ଖାଲି ହାତରେ ଆସିଥିଲି ଓ ଖାଲିହାତରେ ଫେରିଯାଉଛି। ଆଉ ପୁଣି କହି ଯାଇଥିଲେ ଯେ ମୁଁ ଯେତେ ଧନ, ସମ୍ପତ୍ତି, ସ୍ୱର୍ଣ୍ଣାଳଙ୍କାର ଅର୍ଜନ କରିଛି ତା'କୁ ମୋ କବର ପର୍ଯ୍ୟନ୍ତ ବିଛାଇଦେବ।

ତଥାପି ଆଶ୍ଚର୍ଯ୍ୟ ଲାଗେ ସର୍ବତ୍ର ସେହି 'ମୁଁ'କାରର ପ୍ରତିଧ୍ୱନି। ଏ 'ମୁଁ' କାର କାହିଁକି? ଏହି 'ମୁଁ' ହିଁ ଗର୍ବ ଓ ଅହଂକାରର ପ୍ରତୀକ। ମଣିଷ ଭୁଲିଯାଏ ଯେ ସେ ଅଣୁଠାରୁ ମଧ୍ୟ ଆହୁରି ଛୋଟ। ଅହଂକାର ମଣିଷକୁ ପଶୁତ୍ୱ ଦିଗକୁ ନେଇଯାଏ। ଏହି ଅହଂକାର ହିଁ ବିବେକହୀନ ମଣିଷର ଆସ୍ପର୍ଦ୍ଧା ଓ ପତନର କାରଣ। ଆମେ ଏକଥା କଦାପି ବିସ୍ମରି ଯିବା ଉଚିତ ନୁହେଁ ଯେ ଆମ ସମସ୍ତଙ୍କର ସାମର୍ଥ୍ୟର ଉତ୍ସ ହେଉଛି କେବଳ ଦୈବୀଶକ୍ତି। ସେହି ଦୈବୀଶକ୍ତି ବିନା ବୃକ୍ଷରୁ ପତ୍ରଟିଏ ମଧ୍ୟ ଝଡ଼ିପାରେ ନାହିଁ। 'ମୁଁ' ଭାବ ରୂପୀ ଅହଂକାରର ବିନାଶ ନଘଟିଲେ କୌଣସି ଦିବ୍ୟ ଅନୁଭବ ସମ୍ଭବ ନୁହେଁ।

ଅହଂକାରକୁ ଲୋପ କରିବାକୁ ହେଲେ ଅନ୍ୟକୁ ପ୍ରାଣଭରି ଭଲ ପାଇବାକୁ ହେବ। ଯେଉଁ ଭଲ ପାଇବାରେ କି କୌଣସି ସ୍ୱାର୍ଥ ଓ ଛଳନା ନଥିବ। ତେବେ ଯାଇ ଦିବ୍ୟଜ୍ଞାନ ପ୍ରାପ୍ତ ହେବ। ଅହଂକେନ୍ଦ୍ରିକ ଇଚ୍ଛା ସାଧାରଣତଃ କାମନା ଆଶ୍ରିତ। ସେ ନିଜେ ହିଁ କର୍ତ୍ତା ଓ ଭୋକ୍ତା। 'ମୁଁ' ତ୍ୱର କ୍ଷୁଦ୍ର ସ୍ୱାର୍ଥ ଦ୍ୱାରା ମଣିଷ ନିଜେ ହିଁ ନିଜକୁ ଖୁବ୍ ପ୍ରତାରଣା କରେ। ସେ ଅହରହ ନିଜର କ୍ଷୁଦ୍ର ସ୍ୱାର୍ଥ ପାଇଁ ଜଗତର ସ୍ୱାର୍ଥକୁ ବଳି ଚଢ଼ାଏ। ଅହଂକାରୀ ବ୍ୟକ୍ତି ଭୁଲିଯାଏ ଯେ - 'ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟ ଡୋରି, ନିଜ ଭାଗ୍ୟ ଡୋରି କାଳ ହସ୍ତେ ଏହା ପକାନ୍ତି ହେଳେ ପାଶୋରି।'

ଜୁଳୁଜୁଳିଆ ପୋକ ମନେକରେ ସେ ଜଗତକୁ ଆଲୋକ ପ୍ରଦାନ କରୁଛି, କିନ୍ତୁ ସେ ଭୁଲିଯାଏ ଯେ ସେ ସାମାନ୍ୟ ଗୋଟିଏ କୀଟଟିଏ ବୋଲି। ଯେତେବେଳେ ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଆକାଶରେ ଦେଖା ଯାଆନ୍ତି ଅନ୍ୟ ନକ୍ଷତ୍ରଗଣ ଆକାଶରେ ମ୍ଳାନ ପଡ଼ିଯାଆନ୍ତି। କିନ୍ତୁ ପୂର୍ବାକାଶରେ ଯେତେବେଳେ ସୂର୍ଯ୍ୟ ଉଦୟ ହୁଏ ନିମିଷକରେ ଚନ୍ଦ୍ରର ଅହଂକାର ମ୍ଳାନ ପଡ଼ିଯାଏ। ରାମକୃଷ୍ଣ ପରମହଂସ ମଧ୍ୟ କହିଥିଲେ ଅହଂକାର ହେଉଛି ମଣିଷ ଜାତିର ଏକ ଦିବ୍ୟଚେତନା।

ଛଦ୍ମବେଶୀ ବ୍ରହ୍ମାଙ୍କୁ ଜାଣିବା ପାଇଁ ଦେବଗଣ ପ୍ରଥମେ ଅଗ୍ନିଙ୍କୁ ଓ ପରେ ବାୟୁଙ୍କୁ ପଠାଇଥିଲେ। ବ୍ରହ୍ମା ପ୍ରଥମେ ଅଗ୍ନିଙ୍କୁ ଓ ପରେ ବାୟୁଙ୍କୁ ତାଙ୍କର ଶକ୍ତି ଓ ସାମର୍ଥ୍ୟ ବିଷୟରେ ପଚାରିଲେ। ଅଗ୍ନି କହିଲେ 'ମୁଁ ଚାହିଁଲେ ନିମିଷକେ ପୃଥିବୀ ଓ ପୃଥିବୀର ସକଳପଦାର୍ଥକୁ ଜାଳି ପୋଡ଼ି ଭସ୍ମ କରିଦେବି। ବ୍ରହ୍ମା ଏକ ଶୁଷ୍କତୃଣ ରଖି ତା'କୁ ପୋଡ଼ିବାକୁ କହିଲେ। ଅଗ୍ନିଦେବ ସକଳ ଶକ୍ତି ପ୍ରୟୋଗ ସତ୍ତ୍ୱେ ସମର୍ଥ ହୋଇ ନଥିଲେ। ପରେ ବାୟୁ ଦେବ ଠିକ ସେହିପରି ଖଣ୍ଡେ ଶୁଷ୍କ ତୃଣକୁ ଉଡ଼ାଇବାରେ ଅସମର୍ଥ ହୋଇଥିଲେ। ଦୁହେଁ ବାୟୁ ଓ ଅଗ୍ନି କେହି ସମର୍ଥ ହୋଇ ନଥିଲେ। ପରେ ଯେତେବେଳେ ଇନ୍ଦ୍ର ଯକ୍ଷଙ୍କର ପରିଚୟ ଜାଣିବା ପାଇଁ ଗଲେ ଯକ୍ଷ କିନ୍ତୁ ସଙ୍ଗେ ସଙ୍ଗେ ଅନ୍ତର୍ଦ୍ଧାନ ହୋଇଗଲେ। ଇନ୍ଦ୍ର ଯକ୍ଷଙ୍କ ଅଲୌକିକ ମହିମାକୁ ଜାଣି ପାରିଥିଲେ। ଇନ୍ଦ୍ରଙ୍କର ଅହଂକାର ନଥିଲା କି ଔଦ୍ଧତ୍ୟ ନଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଭୂମିରୁ ଭୂମା ପର୍ଯ୍ୟନ୍ତ, ତୃଣରୁ ନକ୍ଷତ୍ର ପର୍ଯ୍ୟନ୍ତ ଏ ବିଶ୍ୱର ପ୍ରତିଟି ଧୂଳିକଣା ମଧ୍ୟରେ ଅହଂକାର ବା 'ମୁଁ'କାର ବିଦ୍ୟମାନ। ଅହଂକାରକୁ ଦୂରେଇ ଦେଲେ ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ମଧୁର, ସୁନ୍ଦର, ଶୋଭାମୟ, ଶିବମୟ ହୋଇଯିବ।

କଟକ, ମୋ: ୭୮୪୭୯୨୧୪୦୦

## ଦେଶର ପ୍ରଗତିରେ ଜନଜାତିଙ୍କ ଭୂମିକା

ରାଜସ୍ମିତା ବାରିକ୍

ଧରିତ୍ରୀ ମାତାର ସୁପୁତ୍ର ଓ ସୁକନ୍ୟା ରୂପେ ଜନଜାତି ବର୍ଗ ପରିଚିତ। ଜଳ, ଜମି ଓ ଜଙ୍ଗଲର ସୁରକ୍ଷା ପାଇଁ ହେଉ ଅବା ସ୍ୱାଧୀନତା ସଂଗ୍ରାମରେ ଜନଜାତିଙ୍କ ଭୂମିକା ଅବିସ୍ମରଣୀୟ। ଜନଜାତି ସମ୍ପ୍ରଦାୟର ସଂସ୍କୃତି, ପ୍ରଥା ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ସେମାନଙ୍କର କର୍ମ ତାଙ୍କୁ ଆଜି ବିଶ୍ୱମାନସରେ ପରିଚିତ କରାଇଛି।

ଭଗବାନ ବିର୍ସାମୁଣ୍ଡାଙ୍କଠାରୁ ସହିଦ ଲକ୍ଷ୍ମଣ ନାୟକଙ୍କ ଯାଏଁ ଅନେକ ବିପ୍ଳବୀ ନେତୃତ୍ୱଙ୍କ ଜୀବନୀ ଆମ ପାଇଁ ଆଦର୍ଶ। ସେହିପରି 'ଚିପକୋ' ଆନ୍ଦୋଳନ ହେଉ ଅବା 'ଅପିକୋ' ଆନ୍ଦୋଳନ ସମୟରେ ଜନଜାତିବର୍ଗର ମହିଳାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସାମ୍ପ୍ରତିକ ସମୟରେ ଆମ ମୟୂରଭଞ୍ଜ ମାଟିର ତିନି ଜଣ ବ୍ୟକ୍ତିତ୍ୱ ଏହାର ଜ୍ୱଳନ୍ତ ଉଦାହରଣ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଜାମ୍ମୁକାଶ୍ମୀରର ପ୍ରଥମ ଉପରାଜ୍ୟପାଳ ତଥା ପୂର୍ବତନ ସିଏଜି ଶ୍ରୀଯୁକ୍ତ ଗିରିଶ ଚନ୍ଦ୍ର ମୁର୍ମୁ ଏବଂ ଡେପୁଟି ଗଭର୍ଣ୍ଣର ଭାବେ ଆରବିଆଇରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ଶିରୀଶ ଚନ୍ଦ୍ର ମୁର୍ମୁ। ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହିଳା ସଂଘର୍ଷ ଓ ସଶକ୍ତୀକରଣର ପ୍ରତୀକ ହୋଇଥିଲା ବେଳେ ଗିରୀଶ ଚନ୍ଦ୍ର ମୁର୍ମୁ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିବା ଦିଗରେ ବ୍ୟାପକ ନେତୃତ୍ୱ ନେବା ସହ ବର୍ତ୍ତମାନ ଶ୍ରୀମନ୍ଦିର ଶୃଙ୍ଖଳା କମିଟିର ଅଧ୍ୟକ୍ଷ ଭାବେ ଭକ୍ତ ଓ ସେବାୟତଙ୍କ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଶିରୀଶ ଚନ୍ଦ୍ର ମୁର୍ମୁ ଦେଶର ବିତ୍ତୀୟ ଅଭିବୃଦ୍ଧି ଓ ପ୍ରଗତି କ୍ଷେତ୍ରରେ ନିଜର ପ୍ରତିଭାକୁ ବିନିଯୋଗ କରୁଛନ୍ତି।

ଓଡ଼ିଶାର ଅଗ୍ରଣୀ ଜନଜାତି ନେତା ରୂପେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ ଦେଶର ଜନଜାତି ବର୍ଗଙ୍କ ସଶକ୍ତୀକରଣ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶ ପାଇଁ ଅହରହ ପରିଶ୍ରମ କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଆ ହକି ତାରକା ଦିଲ୍ଲୀପ ତିର୍କୀ, ବୀରେନ୍ଦ୍ର ଲାକ୍ରା, ଫୁଟବଲ ଖେଳାଳି ବାଇଚୁଙ୍ଗ ଭୁଟିଆ ଭଳି କ୍ରୀଡ଼ାପ୍ରତିଭା ଆମ ଦେଶର ନାମକୁ ଉଜ୍ୱଳ କରିଛନ୍ତି। ସଦ୍ୟ ସମାପ୍ତ ପ୍ରଥମ ମହିଳା ଦୃଷ୍ଟିବାଧିତ ବିଶ୍ୱକପ ବିଜେତା ଭାରତୀୟ ଦଳରେ ସାମିଲ ଓଡ଼ିଆ ଖେଳାଳି ଫୁଲ ସୋରେନ, ବାସନ୍ତୀ ହାଁସଦା, ପାର୍ବତୀ ମାର୍ଣ୍ଡି ଓ ଯମୁନାରାଣୀ ଟୁଡୁଙ୍କ ଖ୍ୟାତି ଆମ ସମସ୍ତଙ୍କୁ ଗୌରବାନ୍ୱିତ କରିଛି।

କନ୍ଧମାଳ ଜିଲ୍ଲାର ସିମବାଲି ଗ୍ରାମର ଯୁବ ବୈଜ୍ଞାନିକ ଅଭିମନ୍ୟୁ ମଲ୍ଲିକ ଇସ୍ରୋରେ ବୈଜ୍ଞାନିକ ଭାବରେ କାର୍ଯ୍ୟରତ। ଜୈବିକ କୃଷି ଦ୍ୱାରା ସମାଜରେ ବିପ୍ଳବ ଆଣିଥିବା କୋରାପୁଟ ଜିଲ୍ଲାର ମହିଳା ଚାଷୀ ଓ ବିଜ୍ଞାନୀ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଅବଦାନ ଯୁବ କୃଷିବିଜ୍ଞାନୀଙ୍କ ପାଇଁ ପ୍ରେରଣା। ବଲାଙ୍ଗିରଘାରୁ ବର୍ଲିନ ଯାଏଁ ନିଜର ସଂଘର୍ଷମୟ ଜୟଯାତ୍ରା ଦ୍ୱାରା ଓଡ଼ିଶାର ଘରେ ଘରେ ପରିଚିତ ଯୁବ ବୈଜ୍ଞାନିକ ଶେଷ କିଷାନଙ୍କ ଜୀବନୀ କାହାକୁ ଅଛପା ନାହିଁ? ପଣ୍ଡିତ ରଘୁନାଥ ମୁର୍ମୁଙ୍କ 'ଅଲଚିକି ଲିପି'ଠାରୁ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ପର୍ଯ୍ୟନ୍ତ ଅଗଣିତ ସାରସ୍ୱତ ସାଧକଙ୍କ ଅବଦାନ ଅବିସ୍ମରଣୀୟ।

ଛଉ, ଢେମସା, ଦଣ୍ଡାହୁଲିଆ, ଢାପ ନୃତ୍ୟ, ଦାସାୟାଁ ନୃତ୍ୟ, ଦଣ୍ଡନୃତ୍ୟଠୁ ଆରମ୍ଭ କରି ସମରକଳା ନୃତ୍ୟ କ୍ଷେତ୍ରରେ ଜନଜାତିଙ୍କ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ। ସେମାନଙ୍କ ବୟନ ଶିଳ୍ପ ଏବେ ବିଶ୍ୱବଜାରରେ ବହୁଳ ଆଦୃତ। ଆଦିବାସୀଙ୍କ ମୌଳିକ ଖାଦ୍ୟ ମାଣ୍ଡିଆ ଏବେ ଶ୍ରୀଅନ୍ନ ରୂପେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ। ସଉରାମାନଙ୍କ ଚିତ୍ରକଳା ଇଡିତାଲ୍ ବିଭିନ୍ନ ମେଟ୍ରୋ ସହରର ବିଳାସମୟ ଅଟ୍ଟାଳିକାର କାନ୍ଥରେ ଶୋଭାବର୍ଦ୍ଧନ କରୁଛି। ଏବେ ସମୟ ଆସିଛି ଆମେ ସେମାନଙ୍କର ମୌଳିକ କଳାକୃତିକୁ ବିଶ୍ୱଦରବାରରେ ଆହୁରି ପ୍ରଚାର ପ୍ରସାର କରି ଆମ ରାଜ୍ୟର ଗୌରବ ବର୍ଦ୍ଧନ କରିବା ଆବଶ୍ୟକ।

ନୀଳଗିରି(ବାଲେଶ୍ୱର), ମୋ: ୭୦୭୭୨୦୩୬୭୬

## ଭବିଷ୍ୟତ-ଅଙ୍କୁରାରୋପଣ

ଡ:ପ୍ରସନ୍ନ କୁମାର ଗନ୍ତାୟତ

ଆଧୁନିକ ଜୀବନରେ ବ୍ୟସ୍ତବହୁଳତା ମଧ୍ୟରେ ଚାପ ଆଉ ଚିନ୍ତା ଅବାଞ୍ଛିତ ସାଥୀ। ତେଣୁ ମାନସିକ ସୁସ୍ଥତାକୁ ପୋଷଣ କରିବାର ପ୍ରଭାବଶାଳୀ ଉପାୟ ଖୋଜିବା ଜରୁରୀ। ଏହି ଉପାୟ ଯେ ଏକ ବିହନରେ ଲୁଚି ରହିଛି ତାହା ଆମେମାନେ ବୋଧହୁଏ ଲକ୍ଷ୍ୟ କରିନାହୁଁ କିମ୍ବା ଗୁରୁତ୍ୱ ଦେଇନାହୁଁ। ଏକ ଛୋଟ ବିହନରୁ ଉଦ୍ଭିଦ ପର୍ଯ୍ୟନ୍ତ ଯାତ୍ରାରେ ସଫଳତାର ଏକ ଶକ୍ତିଶାଳୀ ମନ୍ତ୍ର ରହିଛି। ଏହା ଆମ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସକୁ ବୃଦ୍ଧି କରେ ଏବଂ ପ୍ରେରଣାଦାୟୀ ହୁଏ। ଆଶାର ବିହନଟିଏ ଆମ ମନ ଭିତରେ ରୋପଣ କଲେ ନିଶ୍ଚିତ ଭାବରେ ତାହା ବିଭିନ୍ନପ୍ରକାର ନକାରାତ୍ମକ ମନୋଭାବକୁ ପ୍ରତିହତ କରେ। ସେହିପରି ବିହନ ରୋପଣରେ ନିୟମିତ ଅଳ୍ପ ସମୟ ଉତ୍ସର୍ଗ କରି ଏକ ସଂଗଠିତ ଅଭ୍ୟାସ ମନକୁ ସ୍ଥିରତା ପ୍ରଦାନ କରେ।

ବିହନ ଅଙ୍କୁରିତ ହୋଇ ଉଦ୍ୟାନ କିମ୍ବା ଜଙ୍ଗଲ ସୃଷ୍ଟି କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରଭାବଶାଳୀ ଉପାଦାନ, ଯାହା ଚାପ ହ୍ରାସ, ମନୋଭାବ ଉନ୍ନତି ଓ ସଚେତନତା ପ୍ରଦାନ କରେ। ଏହା ଆମକୁ ପ୍ରକୃତି ସହିତ ସଂଯୋଗ ଏବଂ ଧୈର୍ଯ୍ୟକୁ ପ୍ରୋତ୍ସାହିତ କରେ। ଏକ ଛୋଟ ବିହନ, ଆଲୋକ କିମ୍ବା ଅନ୍ଧାରକୁ ଭୟ କରେ ନାହିଁ, ବରଂ ବଢ଼ିବା ପାଇଁ ଉଭୟକୁ ବ୍ୟବହାର କରେ। ବିହନ ଗଜା ହେବା ସଫଳତାକୁ ସୂଚାଏ, ଆତ୍ମସମ୍ମାନ ବୃଦ୍ଧି କରେ ଏବଂ ଆଗାମୀ ପିଢ଼ି ପାଇଁ ଆଶାରୋପଣ କରାଇ ସ୍ୱପ୍ନକୁ ପୋଷଣ କରେ। ଏକ କ୍ଷୁଦ୍ର, ସୁପ୍ତ ବିହନ ଏକ ସଫଳ ଚାରାରେ ପରିଣତ ହେବା ଦ୍ୱାରା ଏକ ସ୍ପଷ୍ଟ ସଫଳତା ଓ ସୃଜନଶୀଳତାର ଭାବନା ମିଳିଥାଏ।

ପ୍ରତ୍ୟେକ ବିହନରେ ଏକ ବିଶାଳ ଜଙ୍ଗଲର ପ୍ରତିଶ୍ରୁତି ଥାଏ। ଏହାର ବୃଦ୍ଧି ଦେଖିବା ଓ ଶାରୀରିକ ଭାବେ ନିୟୋଜିତ ହେବା ଦ୍ୱାରା ଚିନ୍ତାରୁ ବିରତି ମିଳିବା ଭଳି ଅନୁଭବ ହୁଏ। ଛାତ୍ରଛାତ୍ରୀଙ୍କର ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ଶୈକ୍ଷିକ ସଫଳତା ଜୀବନ ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଭାବ ପ୍ରବଣତା, ମାନସିକ, ସାମାଜିକ ଓ ପାରିବାରିକ ଭଳି ଚାପ ଦ୍ୱାରା ବିପଦଗ୍ରସ୍ତ। ତେବେ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ସହାୟକ ପରିବେଶ। ଏହା କିଛି ସମ୍ଭାବନା ହାସଲ ସହ ସ୍ଥିରତା ସୃଷ୍ଟି କରିବା ସାହାଯ୍ୟ କରେ। ଏକ ଆଶାର ବିହନରେ ଏକ ଭବିଷ୍ୟତ ସୃଷ୍ଟି କରିବାର ଦୃଷ୍ଟାନ୍ତ ଥାଏ। ଏହି ପ୍ରକ୍ରିୟା ପ୍ରାକୃତିକ ଜୀବନଚକ୍ର ସହିତ ଏକ ଗଭୀର ସଂଯୋଗକୁ ପ୍ରୋତ୍ସାହିତ କରେ ଏବଂ ନିଃସଙ୍ଗ ଭାବନାର ମୁକାବିଲା କରିବା ସହ ଏକ ସକାରାତ୍ମକ ଭାବନା ଗଠନ କରିବାରେ ସାହାଯ୍ୟ କରିଥାଏ। ଏହି ପ୍ରକ୍ରିୟା ପୁଣି ବୁଝାଇଥାଏ ଯେ ଛୋଟଛୋଟ କାର୍ଯ୍ୟ ମଧ୍ୟ ସମୟ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ।

ତେବେ ଆସନ୍ତୁ ଦୟା ଓ ପରୋପକାରର ବିହନ ବୁଣି ଏକ ପ୍ରେମର ଉଦ୍ୟାନ ବା ଜଙ୍ଗଲ ସୃଷ୍ଟି କରିବା। ବିହନ ରୋପଣକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ଏକ ଅଭ୍ୟାସରେ ପରିଣତ କରିବା। ବିହନ ରୋପଣ ଏକ ଛୋଟ ପରିବର୍ତ୍ତନ ହୋଇପାରେ; କିନ୍ତୁ ଏହା ଏକ ବଡ଼ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଘଟାଏ। ଆଉ ଜ୍ଞାନାତ୍ମକ ସୁସ୍ଥତା ବୃଦ୍ଧି ପାଇଁ ଏକ ସବୁଜ ପଥ ପ୍ରଦାନ କରିପାରେ। ବିହନ ଅଙ୍କୁରିତ ହୋଇ ସତେଯେମିତି ଆମକୁ କହେ - 'ବିଶ୍ୱାସ କର, ଧ୍ୟାନ ଦିଅ, ହାସଲ କର - ତୁମର ସମୟ ଆସୁଛି। ଆଗକୁ ବଢ଼ିଚାଲ। ପ୍ରୟାସ ସବୁକିଛି ବଦଳାଇ ଦେଇଥାଏ। ସବୁବେଳେ ଅଙ୍ଗୀକାରବଦ୍ଧ ରୁହ।'

(ପ୍ରାକ୍ତନ ଅଧ୍ୟକ୍ଷ) ରାୟଗଡ଼ା
ମୋ: ୮୨୪୯୪୨୫୫୫୧

# ଶବ୍ଦ-ସ୍ଥପତି: କଳିଙ୍ଗଶିଳ୍ପୀ ରାଜକିଶୋର ରାୟ

**ସାହିତ୍ୟ ସରିତ୍**

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜକିଶୋର ରାୟଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା କବିତା ରଚନାରୁ। 'ଦୀପାଳି' ନାମକ ସଂକଳନରେ ତାଙ୍କ ବିଦଗ୍ଧ କବିପ୍ରାଣର ପ୍ରକାଶ କି ବର୍ଣ୍ଣିଳ ଓ ଭାବାର୍ଦ୍ର!! କବିତା ସୃଷ୍ଟିରୁ ସେ ଆସନ୍ତି ଗଳ୍ପ ସର୍ଜନାର ଭୂମିକୁ। ମାତ୍ର କବିପ୍ରାଣଟିକୁ ସେ କ'ଣ ବିସର୍ଜନ ଦେଇ ପାରିଛନ୍ତି? ତାହା ସମ୍ଭବ ହୋଇନାହିଁ। ହୋଇପାରେ ନାହିଁ। ପୁଣି ତାଙ୍କ ବ୍ୟକ୍ତିତ୍ୱ ଥିଲା କି ନାଟକୀୟ! ସେ ଅନେକ ଗଳ୍ପରଚନା କରି ଓଡ଼ିଆ ଗଳ୍ପକୁ ନେଇଯାଇ ପାରିଛନ୍ତି ଏକ କାବ୍ୟିକ ପୁଣି ନାଟକୀୟ ସ୍ତରକୁ।

ଓଡ଼ିଆ ଗଳ୍ପର ଅନୁରାଗୀ ପାଠକଙ୍କ ଅନ୍ତରରେ ରାଜକିଶୋର ରାୟଙ୍କ ରଚିତ 'କଳିଙ୍ଗ ଶିଳ୍ପୀ' ଗଳ୍ପ ଏପର୍ଯ୍ୟନ୍ତ ଯେ ଅମ୍ଳାନଜ୍ୟୋତିରେ ଭାସ୍ୱର- ଏହା ପ୍ରମାଣର କୌଣସି ଅପେକ୍ଷା ରଖେ ନାହିଁ। ବିଷୟ ପରିକଳ୍ପନା, ଉପସ୍ଥାପନ ଶୈଳୀ, ଶବ୍ଦନିର୍ମାଣ, ଚରିତ୍ର ଚିତ୍ରଣ- ସବୁଦୃଷ୍ଟିରୁ ଗଳ୍ପଟି ଏପରି ରସୋତ୍ତୀର୍ଣ୍ଣ ହୋଇଛି ଯେ, ତାହା ବାରମ୍ବାର ପାଠ କରିବା ଫଳରେ ଅଧିକରୁ ଅଧିକ ପ୍ରଗାଢ଼ ଭାବରେ ଆନ୍ଦୋଳିତ ହେଉଥାଏ ଅନ୍ତଃସ୍ଥଳ। ସତକୁ ସତ ଏହା କ'ଣ ଏକ ପରିକଳ୍ପିତ ଗଳ୍ପମାତ୍ର? ନା କଳିଙ୍ଗ-ଶିଳ୍ପୀର ଆତ୍ମା ଗାଳ୍ପିକଙ୍କୁ ମାଧ୍ୟମ କରି ନିଜକୁ ପ୍ରକାଶ କରିଛି ସାର୍ଥକ ଭାବରେ? ଏକ ଅଦୃଶ୍ୟ ଶିଳ୍ପୀସତ୍ତା ଦ୍ୱାରା ପରିଚାଳିତ ନ ହେଲେ ଏପରି ଗଳ୍ପ ସର୍ଜନା ଯେ ସମ୍ଭବ ନୁହେଁ, ଏହା ଯେ କେହି ଉପଲବ୍ଧି କରିପାରିବେ ନିବିଡ଼ ଭାବରେ ନିଶ୍ଚୟ।

ରାଜକିଶୋର ରାୟ ଥିଲେ ଜଣେ ଉଚ୍ଚକୋଟୀର ସମାଜ ସଚେତନ ଗାଳ୍ପିକ। 'ଆଚାର୍ଯ୍ୟେ ଥିଲେ ବୋଲି' ଗଳ୍ପଟିରେ ପ୍ରଦର୍ଶନପ୍ରିୟ ମଣିଷମାନଙ୍କ ଛଦ୍ମତାକୁ ସେ ପ୍ରକଟ କରିଦେଇପାରିଛନ୍ତି ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ନେଇ। ଏହା ତେଣୁ ପାଠକ ସମାଜକୁ ପ୍ରଦାନ କରିପାରିଛି ବିରଳ ସନ୍ଦେଶ। ବାସ୍ତବତାକୁ ପ୍ରାଣବନ୍ତ ଭାବରେ ଚିତ୍ରଣ କରିବା କେବଳ ଜଣେ ସଚ୍ଚୋଟ ଗାଳ୍ପିକର ଲକ୍ଷ୍ୟ ନୁହେଁ। ତା' ମଧ୍ୟରେ ଏପରି ଏକ ଚରିତ୍ର, ଏପରି ଏକ ସଂକେତ ବା ଅନୁରୂପ ଏକ ନାମକରଣ ଦ୍ୱାରା ପାଠକ ମଧ୍ୟରେ ଥିବା ପ୍ରକୃତ ମନୁଷ୍ୟତା ସେ ଜାଗ୍ରତ କରିଦିଅନ୍ତି ଅସାମାନ୍ୟ କଳାର କାଳୋତ୍ତୀର୍ଣ୍ଣ ସ୍ପର୍ଶ ଦେଇ। ରାଜକିଶୋର ରାୟଙ୍କ ଗଳ୍ପ ସଂକଳନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରନ୍ତି : 'ନୀଳ ଲହରୀ', 'ବିକଚ ଶତଦଳ', 'ଅଶୋକ ଚକ୍ର', 'ବନଜ୍ୟୋସ୍ନା', 'ଜୟଶ୍ରୀ', 'ଜୟଶଙ୍ଖ', 'ଏହିକି ଦେବାୟତନ', 'ମନର ମୃଣାଳ', 'ଶୋଣିତ କାବ୍ୟ', 'ପଙ୍କ ଚନ୍ଦନ' ଆଦି। ତାଙ୍କ ଗଳ୍ପ ପଠନ ବେଳେ ଅନୁଭୂତ ହୁଏ ସେ ନିଜେ କବିତା ପରି ବିଗଳିତ, ସମ୍ବେଦନଶୀଳ ମଣିଷ ଭାବରେ ସର୍ବତ୍ର ସଂଚରିତ ଆଉ ସ୍ୱୟଂ ମାର୍ମିକ ନାଟ୍ୟ-ଦୃଶ୍ୟ ପରି ପାଠକ ଆଗରେ ପ୍ରତିଭାତ।

ଏ ପ୍ରସଙ୍ଗରେ ଆମେ ଫେରି ଚାହିଁବା ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ମହାରଣାଙ୍କୁ। ରାଜା ବସୁଭୂମାଙ୍କ ଆଦେଶ ଅନୁସାରେ ଗଢ଼ିଛି ପଥରର ମୂର୍ତ୍ତି ସେ। ତମାଳ ଶାଖାରୁ ଏକ ତ୍ରସ୍ତା ଶୁକପକ୍ଷୀ ଉଡ଼ିଆସି ଯୁବତୀର କର୍ଣ୍ଣଭୂଷାକୁ ଚଞ୍ଚୁଦ୍ୱାରା ଆଘାତ କରୁଛି। ଉଦ୍ୟାନରେ ଭ୍ରମଣରତ ରାଜା ଯୁବତୀଟିକୁ ଭୟମୁକ୍ତ କରିବାର ପ୍ରୟାସ କଲା ବେଳେ ଶୁକପକ୍ଷୀ ତରୁଣ ରାଜାଙ୍କ ବକ୍ଷଦେଶକୁ ବିଦ୍ଧ କରୁଛି। ନଖାଘାତରେ ପୁଣି କରୁଛି କ୍ଷତାକ୍ତ। ସେଥିରୁ ଝର ଝର ହୋଇ ଯେଉଁ ରକ୍ତରଧାରା ବହି ଆସୁଛି, ତରୁଣୀଟି ନିଜ ଅଧର ସଂଯୁକ୍ତ କରି ଶୋଷି ନେଉଛି ସେଇ ରକ୍ତ। ଏହି ଦୃଶ୍ୟକୁ ଓଡ଼ିଆ ଶିଳ୍ପୀ ପ୍ରସ୍ତର ଖଣ୍ଡରେ ରୂପ ଦେବା ବେଳେ ତାହା ସତେ କି ପାଇଛି ଜୀବନ୍ୟାସ। ପ୍ରସ୍ତର ଗାତ୍ରରେ ଜୀବନ ସଂଚାର-କ୍ଷମ ଭାସ୍କର୍ଯ୍ୟ ଶିଳ୍ପୀ ପରି ରାଜକିଶୋର ରାୟ ଶବ୍ଦ ମଧ୍ୟରେ ଭରି ଦେଇଛନ୍ତି ପ୍ରେମାନୁରକ୍ତିର ପବିତ୍ର ରକ୍ତଧାରା। ଏହି ଗୋଟିଏ ବିନ୍ଦୁରେ ଭାସ୍କର୍ଯ୍ୟଶିଳ୍ପୀ ଓ ସାହିତ୍ୟ ଶିଳ୍ପୀ ମଧ୍ୟରେ ରହେନା ତାରତମ୍ୟ। ଶିଳ୍ପକଳାକୁ ଯେଉଁମାନେ ମନେକରନ୍ତି ଏକ ବାହ୍ୟ କଳାକୌଶଳ ବୋଲି ସତେ କି ସେଇ ସମସ୍ତଙ୍କ ଅନ୍ତଃଦୃଷ୍ଟି ଉନ୍ମୋଚନ କରିଦେଇଛନ୍ତି ଗାଳ୍ପିକ ଅସାମାନ୍ୟ ଆନ୍ତରିକତାର ସହ। ରକ୍ତତର୍ପଣ ବିନା ଯେ କୌଣସିପ୍ରକାର କଳା ହୋଇପାରେ ନାହିଁ କାଳଜୟୀ - ଏହି ମର୍ମବାଣୀ ରାଜକିଶୋର ରାୟ ପ୍ରତିପନ୍ନ କରି ଦେଇଛନ୍ତି ପ୍ରଭାବଶାଳୀ ଭାବରେ।

ତାଙ୍କ ଗଳ୍ପରେ ମାନବୀୟ ସମ୍ବେଦନା ଯେପରି ରହିଛି, ସେପରି ମଧ୍ୟ ପ୍ରକାଶିତ ହୋଇଛି ତଥାକଥିତ ସଭ୍ୟ ମଣିଷ ପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ। ଜଣେ ସାଧୁ କଥାଶିଳ୍ପୀ ଭାବରେ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ନିମିତ୍ତ ସେ ନିରବଚ୍ଛିନ୍ନ ଭାବରେ ଲେଖନୀ ଚାଳନା କରିଛନ୍ତି। ରାଜକିଶୋର ନିଜସ୍ୱ ଯେଉଁ ରାୟ ସଂରକ୍ଷିତ ରଖି ଦେଇଛନ୍ତି ଗଳ୍ପସୃଜନରେ ତଦନୁଯାୟୀ କ'ଣ ଗଢ଼ି ଉଠି ନ ପାରେ ଏକ ନୂତନ ସମାଜ? ନୂତନ ମୂଲ୍ୟବୋଧ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ସେବା ବନ୍ଦ ନିଷ୍ପତ୍ତି

# କଡ଼ା ସମାଲୋଚନା କଲା ବିଜେଡି

ଭୁବନେଶ୍ୱର,୨୧।୧(ସମିସ): ବିଜେଡି ସରକାର ୧୫ ମେ ୨୦୨୩ରେ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ସେବା ଆରମ୍ଭ କରିଥିଲେ। ୟୁଏଇରେ ଥିବା ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ପାଇଁ ସପ୍ତାହରେ ତିନିଥର ସେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଆସନ୍ତା ମାର୍ଚ୍ଚ ୩୦ ତାରିଖରୁ ଇଣ୍ଡିଗୋ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନକୁ ବନ୍ଦ କରିବାକୁ ଆପାତତଃ ନିଷ୍ପତ୍ତି ସରିଥିବା ଜଣାପଡ଼ିଛି। ପର୍ଯ୍ୟଟନ, ବାଣିଜ୍ୟ ଏବଂ ସଂଯୋଗକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ବିଜେପି ସରକାରଙ୍କୁ ହସ୍ତକ୍ଷେପ କରିବାକୁ ଦାବି କରିଛି ବିଜେଡି। ଏକ ପ୍ରେସ୍ ବିବୃତ୍ତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି ଦୁବାଇରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ବନ୍ଦ କରିବା ପାଇଁ ବିଜେପି ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି। ସିଧାସଳଖ ବିମାନ ସେବା ବନ୍ଦ କରିବା ବିଜେପି ସରକାରଙ୍କ ଅଯୋଗ୍ୟତାର ଆଉ ଏକ ସଙ୍କେତ। ଏହି ନିଷ୍ପତ୍ତି ଦ୍ୱାରା ୟୁଏଇରେ ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ଗମନାଗମନ ଏବଂ ସଂଯୋଗକୁ ପ୍ରଭାବିତ କରିବା ସହ ସିଧାସଳଖ ସେମାନେ କ୍ଷତିର ସମ୍ମୁଖୀନ ହେବେ ବୋଲି ଡ. ମହାନ୍ତି କ୍ଷୋଭ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ଇଣ୍ଡିଗୋ ଏୟାରଲାଇନ୍ସର ସେବାରେ ଯେଉଁ ଅସ୍ଥିରତା ହେଉଛି ତାହା ଓଡ଼ିଶାକୁ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ସିଧାସଳଖ ଅନ୍ତର୍ଜାତୀୟ ବିମାନ ଜାରି ରଖିବା ନେଇ ଅନିଶ୍ଚିତତା ସୃଷ୍ଟି ହେଉଛି। ୩୦ ମାର୍ଚ୍ଚ ପରେ ଦୁବାଇ-ଭୁବନେଶ୍ୱର ରୁଟ୍ ପାଇଁ ଅନ୍‌ଲାଇନ୍ ବୁକିଂ ବର୍ତ୍ତମାନ ଗ୍ରହଣ କରାଯାଉନାହିଁ। ଏହା ଓଡିଆ ଯାତ୍ରୀମାନଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଛି। ଭୁବନେଶ୍ୱର-ଦୁବାଇ ସିଧାସଳଖ ବିମାନକୁ ୧୫ ମଇ ୨୦୨୩ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆରମ୍ଭ କରାଯାଇଥିଲା। ଇଣ୍ଡିଗୋ ଏୟାରଲାଇନ୍ସ ଦ୍ୱାରା ପରିଚାଳିତ ଏହି ସେବା ସପ୍ତାହରେ ତିନିଥର ଚାଲିଥିଲା ଏବଂ ଓଡ଼ିଶାର ଅନ୍ତର୍ଜାତୀୟ ବିମାନ ଚଳାଚଳ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଭାବରେ ପ୍ରଶଂସିତ ହୋଇଥିଲା। ସିଧାସଳଖ ବିମାନ ପ୍ରଚଳନ ହେବା ପରେ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଯାତ୍ରା କେନ୍ଦ୍ର ଭାବରେ ଦୁବାଇ ସ୍ଥିତି ରାଜ୍ୟ ପାଇଁ ନିବେଶ, ବାଣିଜ୍ୟ ଏବଂ ପର୍ଯ୍ୟଟନ ପାଇଁ ନୂତନ ରାସ୍ତା ଖୋଲିଥିଲା। ଏହା ସହିତ ସାରା ବିଶ୍ୱରୁ ଓଡ଼ିଶାକୁ ପରିଦର୍ଶନ କରିବାକୁ ଚାହୁଁଥିବା ଅବସର ବିନୋଦନ ଯାତ୍ରୀଙ୍କ ପାଇଁ ବହୁବିଧ ବିକଳ୍ପ ପ୍ରଦାନ କରୁଥିଲା। ବିଜେଡି ସରକାର ବଜେଟରେ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ। ସେବାର ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ପ୍ରତିବର୍ଷ ୧୦୦ କୋଟି ଟଙ୍କାର ଭାୟାବିଲିଟି ଗ୍ୟାପ୍ ପାଣ୍ଠି ପ୍ରଦାନ କରାଯାଇଥିଲା। ଏହି ଅନନ୍ୟ ବିମାନ ସଂଯୋଗ ପ୍ରକଳ୍ପ ଅଧୀନରେ, ଯାତ୍ରୀଙ୍କ ବାସ ସ୍ଥାନ ସ୍ଥିର ହେବା ଏବଂ ରୁଟ୍ ବାଣିଜ୍ୟିକ ଭାବରେ ସମ୍ଭବ ନହେବା ପର୍ଯ୍ୟନ୍ତ ରାଜ୍ୟକୁ ବିମାନ କମ୍ପାନୀକୁ ସମର୍ଥନ କରିବା ପାଇଁ ପରିଚାଳନାଗତ ଖର୍ଚ୍ଚର ଏକ ଅଂଶ ବହନ କରିବାକୁ ପଡିଥିଲା। ପର୍ଯ୍ୟଟନ, ବାଣିଜ୍ୟ ଏବଂ ସଂଯୋଗୀକରଣକୁ ସୁରକ୍ଷିତ ରଖିବା ପାଇଁ ବିଜେପି ସରକାରଙ୍କୁ ହସ୍ତକ୍ଷେପ କରିବାକୁ ବିଜେଡି ଦାବି କରିଛି।

- ବିମାନ ସେବା ବନ୍ଦ କରିବା ଅଯୋଗ୍ୟତାର ସଙ୍କେତ
- ୪୦,୦୦୦ରୁ ଅଧିକ ଓଡ଼ିଆଙ୍କ ଗମନାଗମନ ଏବଂ ସଂଯୋଗକୁ କରିବ ପ୍ରଭାବିତ
- ହସ୍ତକ୍ଷେପ କରନ୍ତୁ ସରକାର

# ବଜ୍ରକାପ୍ତା କାତି ଜବତ, ୩ ଗିରଫ



ରାଜନଗର, ୨୧।୧ (ସମିସ): ବଜ୍ରକାପ୍ତା ଡିଲ୍ ବେଳେ ମାଡ଼ି ବସିଲା ବନ ବିଭାଗ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନ ବିଭାଗ ଟିମ୍ ଆଜି ଅପରାହ୍ନରେ ଏକ ବନ୍ୟଜନ୍ତୁ ତସ୍କର ଗ୍ୟାଙ୍ଗର ପର୍ଦ୍ଦାଫାସ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ପଟ୍ଟାମୁଣ୍ଡାଇର ଏସ୍.କେ ବରଖାଇତୁଲ୍ଲା, ଷଣ୍ଢପଲ୍ଲୀ ଗାଁର ଅଭିରାମ ମଲ୍ଲିକ ଓ ରାଜକିଶୋର ମଲ୍ଲିକ। ସେମାନଙ୍କଠାରୁ ୧୪ଟି ବଜ୍ରକାପ୍ତା କାତି, ୩ଟି ମୋବାଇଲ, ଦୁଇଟି ବାଇକ୍ ଜବତ ହୋଇଛି। ବନ ବିଭାଗ ସେମାନଙ୍କୁ ଗିରଫ କରି ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଅଧିକ ପଚରାଉଚରା କରୁଛି। ଅପରପକ୍ଷେ, ଭିତରକନିକା ଅଞ୍ଚଳରେ ବଜ୍ରକାପ୍ତା କାତି ଜବତ ହେବା ପ୍ରଥମ ଘଟଣା ହୋଇଥିବାରୁ ବନବିଭାଗ ଅଧିକ ତତ୍ପର ହୋଇପଡ଼ିଛି। ପ୍ରାଥମିକ ତଦନ୍ତରୁ ବନ ବିଭାଗ ଜାଣିବାକୁ ପାଇଛି ଯେ ଏମାନେ ବାଲେଶ୍ୱର ଜିଲ୍ଲା କୁଲଡିହା ଜଙ୍ଗଲରେ ବଜ୍ରକାପ୍ତାକୁ ମାରି ତା'ର କାତିକୁ ବିକ୍ରି କରିବାକୁ ଆଣିଥିଲେ। ଶିକାରୀଙ୍କୁ ଗିରଫ କରିବା ପାଇଁ ଏସଟିଏଫ ଟିମ, ବାଲେଶ୍ୱର ବନ ବିଭାଗ ଟିମ ଓ ରାଜନଗର ବନ ବିଭାଗ ଟିମ ମିଳିତ ଭାବେ ଚଢ଼ଉ କରିଥିଲା। ବନ ବିଭାଗର ଜଣେ କର୍ମଚାରୀ ଗ୍ରାହକ ସାଜି ୭୦ ହଜାର ଟଙ୍କା ନେଇ ପହଞ୍ଚିଥିଲେ। ବଜ୍ରକାପ୍ତା କାତି ବେପାରୀ ଟଙ୍କା ଧରିବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଟିମ ୩ ଜଣ ବେପାରୀଙ୍କୁ ମାଡି ବସିଥିଲା।

## ଧାନ ବେପାରୀଙ୍କୁ ବାନ୍ଧିଲେ ଗ୍ରାମବାସୀ

ଉଦଳା, ୨୧।୧(ସମିସ): ଆଖିରେ ଆଙ୍ଗୁଠି ଗେଞ୍ଜି ବସ୍ତା ପିଛା ୧୬ କେଜି କାଟି ଧାନ କିଣୁଥିବା ଜଣେ ଧାନ ବେପାରୀକୁ ଗ୍ରାମବାସୀ ଦଉଡ଼ିରେ ବାନ୍ଧି ଅଟକ ରଖିବା ଘଟଣା ଉଦଳା ବ୍ଲକ୍‌ରେ ଚର୍ଚ୍ଚାର ବିଷୟ ହୋଇଛି। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଧାନ ବେପାରୀ ଏହାର ଫାଇଦା ନେବାକୁ ଗାଁ ଗାଁରେ ଘୂରି ବୁଲୁଛନ୍ତି। ଶାଗମାଛ ଦରରେ ଚାଷୀଙ୍କଠାରୁ ସେମାନେ ଧାନ କିଣି ନେଇଯାଉଛନ୍ତି। ଆଜି ଜଣେ ଧାନବେପାରୀ ଉଦଳା ଥାନା କଇଁସାରି ଗ୍ରାମରେ ପହଞ୍ଚି ଚାଷୀଙ୍କଠାରୁ ଧାନ କିଣିଥିଲେ। ହେଲେ ବସ୍ତା ପିଛା ସେ ୧୬ କେଜି ହିସାବରେ କଟନୀଛଟନୀ କରିବାରୁ ଗ୍ରାମବାସୀ ତାତି ଯାଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଏକ ଦଉଡ଼ିରେ ତାଙ୍କୁ ବାନ୍ଧି ପକାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବେପାରୀଙ୍କୁ ଉଦ୍ଧାର କରିଥିଲା।

# ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିରୋଧରେ ହାଇକୋର୍ଟଙ୍କ ଗିରଫ ପରୱାନା

କଟକ,୨୧।୧(ସମିସ): ହାଇକୋର୍ଟଙ୍କ ଆଦେଶ ଅନୁପାଳନ ନ କରିବା ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଅଡୁଆରେ ପକାଇଛି। ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଢେଙ୍କାନାଳ ଡିଇଓ ପରେଶ ପାତ୍ରଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି ହାଇକୋର୍ଟ। ଜାନୁଆରି ୨୨ରେ ଡିଇଓଙ୍କୁ ହାଜର କରାଇବା ପାଇଁ ଏହି ଗିରଫ ପରୱାନା ଜାରି କରାଯାଇଛି। ଶଶିଭୂଷଣ ମହାପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଇନଥିବା ସମ୍ପର୍କରେ ସମ୍ପୃକ୍ତ ଡିଇଓ ସ୍ପଷ୍ଟୀକରଣ ରଖିବେ। ଯଦି ପୂର୍ବ ଆଦେଶ ପାଳନ କରାଯାଏ, ତେବେ ଡିଇଓଙ୍କ ବିରୋଧରେ ଏହି ନିର୍ଦ୍ଦେଶ ଆଧାରରେ କୌଣସି କଠୋର୍ ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ଓ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି। ମାମଲାରୁ ପ୍ରକାଶ ଯେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ଅଧୀନ ମକୁଆକାଟେଣି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ରୁଦ୍ରମୋହନ ମହାପାତ୍ରଙ୍କ ୨୦୧୧ରେ ବିୟୋଗ ହୋଇଥିଲା। ତାଙ୍କ ପୁଅ ତଥା ଆବେଦନକାରୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରସଙ୍ଗରେ ଦୁଇ ମାସ ଭିତରେ ବିଚାର କରିବାକୁ ଢେଙ୍କାନାଳ ଡିଇଓଙ୍କୁ ଗତ ୨୦୨୫ ସେପ୍ଟେମ୍ବର ୯ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରି ଗତ ଡିସେମ୍ବରରେ ଆବେଦନକାରୀ ଡିଇଓ ଶ୍ରୀ ପାତ୍ରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହକ୍ ମାଗୁଛି...

ଏଫସିଆଇ ଜରିଆରେ ଯଦି କେନ୍ଦ୍ର ଉଷୁନା ଧାନ ନ ଉଠାଉଥିବା ମଧ୍ୟ ଆଉ ଏକ ସମସ୍ୟାକୁ ଜନ୍ମ ଦେଇଛି। ଅପରପକ୍ଷରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡ଼ିଶା ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସିଥିଲେ ବି ତାହା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। ଆସାମ ଓ ବିହାରରେ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ଗତ ବଜେଟ୍‌ରେ ବିପୁଳ ଅନୁଦାନ ପ୍ରଦାନ କରାଯାଇଥିଲେ ବି ଓଡ଼ିଶା ଏଥିରୁ ବଞ୍ଚିତ ହୋଇଥିଲା। ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ସହ ସ୍ୱତନ୍ତ୍ର ଧାନକୈନ୍ଦ୍ରିକ ରାଜ୍ୟ ପାଇଁ ଓଡ଼ିଶା ଦୀର୍ଘଦିନ ଧରି ଦାବି କରି ଆସିଛି, ସରକାରରେ ଥିବା ସମୟରେ ବିଜେଡି ଏହା ଉପରେ ଗୁରୁତ୍ୱ ଦେଇଥିଲା ଓ ଏବେ ବି ଏହି ପ୍ରସଙ୍ଗକୁ ସଂସଦରେ ବାରମ୍ବାର ଉଠାଇଛି। ମାତ୍ର ଆଗାମୀ ବଜେଟ୍‌ରେ ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର କି ଆଭିମୁଖ୍ୟ ରଖିବେ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ।

ଏହି ସବୁ ପ୍ରସଙ୍ଗ ଭିନ୍ନ କୋଇଲା ରୟାଲଟି ସଂଶୋଧନ ଦାବି ୨୦୧୪ରୁ ପଡ଼ି ରହିଛି। ଟ୍ରିବ୍ୟୁନାଲରେ ବହୁଚର୍ଚ୍ଚିତ ମହାନଦୀ ବିବାଦ ଗଡୁଛି। ଆପୋସ ଆଲୋଚନାର ସଂଜ୍ଞା ନିର୍ଦ୍ଧାରଣ ହୋଇ ପାରୁନାହିଁ। କୋଟିଆ ଏବଂ ଅନ୍ୟ ସୀମା ବିବାଦ ଅସମାଧିତ, ପୋଲାଭରମ୍‌ରେ କେନ୍ଦ୍ର ଓଡ଼ିଶା ପକ୍ଷରୁ ସମ୍ପୂର୍ଣ୍ଣ ଅଣଦେଖା କରି ଆନ୍ଧ୍ରକୁ ଆଖିବୁଜା ସମର୍ଥନ ଓ ଅନୁଦାନ ଦେଇଛି। ତେଣୁ ଆନ୍ତଃ ରାଜ୍ୟ ସୀମା ଓ ଜଳବିବାଦରେ କେନ୍ଦ୍ର ଅଧିକ ସକ୍ରିୟ ଓ ଗଠନ ମୂଳକ ଭୂମିକା ନିର୍ବାହ କରିବାର ଆବଶ୍ୟକତା ଥିବା ସମୟରେ କେନ୍ଦ୍ରର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ନିବଦ୍ଧ ହୋଇଛି। ଅପରପକ୍ଷରେ ଭଦ୍ରକ ଜିଲ୍ଲାରେ ଘୋଷିତ ବୟନଶିଳ୍ପ ପାର୍କ, ବହୁ ଚର୍ଚ୍ଚିତ କୋଷ୍ଟାଲ ହାଇୱେ, ବରଗଡ଼ର ଇଥାନଲ କାରଖାନାର ଭବିଷ୍ୟତ ଏବେ ବି ନିଶ୍ଚିତ ହୋଇ ନାହିଁ। କେନ୍ଦ୍ର ସରକାର ବନ୍ଦ କରି ଦେଇଥିବା ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି(ବିଆରଜିଏଫ), କେବିକେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ସହାୟତା(ଏସସିଏଫରକେବିକେ), ସମନ୍ୱିତ କାର୍ଯ୍ୟ ଅନୁଦାନ ଯୋଜନା(ଆଇଏପି), ଜାତୀୟ ଇ-ଗଭର୍ଣ୍ଣାନ୍ସ ଆକ୍ସନ ପ୍ଲାନ(ଏନ୍‌ଇଜିଏପି), ରାଜୀବଗାନ୍ଧୀ ପଞ୍ଚାୟତ ସଶକ୍ତୀକରଣ ଅଭିଯାନ(ଆରଜିପିଏସଏ), ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଣ୍ଠି(ଟିଆଇ), ପୁଲିସ୍ ବାହିନୀର ଆଧୁନିକୀକରଣ(ଏମପିଏଫ୍), ଖାଦ୍ୟ ପ୍ରକ୍ରିୟାକରଣ ନିମିତ୍ତ ଜାତୀୟମିଶନ୍(ଏନଏମଏଫପିଏସ)କୁ ଭରଣା କରିବା ପରି ପଦକ୍ଷେପ ଏଯାଏ ନିଆଯାଇ ନାହିଁ। ମନରେଗା ଯୋଜନା ବନ୍ଦ କରାଯାଇ ବି ଭି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ଏହାର ଚାପ ଓଡ଼ିଶା ଉପରେ ଅଧିକ ପଡ଼ିବ ବୋଲି ଆକଳନ କରାଯାଉଛି। ଏହାକୁ କିପରି ରାଜ୍ୟ ସରକାର ଭରଣା କରିବେ ତାହା ବି ସ୍ପଷ୍ଟ ହୋଇ ନାହିଁ। ରାଜ୍ୟର ୧୦ ଲକ୍ଷ ଲୋକଙ୍କୁ ଜାନୁଆରୀ ମାସ ସୁଦ୍ଧା ଆବାସ ମିଳିବ ବୋଲି ଘୋଷଣା କେବଳ ଘୋଷଣା ମଧ୍ୟରେ ଅଟକି ରହିଛି। କେନ୍ଦ୍ର ସରକାରଙ୍କ କାଳକ୍ଷେପଣନୀତି କାରଣରୁ ରାଜ୍ୟରେ ଓଡ଼ିଶା ସାମୁଦ୍ରିକ ବୋର୍ଡ କାର୍ଯ୍ୟକାରୀ ହୋଇପାରୁ ନାହିଁ। ସ୍ୱତନ୍ତ୍ର ଜଳସେଚନ ଆର୍ଥିକ ଦାୟିତ୍ୱରୁ ମଧ୍ୟ କେନ୍ଦ୍ର ଖସିସାରିଛି। ଜାତୀୟ ଉଦ୍ୟାନ କୃଷି ମିଶନ୍, ଆରକେଭିୱାଇ ଇତ୍ୟାଦିର ଅନୁଦାନ ମଧ୍ୟ ଠିକ୍ ସମୟରେ ମିଳୁନାହିଁ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଯଦି ସଂଘୀୟ ଢାଞ୍ଚାରେ ନିଜ ଆର୍ଥିକ କର୍ତ୍ତବ୍ୟ ରାଜ୍ୟର ଆବଶ୍ୟକତା ଅନୁଯାୟୀ ନ କରେ, ତେବେ ରାଜ୍ୟ ଉପରେ ଆର୍ଥିକ ବୋଝ ଓ ଚାପ ତ ବଢ଼ିବ ; ଅନ୍ୟପକ୍ଷରେ କେନ୍ଦ୍ର ବିରୋଧୀ ସ୍ୱର ଅଧିକ ତୀବ୍ର ହେବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଆଗାମୀ ବଜେଟ୍ ଓଡ଼ିଶାର ଡ଼ବଲ ଇଞ୍ଜିନ ସରକାର ପାଇଁ ଅନେକ ଆହ୍ୱାନ ସୃଷ୍ଟି କରିଥିବା ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି।

### ୪ ଦିନରେ...

ସମୟରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହା ବ୍ୟତୀତ ଆଗକୁ ଆଉ ଏକ ପଶ୍ଚିମା ଝଡ଼ ସକ୍ରିୟ ହେବାର ରହିଛି। ଏହା ପ୍ରଭାବରେ ଆସନ୍ତା ୨୪ ଓ ୨୫ ତାରିଖରେ ରାଜ୍ୟର ଉତ୍ତର ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ମେଘୁଆ ପାଗ ଆଶଙ୍କା ରହିଛି। ଏହି ସମୟରେ କାଁ ଭାଁ ବର୍ଷା ମଧ୍ୟ ହୋଇପାରେ।

### ତୃଣମୂଳରେ ନୂଆ-ପୁରୁଣା...

ନେତା ରାଜ୍ୟସ୍ତରରେ ପତିଆରା ଦେଖାଇବାରେ ବ୍ୟସ୍ତ ଥିବାବେଳେ ତୃଣମୂଳସ୍ତରରେ ପୁରୁଣା କର୍ମୀ କିନ୍ତୁ ସେମାନଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯାହାଫଳରେ ସଂଗଠନର ପ୍ରତିଟି କାର୍ଯ୍ୟକ୍ରମରେ ଏହି ନୂଆ-ପୁରଣାଙ୍କ ମଧ୍ୟରେ ବିଭେଦ ଜଳଜଳ ହୋଇ ପଦାକୁ ଦିଶୁଛି।

ନୂଆ ଜାତୀୟ ସଭାପତି ସଂଗଠନରେ ଶୃଙ୍ଖଳା ଏବଂ ଦାୟିତ୍ୱର ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ମାତ୍ର ରାଜ୍ୟ ବିଜେପିର ଏହି ଦୁଇଟି ଦିଗ ସର୍ବାଧିକ ଦୁର୍ବଳ ରହିଛି ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି। ବିଶେଷକରି ଜିଲ୍ଲା ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ କମିଟି ଯାଏଁ ନୂଆ ନିଯୁକ୍ତିକୁ ନେଇ ବିଭିନ୍ନ ଗୋଷ୍ଠୀ ଅସନ୍ତୁଷ୍ଟ। ନୂତନ ସଭାପତି ଶ୍ରୀ ନବୀନ ଜାତୀୟ ବିଜେପି ଫୋକସରେ ଓଡ଼ିଶା ଥିବା ଉଲ୍ଲେଖ କରି ଖୁବଶୀଘ୍ର ଓଡ଼ିଶା ଆସିବେ ଦଳୀୟ ନେତାଙ୍କୁ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଦଳର ରାଷ୍ଟ୍ରୀୟ ସଭାପତିଙ୍କ ପରାମର୍ଶକୁ କେତେ କାର୍ଯ୍ୟକାରୀ କରିବାରେ ସକ୍ଷମ ହେବ ତାହା ଦେଖିବାକୁ କେବଳ ବାକି ରହିଛି।

### ଭୂସ୍ୱର୍ଗରେ ବି...

ସେପଟେ ଦେଶର ରାଜଧାନୀ ଦିଲ୍ଲୀରେ ପୁଣି ଥାରେ ପ୍ରଦୂଷଣ ପୁଣି ବଢ଼ିବାରେ ଲାଗିଛି। କିଛି ଦିନର ବିରାମ ପରେ ଆଜି ରାଜଧାନୀରେ ବାୟୁ ମାନ ଅତ୍ୟନ୍ତ ଖରାପ ବର୍ଗରେ ରହିଥିଲା। ସହରର ଏକ୍ୟୁଆଇ ୩୩୯ ରେକର୍ଡ କରାଯାଇଛି। କିନ୍ତୁ ଜାହାଙ୍ଗୀରପୁରରେ ଏକ୍ୟୁଆଇ ୩୯୦ ରେକର୍ଡ କରାଯାଉଛି।

### ପୁଅ ଆଗରେ...

ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଘୋଷଣା କରିଥିଲେ। କ୍ଷୀରୋଦଙ୍କ ସାନ ପୁଅ ପହଞ୍ଚିବା ପରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥିଲା। ଦୁର୍ଘଟଣା ପରେ ଟ୍ରକ ଛାଡ଼ି ଚାଳକ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନାନୁଯାୟୀ, କ୍ଷୀରୋଦ ଓ ସରୋଜ ଏକ ସ୍କୁଟିରେ ପାଲଲହଡ଼ା ଛାମୁଣ୍ଡା ଅଞ୍ଚଳରେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ଘରକୁ ଫେରୁଥିଲେ। ମାଲ୍ୟଗିରି ମହାବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ମହାବିଦ୍ୟାଳୟ ସମ୍ମୁଖରେ ଥିବା ଢାବାରେ ଅନବରତ ଗାଡ଼ି ଛିଡା ହେଉଥିବାରୁ ରାସ୍ତା ସଙ୍କୁଚିତ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

### ଗଛରେ ପିଟିହେଲା...

ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କ ନାନୀଙ୍କର ବାହାଘର ୬ ଦିନ ପରେ ହେବାକୁ ଥିବା ବେଳେ ତାଙ୍କର ଏଭଳି ମୃତ୍ୟୁରେ ପୂରା ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏନେଇ ପଡ଼ିଆ ଥାନାରେ ମାମଲା ରୁଜୁ କରି ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ବାଘ ଘଟଣାର ତଦନ୍ତ କରୁଛନ୍ତି।

### କଳାତାଲିକାଭୁକ୍ତ ସଂସ୍ଥାକୁ...

କାର୍ଯ୍ୟ ଭାରତୀୟ ସଂଚାର ନିଗମ (ବିଏସ୍‌ଏନ୍‌ଏଲ୍) କରୁଥିଲା। ଅବଧି ଶେଷ ପରେ ବିଏସ୍‌ଏନ୍‌ଏଲ୍ ମଧ୍ୟ କାମକୁ ଆଗକୁ ବଢ଼ାଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲା। ହେଲେ ବିଏସ୍‌ଏନ୍‌ଏଲ ଓ 'ଟିସିଆଇଏଲ୍' ଭଳି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦେଇ ଏହି କାମ ସମ୍ପୃକ୍ତ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ଉଦ୍ୟମ ଚାଲିଛି। ଏହି ଦ୍ୱୟ ସରକାରୀ ସଂସ୍ଥା ଉକ୍ତ କାର୍ଯ୍ୟ ପାଇଁ ଆଗ୍ରହ ପ୍ରକାଶ କରି ରାଜ୍ୟ ସରକାର ଟେଣ୍ଡର ବିଧିବ୍ୟବସ୍ଥା ଅନୁଯାୟୀ ଆବେଦନ କରିଥିଲେ। ମାତ୍ର ସମସ୍ତ ଯୋଗ୍ୟତା ସତ୍ତ୍ୱେ ଏହି ସରକାରୀ ସଂସ୍ଥା ଦ୍ୱୟକୁ ବାଦ୍ ଦିଆଯାଇ 'ସି-ଡିଏସି'କୁ କାର୍ଯ୍ୟ ପ୍ରଦାନ ପାଇଁ ବିଭାଗର ଜିଦ୍ ଏକ ବଡ଼ ହେରଫେର ଦିଗ ପ୍ରତି ଇଙ୍ଗିତ କରିଛି। ଏଥିପାଇଁ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଏସ୍‌ଟିଏ କାର୍ଯ୍ୟାଳୟ ଉପରେ ସନ୍ଦେହ ପ୍ରକଟ କରିଛି ଓଡ଼ିଶା ଭେହିକିଲ୍ ଡିଲର ଆସୋସିଏସନ।

ଟେଣ୍ଡର ନିୟମ ଅନୁଯାୟୀ କେବଳ ସୋସାଇଟି ଆକ୍ଟରେ ପଞ୍ଜିକରଣ ସଂସ୍ଥା ଓ ରାଜ୍ୟରେ ଜିଏସ୍‌ଟି କରିଥିବା ସଂସ୍ଥାକୁ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ହେଲେ 'ସି-ଡିଏସି' କ୍ଷେତ୍ରରେ ଏହାକୁ କୋହଳ କରାଯାଇଛି। 'ସିଡିଏସି' ଅଲଗା ରାଜ୍ୟର ପଞ୍ଜିକୃତ ଏକ ସଂସ୍ଥା। କାର୍ଯ୍ୟରେ ଅନିୟମିତତା ନିମନ୍ତେ ଅତୀତରେ ପଶ୍ଚିମବଙ୍ଗ ସରକାର ଏହି ସଂସ୍ଥା ଉପରେ ବିପୁଳ ଜୋରିମାନା ଲାଗୁ କରିବା ସହ ଏହି ସଂସ୍ଥାର କାର୍ଯ୍ୟାଦେଶ ବାତିଲ କରିଛନ୍ତି। ସେହିପରି ପ୍ରଶ୍ନପତ୍ର ଲିକ୍ ମାମଲାରେ ପଞ୍ଜାବ ସରକାର ଏହି ସଂସ୍ଥାକୁ କଳାତାଲିକା ଭୁକ୍ତ କରିଛନ୍ତି। ପୁନଶ୍ଚ କେନ୍ଦ୍ର ସରକାରଙ୍କ ସଂସ୍ଥା ପକ୍ଷରୁ ଦିଆଯାଇଥିବା କଣ୍ଟ୍ରାକ୍ଟ ତୁଳନାରେ ଏହି ସଂସ୍ଥା ୨ ଗୁଣା ଅଧିକ ଦର ଧାର୍ଯ୍ୟ କରିଥିବା ସତ୍ତ୍ୱେ ଏହି ସଂସ୍ଥା ସହିତ ଚୁକ୍ତି କରିବା ପାଇଁ ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି। ଏହି ସଂସ୍ଥା ଆଗାମୀ ୩ ବର୍ଷ ପାଇଁ ୧୪ କୋଟି ଟଙ୍କାରେ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିମାନା କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ପରିବହନ ବିଭାଗର ଏଭଳି କାର୍ଯ୍ୟକୁ ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ ବିରୋଧ କରିବା ସହ ଏକ ଦୁର୍ନୀତିର ଗନ୍ଧ ବାରିଛନ୍ତି। ସେ କହିଛନ୍ତି, ବିନା ଟେଣ୍ଡରରେ ଏବଂ ଏହି କମ୍ପାନୀର ଇଚ୍ଛା ଅନୁସାରେ ବିନା ବ୍ୟାଙ୍କ ଗ୍ୟାରେଣ୍ଟିରେ ଏହି ଚୁକ୍ତିମାନା ସ୍ୱାକ୍ଷର କରିବାକୁ ଯାଉଛନ୍ତି। ବିଏସଏନଲ ସହଯୋଗରେ ଆମ ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ଗାଡିରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ଭିଏଲଟିଡି ତିଆରି କରୁଥିବା ସଂସ୍ଥା ସହିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଚଲାଇବା ପାଇଁ ସି-ଡିଏସ. କମ୍ପାନୀ ସହିତ ପରିବହନ ବିଭାଗ କାର୍ଯ୍ୟାଦେଶ ଦେବା ପାଇଁ ଗତ ବର୍ଷେ ହେବ କାର୍ଯ୍ୟ ଆରମ୍ଭ କରିଥିଲା। ଏହି କାର୍ଯ୍ୟାଦେଶ ପ୍ରଦାନରେ ପରିବହନ ବିଭାଗରେ ବ୍ୟାପକ ଅର୍ଥ କାରବାର ହୋଇଛି। ବିରଷ୍ଠ ଆଇନ୍‌ଜୀବୀ ସୁବ୍ରତ ନନ୍ଦ ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବ, ପରିବହନ ବିଭାଗର ପ୍ରମୁଖ ସଚିବ, ପରିବହନ କମିଶନର, ଅତିରିକ୍ତ ପରିବହନ କମିଶନର (ବୈଷୟିକ)ଙ୍କ ନିକଟକୁ ନୋଟିସ୍ ପଠାଇଛନ୍ତି। ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଚୁକ୍ତିମାନାକୁ ବାତିଲ କରିବାକୁ ଏହି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ଯଦି ରାଜ୍ୟ ସରକାର ଏହି ସବୁ ଘଟଣାକୁ ଗୁରୁତ୍ୱର ସହ ନେଇ ଚୁକ୍ତି ବାତିଲ ନ କରନ୍ତି ତେବେ ଉଚ୍ଚ ନ୍ୟାୟାଳୟରେ ଏ ସମ୍ପର୍କରେ ମକୋଦ୍ଦମା ଦାଏର କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି।

**OFFICE OF THE REVENUE DIVISIONAL COMMISSIONER** F-110
**CENTRAL DIVISION, ODISHA, CUTTACK**
No. Z-21/2023-24/578/Niz, Dated 20.01.2026
**Tender Call Notice**

Sealed quotations / tenders are invited from interested reputed travel agencies / tour operators / private individuals for providing 01 (one) no. of Zest / Tigor / Swift Desire / Xcent / Etios AC Petrol / Diesel driven vehicles for official use of Secretary to RDC, office of the RDC (CD), Cuttack on monthly rent basis. The application form of quotation / tender call notice, terms and conditions along with general information for hiring of vehicles etc. will be available with the Senior Administrative Officer, office of the Revenue Divisional Commissioner, (Central Division), Odisha, Cuttack from **20.01.2026** or can be downloaded from website **https://cuttack.odisha.gov.in** & **https://rdcdcuttack.nic.in** from date **20.01.2026 to 31.01.2026.**

Sd/-
Revenue Divisional Commissioner,
Central Division, Cuttack
OIPR-

**GOVERNMRNT OF ODISHA** A-1312
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103**
**email Id : eeddjspur@gmail.com**
**e-procurement Notice No. SEDD-JSPUR-07/2025-26**

| | | | |
|---|---|---|---|
| 1. | Name of Works | : | Improvement, Construction of slope protection & Box Culvert |
| 2. | Total number of works | : | 02 (Two) nos. of Package |
| 3. | Bid Identification No. | : | 1. SEDD-JSPUR/JSP–11/2025-26<br>2. SEDD-JSPUR/JSP–12/2025-26 |
| 4. | Estimated Cost | : | Rs. 82.95 Lakhs & Rs. 81.61 Lakhs |
| 5. | Period of completion | : | 10 (Ten) Calendar months |
| 6. | Availability of Tender On - Line. | : | From 22.01.2026 at 16.30 Hours to 05.02.2026 upto 17.30 Hours. |
| 7. | Date of Opening of Technical Bid. | : | 06.02.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 8. | Class of Contractor | : | "B" Class |
| 9. | EMD required | : | As per DTCN. |
| 10. | Cost of Tender paper | : | Rs.10,000/- |
| 11. | Procurement Officer | : | Superintending Engineer, Drainage Division, Jagatsinghpur-754103 |

*Tender will be accepted if registered in the CDMS Portal.
Further details can be seen from the Govt. web site www.tendersorissa.gov.in. Addendum /Corrigendum/ Cancellation if any required will be published only in Govt. web site www.tendersorissa.gov.in

Sd/- Superintending Engineer
Drainage Division, Jagatsinghpur
OIPR-

**GOVERNMENT OF ODISHA** A-1296
**OFFICE OF THE EXECUTIVE ENGINEER**
**PODAGADA DAM DIVISION, AT/PO-KHATIGUDA,**
**DIST-NABARANGPUR, PIN-764085.**
**Email I.D- eepodagadadam@gmail.com**
**e-Procurement Notice**
**Bid Identification No.- EEPDD-06(03)/2025-26, Dated: - 17.01.2026**

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | |
|---|---|
| 1. Name of the Work | Civil Works |
| 2. No. of Works | Three Numbers |
| 3. Estimated cost | Rs.84.88 Lakhs (TCN SL NO. 1),<br>Rs.78.88 Lakhs (TCN SL NO. 2),<br>Rs.51.26 Lakhs (TCN SL NO. 3), |
| 4. Eligibility of the bidders | 'B' Class contractors (Odisha P.W.D or equivalent class of other licensing authority) as per Detail Tender Call Notice. |
| 5. Period of completion | Three Calendar Months (TCN Sl No.01)<br>Three Calendar Months (TCN Sl No.02)<br>Three Calendar Months (TCN Sl No.03) |
| 6. Date of Clarification | 27.01.2026 to 29.01.2026 Only During Office Hour |
| 7. Time for receipt of bid in the portal | From 27.01.2026 11.00 AM to 10.02.2026 (up to 5:00 P.M) |
| 8. Date & place of opening of the bids on-line | 11.02.2026 (11:30 A.M)<br>O/o The E.E. Podagada Dam Division, UIDC Khatiguda. |
| 9. Name and address of the Tender Inviting Authority(TIA) | Executive Engineer<br>Podagada Dam Division,<br>At/Po: Khatiguda,<br>District: Nabarangpur |

Further details can be seen from the e-procurement portal http://tendersodisha.gov.in

*Executive Engineer*
*Podagada Dam Division*
*Khatiguda*
OIPR-

**ZILLA SWASTHYA SAMITI, RAYAGADA**
**(Contractual engagement of different posts under NHM Program)**
Advt. No.02/Rayagada Date 20/01/ 2026
**Contractual Engagement**

Zilla swasthya Samiti (ZSS), Rayagada invites the application from the eligible candidates for different posts under NHM Programme. The eligibility criteria, vacancy, monthly remuneration, selection procedure, date of submission applications and application form can be downloaded from district website www.rayagada.odisha.gov.in. The candidates fulfilling the eligibility criteria may apply in the prescribed application form & submit to the undersigned by Regd. Post / Speed Post/Courier on or before **16.02.2026 by 5.00 P.M** with all relevant documents addressed to the Chief District Medical & Public Health Officer, Rayagada, Barijhola, near OMC Office, Pin-765002. The undersigned is not responsible for any postal delay or in-conveyance. Application received after due date will be rejected. The envelope containing the application should be superscripted clearly the name of the post applied for...............under NHM otherwise it will be rejected. Application received after due date and time will be rejected without any notice. No Personal query will be entertained. Vacancies shown are provisional and subject to change during the time of appointment. In-complete applications in any form is liable for rejection. Separate application forms for each post must be submitted in separate envelopes if any candidate willing to apply for more than one post.

No. of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/ reject any or all the applications without assigning any reason thereof.

**CDM & PHO-Cum-DMD, Rayagada**

**AFFIDAVIT**
By virtue of an affidavit sworn before Notary Public, Bhubaneswar, on dated 19.01.2026, I, Janaki Bhuyan, resident of At/Po-Goda,Sub Dist-Begunia, Dist-Khordha, Odisha, PIN- 752062, declare that I have changed the name of my Daughter from Chandralekha Bhuyan to Chitralekha Bhuyan . Henceforth, she shall be known as CHITRALEKHA BHUYAN for all purposes.
(Janaki Bhuyan)

**AFFIDAVIT**
By virtue of an affidavit sworn before Notary public, Bhubaneswar on dated 20.01.2026, I, Malati Behera resident of At/Po-Badangi, Masani Sahi, Sub Dist- Tarasingi, Dist- Ganjam, Odisha, Pin-761141 declare that I have changed my name from Malati Naik to Malati Behera. Henceforth, I shall be known as MALATI BEHERA for all purposes.
(MALATI BEHERA)

**AFFIDAVIT**
By virtue of an affidavit sworn before Notary Public Bhubaneswar, on dated 19.01.2026, I Tapan Behera resident At/Po-Goda,Sub Dist-Begunia, Dist-Khordha Odisha, PIN- 752062, declare that I have changed the name of my son from Parbati Behera to Ranjan Behera. Henceforth, He shall be known as RANJAN BEHERA for all purposes.
(Tapan Behera)

**FOR SALE**
1 Number of SCV –TATA ACE HT Diesel / 2023, Registration No.- OD-01-AR-4165, Model-2023, ENGINE NO - 800CCDI04AWXS03464, CHASSIS NO - MAT559007PZA00976, For Details, Contact - 88959 97418, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA BALASORE,756001, PH. NO- 06782-266657

**AFFIDAVIT**
By virtue of an affidavit (Sl No.46, dtd- 19/01/2026) sworn before The Notary Public, Bhubaneswar. I, **T Jateswar Samantara**, S/o- Janardan Samantray, permanent & current resident of LB-137, Badagada Brit Colony, PO- Brit Colony, Ps- Badagada, Bhubaneswar, Dist- Khordha, Odisha, PIN-751018 declare that I have changed my name from **Jateswar Samantray** to **T Jateswar Samantara.** Henceforth, I shall be known as **T Jateswar Samantara** (new name) for all purposes.
**T Jateswar Samantara**

**AFFIDAVIT**
I, Manoja Kumar Rautaray, aged about 68 years, S/o-Late Radha Gobinda Rautaray, resident of At-Mukunda Prasad, Baula sahi, Po- P.N. College, Ps-Industrial Estate, Dist-Khurda, Odisha, PIN-752057, Odisha declared by this affidavit No. 111, dtd-14/01/2026 that now onwards I shall be known as **MANOJ KUMAR ROUTRAY** for all future purposes.

**AFFIDAVIT**
I, Narayan Chandra Ghadai, aged about 71 years, S/o-Jogendra Ghadai, resident of At-Aparttipur, Po- Matipaka, Ps- Naikanidihi Dist-Bhadrak, Odisha, Pin-756125, do hereby declare by this affidavit No.166, dtd- 20/01/2026, that now onwards I shall be known as **NARAYAN GHADAI** for all future purposes.

## ମଣ୍ଡିରେ ଧାନ ଥୋଇ ବିକିବା ପାଇଁ ଚାହିଁ ବସିଛନ୍ତି ଚାଷୀ

# ୨ ଦିନ ମଧ୍ୟରେ ଧାନ ନ ଉଠିଲେ ହେବ ଆନ୍ଦୋଳନ



ଭଦ୍ରକ,୨୧।୧(ସମିସ): ଭଦ୍ରକ ଜିଲ୍ଲାରେ ମଣ୍ଡି ଖୋଲା ହୋଇଛି, ମାତ୍ର ଚାଷୀଙ୍କଠାରୁ ଧାନ ଆଦୌ ନ କିଣିବା ଦୁର୍ଭାଗ୍ୟଜନକ ବୋଲି ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି କହିଛନ୍ତି। ସେ ନିର୍ଦ୍ଦିଷ୍ଟ ଭାବେ କହିଛନ୍ତି ଯେ ତାଙ୍କ ନିଜ ବ୍ଲକ୍ ଚାନ୍ଦବାଲି ଏବଂ ସମଗ୍ର ଭଦ୍ରକ ଜିଲ୍ଲାରେ ମଣ୍ଡି ଜାନୁଆରୀ ୫ ତାରିଖରୁ ଖୋଲାହେଲାଣି। ଡିସେମ୍ବର ୧ ତାରିଖ ସୁଦ୍ଧା ଚାଷୀ ସମସ୍ତ ଧାନ ଅମଳ କାର୍ଯ୍ୟ ସାରିଛି। ମାତ୍ର ଏବେ ମଣ୍ଡିରେ ଚାଷୀ ଧାନ ଥୋଇ ଅପେକ୍ଷା କରି ବସିଛି। ସରକାର ଓ ମିଲ୍ ମାଲିକଙ୍କ ମଧ୍ୟରେ କଟ୍‌ନୀଛଟ୍‌ନୀର ହିସାବ ନ ଛିଡ଼ିବାରୁ ଧାନ କିଣା ଆରମ୍ଭ ହୋଇପାରୁନି। ଯେଉଁ ଟୋକନର ଅବଧି ଜାନୁଆରୀ ୫ରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଥିଲା, ଏବେ ସେମାନେ ପ୍ରମାଦ ଗଣୁଛନ୍ତି। ଧାନ ବିକ୍ରିର ଧାର୍ଯ୍ୟ ସମୟ ସରିଯାଇଛି, ମାତ୍ର ସରକାର ଧାନ କିଣୁନାହାନ୍ତି। ଏପଟେ ଚାଷୀ ହତାଶ ହୋଇ ଧାନ କ୍ୱିଣ୍ଟାଲ ପିଛା ୧୬୦୦ ଟଙ୍କାରେ ବିକି କ୍ଷତି ସହୁଛି। ଏବେ ଭଦ୍ରକ ଜିଲ୍ଲାରେ ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ସରକାର ଧାନ କିଣିବେ କି ନାହିଁ? ଭଦ୍ରକ ଜିଲ୍ଲାର ରାଜ୍ୟ ବିଜେପି ସଭାପତି ରହିଛନ୍ତି, ଭଦ୍ରକ ଜିଲ୍ଲାରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରହିଛନ୍ତି। ମାତ୍ର ସେମାନେ ଏପରି ଅଭାବନୀୟ ପରିସ୍ଥିତିରେ ସମାଧାନ ପାଇଁ ଚେଷ୍ଟିତ ନୁହନ୍ତି। ସେପଟେ ଜିଲ୍ଲାପାଳ ମନ୍ତ୍ରୀ ଓ ନେତାଙ୍କ ସହ ସାମାଜିକ ଗଣମାଧ୍ୟମରେ ଫଟୋ ଛାଡୁଛନ୍ତି। ଚାଷୀର ଧାନ ଯଦି ସରକାର ୨ ଦିନ ମଧ୍ୟରେ ନ କିଣନ୍ତି ତେବେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ଏବଂ କଂଗ୍ରେସ ଏହାକୁ ସମର୍ଥନ ଦେବ। ଯେଉଁ ପରିଣତି ସୃଷ୍ଟି ହେବ ସରକାର ଦାୟୀ ରହିବେ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି।

## ଏଫ୍‌ଏକ୍ୟୁ ମାନ ନାଁରେ ଚାଷୀଙ୍କୁ ଶୋଷଣ

ବାରିକପୁର,୨୧।୧(ସମିସ): ଗତ ୫ ତାରିଖଠାରୁ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଏଯାଏଁ ମୁଠାଏ ଧାନ କିଣା ହୋଇନାହିଁ। ଧାନର ଏଫ୍‌ଏକ୍ୟୁ ମାନ ନାଁରେ ଚାଷୀଙ୍କୁ ଶୋଷଣ ହେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ମୁତାବକ, ଗତବର୍ଷ ଅନେକ ଚାଷୀଙ୍କର ଶସ୍ୟ ଏଫ୍‌ଏକ୍ୟୁ ମାନ ରହିଥିବା ସତ୍ତ୍ୱେ ସ୍ଥଳ ବିଶେଷରେ କ୍ୱିଣ୍ଟାଲ ପିଛା ୬ରୁ ୮ କେଜି ଯାଏଁ କଟାଯାଇଥିଲା। ଚଳିତ ବର୍ଷ ମଧ୍ୟ ନିମ୍ନମାନର ଶସ୍ୟ କହି ଏଯାଏଁ ଚଷୀମାନଙ୍କ ନିକଟରୁ ଧାନ କିଣାଯାଉନାହିଁ। ଯାହାକୁ ନେଇ ରହଣିଆ, ସରସଦା, କଟିଂ, କୋରିଗାଁ, ମାଳଦା ପ୍ରମୁଖ ଅଞ୍ଚଳର ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚାଷୀଙ୍କ କହିବା କଥା ହେଲା ସେମାନେ ମଣ୍ଡିରେ ଧାନ ଦେଇଥିଲେ ସୁଦ୍ଧା ଏଯାଏଁ ମିଲର ଶସ୍ୟ ନେଉନାହିଁ। ଟୋକନ ପାଇଥିବା ଚାଷୀମାନଙ୍କ ମଧ୍ୟରୁ ଅଧିକାଂଶ ଧାନ ଦେବା ପାଇଁ ପ୍ରସ୍ତୁତ ରହିଛନ୍ତି। କେବଳ ଶସ୍ୟର ମାନ ନିର୍ଣ୍ଣୟ କଥାକୁ ପାଥେୟ କରି ଧାନ କ୍ରୟ ହେଉନାହିଁ। ଏପଟେ ଟୋକନ ଅବଧି ଶେଷ ହେବାକୁ ବସିଛି। ଏବେ ହଜାର ହଜାର ଧାନ ବସ୍ତା ମଣ୍ଡି ସହିତ ଗାଁ ଗହଳି ରାସ୍ତାରେ ପଡ଼ି ରହିଛି। ଚାଷୀମାନେ ଏଥିପାଇଁ ହତାଶ ହେଉଛନ୍ତି। ଅସରାଏ ବର୍ଷା ହେଲେ ଶୁଖିଲା ଧାନ ନଷ୍ଟ ହୋଇଯିବ। ମିଲର ଓ ପ୍ରଶାସନର ମୂଳଚାଲ ମଧ୍ୟରେ ଚାଷୀ କୂଳକୁ ଏକପ୍ରକାର ଶୋଷଣ କରାଯାଉଥିବା ଜଣାଯାଇଛି। ତେଣୁ ଶୀଘ୍ର ଧାନ କିଣିବା ପାଇଁ ଚାଷୀ ପ୍ରଦୀପ ସାମଲ, ଆର୍ତ୍ତବନ୍ଧୁ ଧଳ, ଦୀନବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ସ୍ୱାଇଁ, ଦେବଦତ୍ତ ସ୍ୱାଇଁ, ଶାନ୍ତନୁ ପରିଡ଼ା ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ମା' ଆଦିଶକ୍ତି ଏସ୍‌ଏଚ୍‌ଜି ପକ୍ଷରୁ ଧାନ ମଣ୍ଡି ଶୁଭାରମ୍ଭ

ବାରିକପୁର,୨୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ମା' ଆଦିଶକ୍ତି ଏସ୍‌ଏଚ୍‌ଜି ପକ୍ଷରୁ ଧାନ କ୍ରୟ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଚାରୁଲତା ଭାରତୀ ଓ ସମ୍ପାଦିକା ଗୀତାଞ୍ଜଳି ଭାରତୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ବରିଷ୍ଠ ଚାଷୀ ଧନେଶ୍ୱର ପଣ୍ଡା, ବିନୋଦ ରାଉତ ପ୍ରମୁଖ ଯୋଗଦେଇ ବିଧିବଦ୍ଧ ଭାବେ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଠିକ୍ ମାନ ଓ ଶୁଖିଲା ଶସ୍ୟ ଆଣି ମଣ୍ଡିରେ ଦେବାକୁ ଉପସ୍ଥିତ ଚାଷୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏପଟେ ମଣ୍ଡିରୁ ଧାନ ଉଠୁ ନ ଥିବା ଯୋଗୁଁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଚାଷୀ ନକୁଳ ଭାରତୀ, ପ୍ରମୋଦ ଦାସ, ନାରାୟଣ ସେନାପତି, ସୁଦର୍ଶନ ସାହୁ, ପ୍ରସନ୍ନ ସାହୁ, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୨ ସ୍କୁଲରୁ ଚୋରି

ଅସୁରାଳି,୨୧।୧(ସମିସ): ଧାମନଗର ବ୍ଲକ୍ କଲ୍ୟାଣୀ ପଞ୍ଚାୟତ କଲ୍ୟାଣୀ ସରକାରୀ ଉ.ପ୍ରା. ବିଦ୍ୟାଳୟ ଓ ସରକାରୀ ଉ.ପ୍ରା. ବିଦ୍ୟାଳୟ କଲ୍ୟାଣୀ ନଗରୀ ଦୁଇ ବିଦ୍ୟାଳୟରୁ ୫୦ହଜାର ଟଙ୍କା ମୂଲ୍ୟରୁ ଅଧିକ ସାମଗ୍ରୀ ଚୋରି ହୋଇଛି। ମଙ୍ଗଳବାର ପ୍ରଧାନଶିକ୍ଷକ ସ୍କୁଲ ଆସି ଦେଖିଲେ ଚାବି ଭଙ୍ଗା ହୋଇ ପଡ଼ିଛି। ସ୍କୁଲ୍‌ରେ ଥିବା ଚେୟାର, ମାଇକ୍, ବକ୍ସ ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ସେହିପରି ସରକାରୀ ଉ.ପ୍ରା. ବିଦ୍ୟାଳୟ କଲ୍ୟାଣୀ ନଗରୀରୁ ଦୁଇ ବସ୍ତା ଚାଉଳ, ଗ୍ୟାସ୍ ଟାଙ୍କି ସମେତ ବହୁ ଆସବାବ ପତ୍ର ନେଇଯାଇଛନ୍ତି। କଲ୍ୟାଣୀ ଛକଠାରେ ଏକ ସାଇକଲ ଦୋକାନରୁ ମଧ୍ୟ ବହୁ ସାମଗ୍ରୀ ଚୋରି ହେଇଥିବାର ସୂଚନା ମିଳିଛ।୨ ସ୍କୁଲର ପ୍ରଧାନଶିକ୍ଷକ ରଞ୍ଜନ ସେଠୀ ଓ ରାଜକିଶୋର ପଣ୍ଡା ଧାମନଗର ଥାନାରେ ଏ ନେଇ ଦୁଇଟି ଏତଲା ଦେଇଛନ୍ତି। ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧବାର୍ଷିକୀ




ବାରିକପୁର,୨୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ସରସଦା ପଞ୍ଚାୟତ ପିରିପୁରଠାରେ ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣ ଦାସଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗୟାଧର ସାମଲ, ନାଟ୍ୟକାର ଡ. ରମାକାନ୍ତ ନାୟକ, ପୁରୁଷୋତ୍ତମ ଧଳ, ଅନାଦି ଚରଣ ବାରିକ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ସାହୁ, କାଶୀନାଥ ପତି, ନାରାୟଣ ପୋଥାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଫଟୋରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାଛଡ଼ା ଅତିଥିମାନେ ସଂଗ୍ରାମୀଙ୍କ ଜୀବନ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ହୃଷୀକେଶ ଦାସ ଓ ସତ୍ୟବ୍ରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୩ରୁ ଆଦିତ୍ୟ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବାରିକପୁର,୨୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରଘୁନାଥପୁର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖଠାରୁ ୧୯ତମ ଆଦିତ୍ୟ ନାୟକ ମେମୋରିଆଲ ଚ୍ୟାଲେଞ୍ଜ ଟ୍ରଫି ଆରମ୍ଭ ହେଉଛି। ପ୍ରଥମ ଦିନରେ ଯାଜପୁର ଓ କଟକ ଏବଂ ବାଲେଶ୍ୱର ଓ କେନ୍ଦୁଝର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ୨୪ ତାରିଖ ଦିନ ଭଦ୍ରକ ଓ ଭୁବନେଶ୍ୱର ଏବଂ ବାରିପଦା ଓ ଗଜପତି ମଧ୍ୟରେ ଖେଳ ଅନୁଷ୍ଠିତ ହେବ। କ୍ୱାର୍ଟର ଫାଇନାଲ ବିଜେତା ୪ଟି ଦଳ ୨୫ ତାରିଖ ଦିନ ୨ଟି ପର୍ଯ୍ୟାୟରେ ସେମି ଫାଇନାଲ୍ ମ୍ୟାଚ୍ ଖେଳବେ। ୨୬ ତାରିଖ ଦିନ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେଉଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବୃତ୍ତି ପରୀକ୍ଷାରେ ବଉଳପାଳ ପ୍ରାଥମିକ ସ୍କୁଲର ସଫଳତା



ତିହିଡ଼ି,୨୧।୧(ସମିସ): ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଭାଟପଡ଼ା ପଞ୍ଚାୟତର ବଉଳପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରିବା ସହିତ ବିଦ୍ୟାଳୟ ଲାଗି ଗୌରବ ଆଣି ଦେଇଛନ୍ତି। ପ୍ରକାଶ ଯେ, ୨୦୨୫-୨୬ ଶିକ୍ଷା ବର୍ଷରେ ଅନୁଷ୍ଠିତ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ର ଦୁଷ୍ମନ୍ତ ଦାସ ସଫଳତା ହାସଲ କରିବା ସହିତ ବ୍ଲକ୍ ମେଧା ତାଲିକାରେ ପ୍ରଥମ ସ୍ଥାନରେ ଅଛନ୍ତି। ସେହିପରି ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ରୀ ଅର୍ପିତା ଲେଙ୍କା ସଫଳତା ହାସଲ କରିବା ସହିତ ବ୍ଲକ୍ ମେଧା ତାଲିକାରେ ତୃତୀୟ ସ୍ଥାନରେ ଅଛନ୍ତି। ଏହି ସଫଳତା ଲାଗି ଗ୍ରାମବାସୀ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବୃତ୍ତିଧାରୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଭଣ୍ଡାରିପୋଖରୀ,୨୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ଉ.ପ୍ରା. ବିଦ୍ୟାଳୟର ଚଳିତବର୍ଷ ୫ମ ଶ୍ରେଣୀ ବୃତ୍ତିଧାରୀ ଛାତ୍ର ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ବିଦ୍ୟାଳୟପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।ପ୍ରଧାନଶିକ୍ଷକ ଜଗବନ୍ଧୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ସାମଲ, ତପନ ରାଉତ, ମାନସୀ ଜେନା, ଅନନ୍ତ ନାୟକ, ଅଭିଲିପ୍ସା ପତି, ପରିଚାଳନା କମିଟି ସଦସ୍ୟମାନେ କୃତୀ ଛାତ୍ର ସୂର୍ଯ୍ୟନାରାୟଣଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଡିଆଇଇଟିରେ ଜିଲ୍ଲାସ୍ତରୀୟ ସେମିନାର ଉଦ୍‌ଯାପିତ



ଭଦ୍ରକ,୨୧।୧(ସମିସ): ଭଦ୍ରକ ଆଗରପଡ଼ାସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ରେ ଜିଲ୍ଲାସ୍ତରୀୟ ସେମିନାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସେମିନାରରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ସମ୍ବଳପୂର୍ଣ୍ଣ ଶିକ୍ଷକଶିକ୍ଷୟିତ୍ରୀ ସେମାନଙ୍କ ପେପର 'ଛାତ୍ରଛାତ୍ରୀ ଶିକ୍ଷଣକୁ ରୂପାନ୍ତରିତ କରିବା ପାଇଁ ଅଭିନବ ଶିକ୍ଷାଗତ ଅଭ୍ୟାସ' ଉପରେ ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ। ଏଥିରେ ତିହିଡ଼ି ବ୍ଲକ୍ ଅଧୀନ ମନ୍ଦବାସୁଳୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ଓଝାଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଭିତ୍ତିକ ଇଂରାଜୀ ପୁସ୍ତକ 'ଦ କାନଭାସ ୱିଦିନ୍', ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରଞ୍ଜନ କୁମାର ରାଉତ, ଢେଙ୍କାନାଳ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶଚିକାନ୍ତ ମିଶ୍ର, ନୂଆଦିଲ୍ଲୀର ପୁସ୍ତକ ପ୍ରକାଶକ ଓ ବିତରକ ପ୍ରେମ ସିଂହ ବିଷ୍ଟ, ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଗୋଛାୟତ ଓ ନିର୍ମଳ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଶ୍ରୀ ଓଝାଙ୍କର ଏହା ତୃତୀୟ ସଙ୍କଳନ ଥିଲା। ସେ ମଧ୍ୟ "ସଂସ୍କୃତିଭିତ୍ତିକ ଶିକ୍ଷାଦାନ ଓ ଶିକ୍ଷଣ' ଉପ ବିଷୟରେ ତାଙ୍କର ପେପର ଉପସ୍ଥାପନା କରି ଅତିଥିଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ।

## ଆଦର୍ଶ ଗ୍ରାମରେ ପାଣି ପାଇଁ ଡହଳବିକଳ



୮ ମାସ ହେଲା ଅଚଳ ସୋଲାର ଚାଳିତ ପାଣି ଟାଙ୍କି

ଦୋବଲ,୨୧।୧(ସମିସ): ଦୋବଲ ନିକଟସ୍ଥ ଖଡ଼ିପଦା ପଞ୍ଚାୟତ ମୁଥାନଗର ଯେନା ସାହିରେ ଆଦର୍ଶ ଗ୍ରାମ ଯୋଜନାରେ ନିର୍ମିତ ସୋଲାରଚାଳିତ ପାଣି ଟାଙ୍କି ଦୀର୍ଘ ୮ ମାସ ହେଲା ଅଚଳ ହୋଇ ପଡ଼ିଥିବାରୁ ଗ୍ରାମରେ ପାଣି ସଙ୍କଟ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ପ୍ରାୟ ୪୫ଟି ପରିବାର ପିଇବା ପାଣି ପାଇଁ ଦିନକୁ ଦିନ ସଂଘର୍ଷ କରୁଛନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଗ୍ରାମବାସୀଙ୍କ ଚିନ୍ତା ଆହୁରି ବଢ଼ିଛି।

ସୂଚନା ଅନୁସାରେ, ୮ ନମ୍ବର ୱାର୍ଡରେ ଅବସ୍ଥିତ ଏହି ସୋଲାରଚାଳିତ ପାଣି ଟାଙ୍କି ବନ୍ଦ ହୋଇଯିବା ପରେ ସମଗ୍ର ଯେନା ସାହିର ଲୋକେ କେବଳ ଗୋଟିଏ ଟ୍ୟୁବ୍‌ୱେଲ୍ ଉପରେ ନିର୍ଭର କରି ଦୈନିକ ପାଣିର ଆବଶ୍ୟକତା ପୂରଣ କରୁଛନ୍ତି। ଯଦିଓ ଏହି ଅଞ୍ଚଳରେ ୨୦୦ ଫୁଟ୍ ଖୋଳିଲେ ପାଣି ବାହାରୁଥିବା ସତ୍ତ୍ୱେ ସମସ୍ତ ପରିବାର ପାଇଁ ବ୍ୟକ୍ତିଗତ ଭାବେ ଖୋଳିବା ସମ୍ଭବ ନୁହେଁ। ଗ୍ରାମବାସୀଙ୍କ କହିବାନୁସାରେ, ପ୍ରାୟ ଗୋଟିଏ ବର୍ଷ ପୂର୍ବେ ଖୋଳାଯାଇଥିବା ଏହି ସୋଲାରଚାଳିତ ପାଣି ଟାଙ୍କି ନିର୍ମାଣର ୩ ମାସ ଭିତରେ ୩ ଥର ଖରାପ ହୋଇସାରିଛି। ୮ ମାସ ପୂର୍ବେ ଠିକାଦାର ମରାମତି ବାହାନାରେ ଜିନିଷ ସବୁ ଖୋଲି ନେଇଯାଇ ଆଉ ଲଗାଇବା ପାଇଁ ନାଁ ଧରୁନାହିଁ କି ଶୁଣୁନାହିଁ ବୋଲି ଅଭିଯୋଗ ହୋଇଛି। ଲୁହା ଷ୍ଟାଣ୍ଡ ଉପରେ ପ୍ଲାଷ୍ଟିକ୍ ଟାଙ୍କି ଏବଂ ତାହାର ଉପରେ ସୋଲାର ପ୍ୟାନେଲ୍ ସଂଯୋଜନ କରାଯାଇଥିବା ଏହି ପ୍ରକଳ୍ପର ନିର୍ମାଣ ଗୁଣମାନକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ସରପଞ୍ଚ ସସ୍ମିତା ଘଡ଼ାଇଙ୍କୁ ପଚାରିବାରୁ କୁହନ୍ତି, ଆଦର୍ଶ ଗ୍ରାମ ଯୋଜନା ଅଧୀନରେ ନିର୍ମାଣ ସୋଲାରଚାଳିତ ପାଣି ଟାଙ୍କି ନିର୍ମାଣ ପାଇଁ ମୁଁ ପ୍ରସ୍ତାବ ଦେଇଥିଲି। ବିଭାଗ ପକ୍ଷରୁ ନିର୍ମାଣ ହେଲା। ନିମ୍ନମାନର କାମ କରି ଠିକାଦାର ଛୁ ମାରିଛି। ବିଭାଗ ପକ୍ଷରୁ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ତାଙ୍କୁ ବିଲ୍ ପ୍ରଦାନ କରିଦେଇଛନ୍ତି। ଏନେଇ ବାରମ୍ବାର ଠିକାଦାରଙ୍କୁ କହିବା ସତ୍ତ୍ୱେ ସେ ଶୁଣୁନଥିବା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଏହି ସୋଲାରଚାଳିତ ପାଣି ପ୍ରକଳ୍ପ ଏବେ ଅଚଳ ଅବସ୍ଥାରେ ପଡ଼ି ରହିଥିବାରୁ ସରକାରୀ ଧନର ସଦ୍‌ବ୍ୟବହାର ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ଗ୍ରାମବାସୀମାନେ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ କରି ସ୍ଥାୟୀ ଭାବେ ପାଣି ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

## ପ୍ରଜାପିତା ବ୍ରହ୍ମା ବାବାଙ୍କ ୫୭ତମ ସ୍ମୃତି ଦିବସ



ଭଦ୍ରକ,୨୧।୧(ସମିସ): ଭଦ୍ରକ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବା କେନ୍ଦ୍ରରେ ଆଦିପିତା ପ୍ରଜାପିତା ବ୍ରହ୍ମା ବାବାଙ୍କ ୫୭ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପ୍ରଜାପିତା ବ୍ରହ୍ମା ବାବା ଜଣେ ସରଳ, ସଚ୍ଚୋଟ ଓ ଆଧ୍ୟାତ୍ମିକ ରୁଚି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ପବିତ୍ରତା ହିଁ ସୁଖ ଶାନ୍ତିର ଜନନୀ ତାଙ୍କର ମହାମନ୍ତ୍ର ଥିଲା। ପରମାତ୍ମାଙ୍କ ପ୍ରଦତ୍ତ ଭାରତର ସର୍ବଶ୍ରେଷ୍ଠ ପ୍ରାଚୀନ ରାଜଯୋଗକୁ ସାରା ବିଶ୍ୱରେ ପହଞ୍ଚାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ନାରୀ ଶକ୍ତିକୁ ସେ ବହୁତ ସମ୍ମାନ କରୁଥିଲେ। ଦିବ୍ୟ ଗୁଣର ଧନୀ ବ୍ରହ୍ମା ବାବା ଜଣେ ଉଦାର ବ୍ୟକ୍ତି ଥିଲେ। ମନରେ ନିରାକାର ପରମାତ୍ମାଙ୍କ ସ୍ମୃତି, ବଚନର ନିରହଙ୍କାରିତା, କର୍ମରେ ନିର୍ବିକରୀ ଗୁଣକୁ ଧାରଣ କରିଥିଲେ। ଶାନ୍ତିଦୂତ ରୂପରେ ଓମ୍ ଶାନ୍ତିର ମହାମନ୍ତ୍ରକୁ ସାରା ବିଶ୍ୱରେ ପହଞ୍ଚିଥିଲେ। ଏହିପରି ଏକ ଦିବ୍ୟ ମାନବଙ୍କ ସ୍ମୃତି ଦିବସରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶତାଧିକ ଭାଇ ଭଉଣୀ ଓ ଜନସାଧାରଣ ଉପସ୍ଥିତ ହୋଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସାମୂହିକ ଯୋଗ ଦିନ ୧୨ଟା ପର୍ଯ୍ୟନ୍ତ ହୋଇଥିଲା। ଭଦ୍ରକ ବ୍ରହ୍ମାକୁମାରୀର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ବ୍ରହ୍ମା ବାବାଙ୍କ ଉଦ୍ଦେଶ୍ୟରେ ମୂରଲୀ କ୍ଲାସ୍ କରାଇବା ସହ ଅବ୍ୟକ୍ତ ପାଳନର ଅନୁଭବ କରାଇଥିଲେ। ବ୍ରହ୍ମା ବାବାଙ୍କ ଉଦ୍ଦେଶ୍ୟରେ ନିର୍ମିତ ସ୍ମୃତିସ୍ତମ୍ଭରେ ସମସ୍ତେ ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ପ୍ରସାଦ ସେବନ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଭଣ୍ଡାରିପୋଖରୀ/ବାରିକପୁର,୨୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଶୋଳ କୁଲଣା ମୈତ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସହିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆୟୋଜିତ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ସମ୍ମାନିତ ଅତିଥି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିପିନ ବିହାରୀ ଜେନା, ଅଧ୍ୟାପକ ପ୍ରଫୁଲ୍ଲ ପଣ୍ଡା, ବିଜୟ ମହାପାତ୍ର, ଶିକ୍ଷକ ଅଭିଷେକ ଶତପଥୀ, ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଦେବାଶିଷ ଧଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜ୍ୟୋତ୍ସ୍ନାରାଣୀ ପଣ୍ଡା ସ୍ୱାଗତ ଭାଷଣ, ବିଶ୍ୱଜିତା ଗିରି ଉଦ୍ଦେଶ୍ୟ ଜ୍ଞାପନ ଓ ଚିନ୍ମୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା କିଛି ଶିକ୍ଷକଙ୍କୁ ଅତିଥିମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ମଣିନାଥପୁର ନରେନ୍ଦ୍ର ପରିଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ




ଭଣ୍ଡାରିପୋଖରୀ,୨୧।୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସମୀର ଚୌଧୁରୀଙ୍କ ସଂଯୋଜନାରେ ଓ ଅଧ୍ୟାପକ ଅନାଦି ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ପରମାନନ୍ଦ ନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ଅଧ୍ୟାପକ ଶତ୍ରୁଘ୍ନ ବେହୁରିଆ ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ଚିନ୍ତାମଣି ନାୟକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରଭାତ ମଞ୍ଜରୀ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ଦାସ, ଅଧ୍ୟାପକ ପ୍ରଦୀପ ପଟ୍ଟାୟତ, ଶ୍ୟାମାଶଙ୍କର ଦାଶ, ଶିଶୁମନ୍ଦିର ସମ୍ପାଦକ ବିଶ୍ୱମ୍ବର ରାଉତ, ସୁରଥ ଦାସ ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ଗଜେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଫୁରନ୍ତ ଉତ୍ସାହ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁଣ୍ଡୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଅନୁପମା ରାଉତ ଓ ଶିକ୍ଷକ ରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତାର ଚାମ୍ପିଅନ ମାନସ ନାଥ, ମୋନାଲିସା ରାଉତ, ରାଜଲକ୍ଷ୍ମୀ ରାଉତ, ଅନ୍ନପୂର୍ଣ୍ଣା ରଣା ଆଦିଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଅତିଥି ପରିଚୟ, ଶରତ ଥାଟୋଇ ସ୍ୱାଗତ ଭାଷଣ ଓ ଶିକ୍ଷକ ରମେଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସରୁନି ରାଜସ୍ୱ ଗ୍ରାମ ବିଭାଜନ କାର୍ଯ୍ୟ

# ୧୪ ବର୍ଷ ହେଲା ଦୁର୍ଦ୍ଦଶା ଭୋଗୁଛନ୍ତି ୧୧ ମୌଜାର ଲୋକେ

ଧାମନଗର,୨୧।୧(ସମିସ)



ଧାମନଗର ତହସିଲ୍‌ରେ ୧୪ ବର୍ଷ ତଳେ ଆରମ୍ଭ ହୋଇଥିବା ରାଜସ୍ୱ ଗ୍ରାମ ବିଭାଜନ କାର୍ଯ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସେଥିପାଇଁ ୧୧ଟି ମୌଜାର ଲୋକେ ଦୀର୍ଘ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି ଏବଂ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର କେଉଁଦିନ ପରିସମାପ୍ତି ଘଟିବ ତାହା ମଧ୍ୟ ଅନିଶ୍ଚିତତା ମଧ୍ୟରେ ଥିବାରୁ ସେଥିପାଇଁ ସେହି ମୌଜାର ଲୋକେ ପ୍ରତିକ୍ରିୟାଶୀଳ ହୋଇ ଆଇନର ଆଶ୍ରୟ ନେବାକୁ ପ୍ରସ୍ତୁତ ହେଉଥିବା ଜଣାଯାଇଛି।

ଲୋକଙ୍କ ଅଭିଯୋଗରୁ ପ୍ରକାଶ ଯେ, ଆମ୍ଭମାନଙ୍କର କୌଣସି ଦାବି କିମ୍ବା ଆବଶ୍ୟକତା ନ ଥିଲା। ୨୦୧୨ରେ ଆରମ୍ଭ ହୋଇଥିଲା ରାଜସ୍ୱ ଗ୍ରାମ ବିଭାଜନ କାର୍ଯ୍ୟ। ଏଥିରେ ପଳିକିରି, ମଉଦପୁର, ଦେଉଳଡିହ, ଧୂଷୁରୀ, ସରପୁର, ଜୟନଗର, ଧର୍ମାଗତପୁର, ଶ୍ରୀଗଙ୍ଗା, ଗୌଡ଼ବିଷ ନୂଆପଡ଼ା, କୁରୁଆ, ବୟାଙ୍ଗଡିହ ଆଦି ବଡ଼ ବଡ଼ ରାଜସ୍ୱ ଗ୍ରାମକୁ ବିଭାଜନ କରି ୧୪ଟି ନୂତନ ରାଜସ୍ୱ ଗ୍ରାମ କରିବା ଉଦ୍ଦେଶ୍ୟରେ ତହସିଲ୍ ପକ୍ଷରୁ କାଗଜପତ୍ର କାମ ଆରମ୍ଭ କରିଛନ୍ତି। ଏହାରି ମଧ୍ୟରେ ୧୪ ବର୍ଷ ବିତିଗଲାଣି। କର୍ମଚାରୀ ଅଭାବ ଯୋଗୁଁ ଏପର୍ଯ୍ୟନ୍ତ କାମ ସାରିପାରୁ ନାହାନ୍ତି। ରାଜସ୍ୱ ଗ୍ରାମ ବିଭାଜନ ପାଇଁ ଉକ୍ତ ମୌଜାର ଜମି ବିକ୍ରି ପ୍ରତି କଟକଣା ଜାରି କରାଯାଇଛି। ଗୋଟିଏ ପ୍ଲଟ୍‌ରୁ ଆଂଶିକ ଜମି ବିକ୍ରି କରି ହେଉନି। ସମ୍ପୂର୍ଣ୍ଣ ପ୍ଲଟ୍ ବିକ୍ରି କରିବାକୁ ହେଲେ ଏଡିଏମ୍‌ଙ୍କଠାରୁ ଅନୁମତି ଆଣିବା ପାଇଁ ବାରମ୍ବାର ଭଦ୍ରକ ଯିବାକୁ ପଡୁଛି। ଅଭାବି ଗରିବ ମଧ୍ୟବିତ୍ତ ଶ୍ରେଣୀରେ ଲୋକେ ପିଲାଙ୍କ ଉଚ୍ଚଶିକ୍ଷା, ରୋଗୀ ଚିକିତ୍ସା, ଝିଅ ବାହାଘର ଆଦି ବିଭିନ୍ନ ଜରୁରୀକାଳୀନ ସମୟରେ ଟଙ୍କା ଆବଶ୍ୟକ ଥିବାବେଳେ ସେମାନେ ନିଜର ଜମି ବିକ୍ରିକରି ସେସବୁ କାର୍ଯ୍ୟ ତୁଲାଇଥା'ନ୍ତି। ଜମି ବିକ୍ରି ଉପରେ କଟକଣା ଜାରି ହୋଇଥିବାରୁ ଉକ୍ତ କାର୍ଯ୍ୟ ନିମନ୍ତେ ଟଙ୍କା ପାଇଁ ଲୋକେ ହା ହତାଶ ହେଉଛନ୍ତି। ସେହିପରି କିଣା ହୋଇଥିବା ଜମି ନାମଜାରୀ ଏବଂ ଜମିର କିସମ ପରିବର୍ତ୍ତନ ଆଦି ବିଭିନ୍ନ କାର୍ଯ୍ୟ ହୋଇପାରୁନି। ପୁଣି କେଉଁଦିନ ରାଜସ୍ୱ ଗ୍ରାମ ବିଭାଜନ କାର୍ଯ୍ୟ ଶେଷ ହେବ ସେ ବାବଦରେ ଉତ୍ତର ନାହିଁ। ଏ ସମ୍ପର୍କରେ ଧାମନଗର ତହସିଲ୍‌ଦାରଙ୍କୁ ପଚାରିବାରୁ କାକୁଡ଼ି ଗଡ଼ିଆ ଏବଂ ଉଚ୍ଚପଦା ମୌଜା ବିଭାଜନ କାର୍ଯ୍ୟ ସରିଛି ଲୋକଙ୍କୁ ପଟ୍ଟା ବଣ୍ଟାଯିବ। ବିଭାଜନ କାର୍ଯ୍ୟ ପାଇଁ କର୍ମଚାରୀ ନ ଥିବାରୁ ଅବଶିଷ୍ଟ ୧୬ଟି ମୌଜାର କାମ ଅଗ୍ରଗତି ହୋଇପାରୁନି। ଜଣେ ଷ୍ଟାଫ୍ ଧାମନଗରରେ ତିନି ଦିନ ଏବଂ ଅନ୍ୟ ତହସିଲ୍‌ରେ ତିନି ଦିନ କାର୍ଯ୍ୟ କରୁଛନ୍ତି। ଷ୍ଟାଫ୍ ନିଯୁକ୍ତି ହେଲେ କାର୍ଯ୍ୟ ହେବ ବୋଲି ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଛନ୍ତି। ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନିଜକୁ ଲୋକଙ୍କ ସରକାର କହୁଛନ୍ତି, ହେଲେ ଧାମନଗରରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ଦାୟୀ କିଏ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଚଳନ୍ତା ସ୍କୁଲ ଗାଡ଼ିରୁ ଖସି ୫ମ ଶ୍ରେଣୀ ଛାତ୍ର ଗୁରୁତର

ଭଦ୍ରକ,୨୧।୧(ସମିସ): ଚଳନ୍ତା ସ୍କୁଲ ଗାଡ଼ିରୁ ଖସି ଜଣେ ୫ମ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ରଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କଣ୍ଡିଆ ଥାନା ଅଧୀନ ସାନକୃଷ୍ଣପୁରରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ୫ମ ଶ୍ରେଣୀ ଛାତ୍ର ଜ୍ୟୋତିରଞ୍ଜନ ଦାସ ଶିକ୍ଷାନୁଷ୍ଠାନ ଗାଡ଼ିରେ ଯାଉଥିବା ସମୟରେ ଡୋର୍ ଖୋଲିଯିବା କାରଣରୁ ସେ ତଳେ ପଡ଼ିଯାଇଥିଲେ। ପରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଚିକିତ୍ସା ପାଇଁ ନିଆଯିବା ସହିତ ଗୁରୁତର ଛାତ୍ରଙ୍କ ପରିବାରକୁ ଖବର ଦିଆଯାଇଥିଲା। ଶିକ୍ଷାନୁଷ୍ଠାନକୁ ସଂଯୋଗ କରୁଥିବା ରାସ୍ତାରେ ବେଆଇନ ଭାବେ ନିର୍ମିତ ହମ୍ପସ ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବା କାରଣରୁ ଜନଅସନ୍ତୋଷ ବୃଦ୍ଧି ପାଇଛି।

## କୁଖ୍ୟାତ ଚୋର ଗିରଫ

ଦୋଳସାହି,୨୧।୧(ସମିସ): ଭଦ୍ରକ ଜିଲ୍ଲାର ବିଭିନ୍ନ ଥାନାରେ ଚୋରି ମାମଲାରେ ସମ୍ପୃକ୍ତ ଫେରାର୍ କୁଖ୍ୟାତ ଚୋର କାଳିଆ ନାୟକକୁ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଗିରଫ କରିବାରେ ସକ୍ଷମ ହୋଇଥିବା ଜଣାଯାଇଛି। ସୂଚନାନୁଯାୟୀ, ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତର ବୈକୁଣ୍ଠ ସାହିର କାଳିଆ ନାୟକ ଜିଲ୍ଲାର ଜଣେ ଦାଗିଚୋର ଭାବେ ଜଣାଶୁଣା। ଜିଲ୍ଲାର ବିଭିନ୍ନ ଥାନାରେ ତା' ନାମରେ ଚୋରି ମାମଲା ବିଚାରାଧୀନ ଅଛି। ଏହି ସମସ୍ତ ମୋକଦ୍ଦମାରେ କୋର୍ଟରେ ହାଜର ନ ହେବା ନେଇ କୋର୍ଟ ପକ୍ଷରୁ ଦୀର୍ଘ ଦିନ ଧରି ୱାରେଣ୍ଟ ଜାରି ହୋଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ପରିବା ଚାଷ କରୁଥିବା ବ୍ୟକ୍ତିଙ୍କ ପଟ୍ଟାରେ ଲୋଚାଥିବାବେଳେ ତିହିଡ଼ି ଥାନାର ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ କୌଣସି ସୂତ୍ରରୁ ଖବର ପାଇ କାଳିଆ ନାୟକ ଗିରଫ କରିବାରେ ସକ୍ଷମ ହୋଇଛନ୍ତି।

## ଉତ୍କଳମଣି ସଂସ୍କୃତ କଲେଜର ବାର୍ଷିକୋତ୍ସବ



ବାସୁଦେବପୁର,୨୧।୧(ସମିସ): ଯେଉଁଠି ବିନୟ ନାହିଁ ସେଠି ବିଦ୍ୟା ନାହିଁ। ଯେଉଁଠି ଭୟ ନାହିଁ ସେଠି ଭକ୍ତି ନାହିଁ। ସଂସ୍କାର ନ ଥିଲେ ବିଦ୍ୟାର ମୂଲ୍ୟ ନାହିଁ। ସମାଜକୁ ଶୃଙ୍ଖଳିତ କରିବାକୁ ହେଲେ ବ୍ୟବସ୍ଥା ମଧ୍ୟରେ ରହି କାର୍ଯ୍ୟ କରିବାକୁ ହେବ। ବଡ଼ ମଣିଷ ହେବାର ସ୍ୱପ୍ନ ଦେଖି ଭଲ ମଣିଷଟିଏ ହେବାକୁ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଶୋକ କୁମାର ଦାସ ଯୋଗଦେଇ ଆହ୍ୱାନ ଦେଇଥିଲେ। ବରଣ୍ଡୁଆ ପଞ୍ଚାୟତର ବେତଡ଼ାଠାରେ ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଉମାକାନ୍ତ ଦାସ, ବରଣ୍ଡୁଆ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଳିକ, ପ୍ରାଧ୍ୟାପକ ବେଣୁଧର ପରିଡ଼ା, ଅଧ୍ୟାପିକା କାନ୍ତାରାଣୀ ଦାସ ଓ ଅଚ୍ୟୁତାନନ୍ଦ ପାଢ଼ୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜନ୍ମରୁ ୧୬ ବର୍ଷ ପିଲାଙ୍କ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ



ଦୋଳସାହି,୨୧।୧(ସମିସ): ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଉପ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀମାନଙ୍କୁ ନେଇ ଚାଲିଛି ଜନ୍ମରୁ ୧୬ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସମସ୍ତ ରୋଗର ନିୟନ୍ତ୍ରଣ ପାଇଁ ଟିକାକରଣ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଉକ୍ତ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ୪ଟି ଅଙ୍ଗନବାଡ଼ି କେନ୍ଦ୍ରର ଜନ୍ମରୁ ୧୬ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସମସ୍ତ ରୋଗର ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ସ୍ଥିର କରାଯାଇଛି। ମାସର ପ୍ରଥମ ବୁଧବାର ଗୁଆମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ, ୨ୟ ବୁଧବାର ସଦାନନ୍ଦପୁର ଅଙ୍ଗନବାଡ଼ି କେନ୍ଦ୍ରରେ, ତୃତୀୟ ବୁଧବାର ନୂଆଶାସନ ଅଙ୍ଗନବାଡ଼ି କେନ୍ଦ୍ର ନ ଥିବାରୁ ଝାଡ଼ପଟା ଗ୍ରାମ ପ୍ରାଥମିକ ବିଦ୍ୟାଳୟ, ଚତୁର୍ଥ ବୁଧବାର ତାଳପଦା ଅଙ୍ଗନବାଡ଼ି କେନ୍ଦ୍ର କର୍ମଚାରୀମାନଙ୍କ ଦ୍ୱାରା ପ୍ରତି ବୁଧବାର ଏହି ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ କମ୍ୟୁନିଟି ହେଲ୍‌ଥ ଅଫିସର ମଧୁସ୍ମିତା ନାୟକ, ଆଶା ବାସନ୍ତୀ ତ୍ରିପାଠୀ, ଅଙ୍ଗନବାଡ଼ି କର୍ମୀ ସଂଯୁକ୍ତା ପାଣିଗ୍ରାହୀ ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଭକ୍ତହରି ଜେନା।

# ଧାମନଗରରେ ବେଧଡ଼କ ବାଲି ଚୋରା ଚାଲାଣ

ଦୋବଲ,୨୧।୧(ସମିସ)

### ପ୍ରଶାସନ ଚୁପ୍; ଜନସାଧାରଣ କଲବଲ



ଧାମନଗର ତହସିଲ୍‌ର ଆନନ୍ଦପୁର ପଞ୍ଚାୟତ ଅଞ୍ଚଳରେ ବାଲି ମାଫିଆଙ୍କ ରାଜ୍ ଚାଲିଛି। ପ୍ରତି ରାତିରେ ଶହଶହ ହାଇୱା ବାଲି ନେଇ ଏହି ରାସ୍ତାରେ ଯାଉଛି। ଯାଜପୁର ଜିଲ୍ଲା ଧର୍ମଶାଳା, ବରୀ ଓ ବିଞ୍ଝାରପୁର ଅଞ୍ଚଳର ବ୍ରାହ୍ମଣୀ, ଖରସ୍ରୋତା ଏବଂ ବୈତରଣୀ ନଦୀ ଶଯ୍ୟାରୁ ନିୟମିତ ବାଲି ଉଠାଇ ସିନ୍ଦୂରାଇମୁହଁ ହୋଇ ଦଶରଥପୁର ବ୍ଲକ୍ ସିଦ୍ଧେଶ୍ୱର ନିକଟ ବୈତରଣୀ ପୋଲ ଉପରେ ଆସି ଧାମନଗର ଥାନା ଅଞ୍ଚଳର ଆନନ୍ଦପୁର ପଞ୍ଚାୟତକୁ ପ୍ରବେଶ କରୁଛି। ସାରା ଦିନ ବାଲି ବୋଝେଇ ହାଇୱା ଚାଲୁଥିବାବେଳେ ରାତି ୧୧ଟା ପରେ ଏହି ଚୋରା କାରବାର ଜୋର୍ ଧରୁଛି। ଏନେଇ ପ୍ରଶାସନ ସବୁ ଜାଣିଶୁଣି ନିରବଦ୍ରଷ୍ଟା ସାଜିବା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାତିଡିଅ ପାଖ ବୈତରଣୀ ପୋଲଠାରୁ ଖଡ଼ିପଦା ପର୍ଯ୍ୟନ୍ତ ୫ କିଲୋମିଟର ଲମ୍ବର ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବେ ବିପଜ୍ଜନକ ପରିସ୍ଥିତିରେ।

ନିୟମାନୁଯାୟୀ, ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତା ୧୦ରୁ ୧୬ ଟନ୍ ଓଜନ ସହିବା ପାଇଁ ନିର୍ମିତ। କିନ୍ତୁ ଏହି ରାସ୍ତାରେ ଦୈନିକ ଶହଶହ ୧୦ ଚକିଆ ହାଇୱା ପ୍ରାୟ ୨୫ରୁ ୩୦ ଟନ୍ ବାଲି ବୋଝେଇ କରି ଯାତାୟାତ କରୁଛନ୍ତି, ଯାହା ରାସ୍ତାର ଧାରଣ କ୍ଷମତାଠାରୁ ଯଥେଷ୍ଟ ଅଧିକ। ହାଇୱାଗୁଡ଼ିକରେ ତାରପୋଲିନ ବଦଳରେ କେବଳ ନାମକୁ ମାତ୍ର ସବୁଜ ନେଟ୍ ପକାଯାଉଥିବାରୁ ଶୁଖିଲା ବାଲି ଉଡ଼ି କଂକ୍ରିଟ ରାସ୍ତା ଉପରେ ଜମୁଛି। ଫଳରେ ବାଇକ୍ ଓ ସ୍କୁଟି ଚାଳକମାନେ ବାଲିରେ ଚକ ଖସି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସୈରାତ ନିୟମ ଅନୁଯାୟୀ, କେବଳ ନଦୀ ଶଯ୍ୟାରୁ ବଳକା ବାଲି ଉଠାଇବା କଥା। କିନ୍ତୁ ନିଲାମଧାରୀମାନେ ଅଧିକ ମୁନାଫା ଆଶାରେ ନଦୀର ପାଣି ଭିତରୁ ବାଲି ଖୋଳୁଛନ୍ତି। ଫଳରେ ହାଇୱାରୁ ଓଦା ବାଲିର ପାଣି ଝରି ପିଚୁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେଉଛି। ଆନନ୍ଦପୁର ବୈତରଣୀ ପୋଲର ଆପ୍ରୋଚ୍ ରୋଡ୍‌ରେ ଏବେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି, ଯାହା ଯାତାୟାତ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଚୋରା କାରବାର ପାଇଁ ଏକ ସୁଚିନ୍ତିତ ସେଟିଂ କରାଯାଇଛି। ଅଭିଯୋଗ ହେଉଛି ଯେ, ଧର୍ମଶାଳାର ଜଣେ ପ୍ରଭାବଶାଳୀ ନେତା ଏବଂ ଧାମନଗରର ଜଣେ ଶାସକ ଦଳର କର୍ମୀଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ଏହି ବ୍ୟବସାୟ ଚାଲିଛି। ରାତି ଅଧରେ ଥାର୍ ଗାଡ଼ିରେ ଆସି ଧାମନଗର ଥାନା ଓ ତହସିଲ୍‌ର କିଛି ଅସାଧୁ କର୍ମଚାରୀଙ୍କୁ ଲାଞ୍ଚ ଦେଇ ମାଫିଆମାନେ ନିଜ ପାଇଁ ବାଟ ଫିଟାଉଛନ୍ତି। ଯେଉଁ ପରିମାଣର ବାଲି ଗୋଟିଏ ରାତିରେ ଚାଲାଣ ହେଉଛି, ତାହା ମାସକର ନିଲାମ କୋଟାଠାରୁ ମଧ୍ୟ ଅଧିକ। ଏତେ ସଂଖ୍ୟକ ଗାଡ଼ି ଯାଉଥିଲେ ମଧ୍ୟ କୌଣସି ବିଭାଗ ୱାଇ ଫର୍ମ ବା ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ କରୁନାହାନ୍ତି। ବାଲି ଚାଲାଣ ଯୋଗୁଁ ସାଧାରଣ ଲୋକଙ୍କ ସୁରକ୍ଷା ବିପନ୍ନ ହୋଇଥିବା ବେଳେ ସରକାରୀ ସମ୍ପତ୍ତି (ରାସ୍ତା) କ୍ଷତିଗ୍ରସ୍ତ ହେଉଛି। ଯଦି ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ବେଆଇନ କାରବାର ଉପରେ ରୋକ୍ ନ ଲଗାନ୍ତି, ତେବେ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

## ବେଆଇନ ମାଟି କାରବାର ବୃଦ୍ଧି

ଦୋଳସାହି,୨୧।୧(ସମିସ): ସରକାରଙ୍କ ପକ୍ଷରୁ ବେଆଇନ ମାଟି ଇଟାଭାଟି ଓ ବେଆଇନ ଭାବେ ଜେସିବି ସାହାଯ୍ୟରେ ଟ୍ରାକ୍ଟର ଦ୍ୱାରା ମାଟି ଚାଲାଣ ହେଉଥିବାବେଳେ ଏହି ଦାୟିତ୍ୱ ଗତ ଏକ ବର୍ଷ ପୂର୍ବରୁ ତହସିଲ୍ ପ୍ରଶାସନ ହସ୍ତାନ୍ତର କରି ଖଣିଜ ସମ୍ପଦ ବିଭାଗକୁ ଫାଇନ କାଟିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଖଣିଜ ସମ୍ପଦ ବିଭାଗ ଭଦ୍ରକ ଜିଲ୍ଲାରେ ରହିଛି। ସେହିପରି ଏହି ମାଫିଆମାନେ ଖୁଲମ୍ ଖୁଲ।



ବେପାର କରୁଥିବାବେଳେ ରାଜସ୍ୱ ହାନୀ ଘଟୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ସାଧାରଣରେ ଅଲୋଚନା ହେଉଛି କାହା ପାଖକୁ ଯାଉଛି ରାଜସ୍ୱ ଅର୍ଥ। ସେହିପରି ବେଆଇନ ଭାବେ ଏହି ମାଟି ବୋହୁଥିବା କଂକ୍ରିଟ୍ ରାସ୍ତାରେ ମାଟି ପଡୁଥିବା ନେଇ ସାଧାରଣରେ ଯାତାୟାତ କରିବା କଷ୍ଟକର ହେଉଥିବା ସହ ସାଇକଲ ଓ ବାଇକ୍ ଚାଳକ ପାଇଁ ବିପଦ ସୃଷ୍ଟି ହେଉଥିବା ନେଇ ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ର କର୍କଟରେ ପୀଡ଼ିତ ଶ୍ରେଣୀ ଛାତ୍ର ସତ୍ୟଜ



ଚିକିତ୍ସା ପାଇଁ ଅର୍ଥାଭାବ ସାଜିଛି ବାଧକ

ଧାମନଗର,୨୧।୧(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧୀନ ପଳିକିରୀ (ଗୋପାଳ ସାହି)ର ଚତୁର୍ଥ ଶ୍ରେଣୀର ଛାତ୍ର ସତ୍ୟଜିତ୍ ଦାସ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଅର୍ଥାଭାବ ବାଧକ ସାଜିଛି।

ଖବରରୁ ଜଣାଯାଏ ଯେ, ଉମେଶ ଦାସଙ୍କ ୧୦ ବର୍ଷର ପୁଅ ସତ୍ୟଜିତ ଦାସ ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପାଠ ପଢ଼େ। ଗତ କିଛିଦିନ ତଳେ ଜ୍ୱରରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟ ହାନୀ ସହ ଖାଦ୍ୟ ଗ୍ରହଣ କମିଗଲା। ଗରିବ ବାପା-ମାଆ ଭଦ୍ରକ ଡାକ୍ତରଖାନା ନେଇ ପରୀକ୍ଷା କରି ଔଷଧ ଖାଇବା ପରେ ଜ୍ୱର କମି ନ ଥିଲା। ପରେ ଗତ ୭ ତାରିଖରେ କଟକ ବଡ଼ ଡାକ୍ତରଖାନାକୁ ନେଇ ଡାକ୍ତରଙ୍କ ପରାମର୍ଶକ୍ରମେ ବହୁ ପରୀକ୍ଷା ନିରୀକ୍ଷା କଲାପରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସୁନିଲ କୁମାର ପଣ୍ଡା ସତ୍ୟଜିତ୍ (ଲିକୋମିଆ ୫୦%) ରକ୍ତ କର୍କଟରେ ଆକ୍ରାନ୍ତ ବୋଲି ସୂଚନା ଦେଇଥିଲେ। ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକତା ଜାଣି ଅନନ୍ୟୋପାୟ ହୋଇ ୧୪ ତାରିଖରେ ରୋଗୀଣା ପୁଅକୁ ସାଙ୍ଗରେ ଧରି ଘରକୁ ଫେରି ଆସିଥିଲେ ବାପା-ମାଆ। ସତ୍ୟଜିତ୍‌ଙ୍କ ଜେଜେ ଅନ୍ତ୍ୟୋଦୟ ଅନ୍ନ ଯୋଜନାର ହିତାଧିକାରୀ ଥିବାବେଳେ ତାଙ୍କ ବାପା-ମାଆ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ମାତ୍ର ରକ୍ତ କର୍କଟ ରୋଗରେ ପୀଡ଼ିତ ସତ୍ୟଜିତ୍‌ଙ୍କ ନାମ ଏଥିରେ ନ ଥିବାରୁ ତାଙ୍କ ବାପା ଉମେଶ ଦାସ ଧାମନଗର ବିଡିଓ ବନ ବିହାରୀ ଦିନ୍ଦାଙ୍କୁ ଅନୁରୋଧ କରିଥିଲେ କିନ୍ତୁ ଅକ୍ଷମ ପ୍ରକାଶ କରି ସରକାର ଯୋଡ଼ିବା ସାଇଟ୍ ବନ୍ଦ କରିଛନ୍ତି। ଏଣୁ ଆମେ ନାମ ଯୋଡ଼ି ପାରିବୁନାହିଁ ବୋଲି ରୋକ୍‌ଠୋକ୍ ମନା କଲେ। ଏଠାରେ ସୂଚନାଯୋଗ୍ୟ ଯେ, ଯଦି ବାପା ଓ ମାଆ କେନ୍ଦ୍ର ଖାଦ୍ୟ ସୁରକ୍ଷା ଓ ସ୍ୱାସ୍ଥ୍ୟ କାର୍ଡ ହିତାଧିକାରୀ ତାଙ୍କ ପିଲାଙ୍କ ବୟସ ୫ରୁ ୧୫ ବର୍ଷ ସେ ସେହି ସ୍ୱାସ୍ଥ୍ୟ କାର୍ଡରେ ମାଗଣା ଚିକିତ୍ସା ପାଇପାରିବ। ଏନେଇ ୨୦୨୩ ଅଗଷ୍ଟ ୨୭ରେ ରାଜ୍ୟ ସରକାରଙ୍କ ତତ୍କାଳୀନ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପ୍ରତି ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ସ୍ୱାସ୍ଥ୍ୟ କାର୍ଡ ପ୍ରଚଳନ ହେଉଥିବା ଚିକିତ୍ସାଳୟ ମୁଖ୍ୟଙ୍କୁ ଚିଠି ଲେଖି ସୂଚନା ଦେଇଥିଲେ। ତେବେ ସତ୍ୟଜିତ୍ ଚିକିତ୍ସା ସୁବିଧା ପାଇବାରେ ବାଧା କାହିଁକି? ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏଥିପ୍ରତି ଦୃଷ୍ଟି ଦେଇ ଜୀବନର ପ୍ରଥମ ପାହାଚରେ ପାଦ ଥାପିଥିବା ରକ୍ତ କର୍କଟ ପୀଡ଼ିତ ତଥା ଗରିବ ବାଳକ ସତ୍ୟଜିତ୍‌ର ଚିକିତ୍ସା ପାଇଁ ସହାୟକ ହେବାକୁ ତାଙ୍କ ବାପା-ମାଆଙ୍କ ସମେତ ଅଞ୍ଚଳ ଓ ଗ୍ରାମବାସୀ ନିବେଦନ କରିଛନ୍ତି।

## ଆଗରପଡ଼ା ବଜାରରେ ବୁଲିଲା ବୋଲ୍‌ଡୋଜର



ବନ୍ତ/ଆଗରପଡ଼ା,୨୧।୧(ସମିସ): ବୁଧବାର ପୁଣି ଆଗରପଡ଼ା ବଜାରରେ ଉଚ୍ଛେଦ କାର୍ଯ୍ୟ ପ୍ରଶାସନ ପକ୍ଷରୁ କରାଯାଇଛି। ବ୍ଲକ୍‌ର ଏକମାତ୍ର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆର୍ଥିକ ଅନୁଦାନ ସହାୟତାରେ ତ୍ରିତଳ ବିଶିଷ୍ଟ ନୂତନ କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଉଦ୍‌ଘାଟନ ହେବାକୁ ବାକି ରହିଛି। ଏହା ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଭାଗରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ଅତିରିକ୍ତ ତହସିଲ୍‌ଦାର ଓ ପୁଲିସ ଉପସ୍ଥିତିରେ ବୋଲ୍‌ଡୋଜର ସାହାଯ୍ୟରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। କିଛି ଜବରଦଖଲକାରୀ ପୂର୍ବରୁ ପ୍ରଶାସନ ପକ୍ଷରୁ ନୋଟିସ ପାଇଥିଲେ ମଧ୍ୟ ନିଜ ସାମଗ୍ରୀଗୁଡ଼ିକୁ ସ୍ଥାନାନ୍ତର କରି ନ ଥିଲେ।

## ସାମ୍ବାଦିକ ଜାଫର୍ ଅଲ୍ଲୀଙ୍କୁ ସମ୍ବର୍ଦ୍ଧନା



ଧାମନଗର,୨୧।୧(ସମିସ): ୫ମ ରାଜ୍ୟସ୍ତରୀୟ ଉତ୍କଳ ଶ୍ରୀ ସେବା ସଂଗଠନ ଉତ୍କଳ ଫାଉଣ୍ଡେସନ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ-୨୦୨୬ କଲ୍ୟାଣ ମଣ୍ଡପ, ଭଣ୍ଡାରିପୋଖରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଦୀର୍ଘ ଦିନ ଧରି ନିଷ୍ଠାପର ଓ ନିରପେକ୍ଷ ଭାବେ ଖବର ପରିବେଷଣ କରି ଆସୁଥିବା ଦୈନିକ "ସକାଳ'ର ଧାମନଗର ବ୍ଲକ୍ ପ୍ରତିନିଧି ସେକ୍ ଜାଫର ଅଲ୍ଲୀ ଉତ୍କଳ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ସମ୍ବର୍ଦ୍ଧିତ ପ୍ରତିଭା ଜାଫର ନିଜକୁ ଧନ୍ୟମନେ କରିବା ସହ ଅନୁଷ୍ଠାନର ସଭାପତି ତ୍ରିଲୋଚନ ଦାଶଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇବା ସହିତ ଉତ୍କଳ ଫାଉଣ୍ଡେସନ ଟ୍ରଷ୍ଟର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ତେଲନଟୀ ସ୍କୁଲର ବାର୍ଷିକ ଉତ୍ସବ




ବନ୍ତ/ଆଗରପଡ଼ା,୨୧।୧(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ଗୋପୀନାଥପୁର କ୍ଲଷ୍ଟର ଅନ୍ତର୍ଗତ ତେଲନଟୀ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବିଜେଡି ରାଜ୍ୟ ସମ୍ପାଦକ ଲାଲା ସ୍ୱାଇଁ, ବରିଷ୍ଠ ନେତା ପ୍ରଶାନ୍ତ ଦାଶ, ବ୍ଲକ୍ ଯୁବ ସଭାପତି ସତ୍ୟ ସାଧନ ବେଜ, ପ୍ରାକ୍ତନ ସରପଞ୍ଚ ବନମାଳୀ ବେହେରା, ଦୀପକ ମହାନ୍ତି, ଅଧ୍ୟାପକ ଫକୀର ଶଙ୍ଖୁଆ, ସିଆର୍‌ସିସି ପ୍ରଫୁଲ୍ଲ ସାହୁ, ଅକ୍ଷୟ ସାହୁ, ଶିକ୍ଷା ପ୍ରେମୀ ବୃନ୍ଦାବନ ନାୟକ, ହରିହର ନାୟକ, ସନାତନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଏସ୍‌ଏମ୍‌ସି ଅଧ୍ୟକ୍ଷ ଗଜେନ୍ଦ୍ର ଯେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଗୋପବନ୍ଧୁ ଜେନା ଅତିଥି ପରିଚୟ, ଶିକ୍ଷକ କିଶୋର ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗଣେଶ ପ୍ରସାଦ ଭୋଳ ଏବଂ ମଧୁସୂଦନ ସାହୁ ବିଚାରକ ରୂପେ କାର୍ଯ୍ୟନିର୍ବାହ କରିଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟ ଭୋଳ, ଖେଳ ଶିକ୍ଷକ ସୌମ୍ୟରଞ୍ଜନ ତ୍ରିପାଠୀ, ଶିକ୍ଷୟିତ୍ରୀ କନକଲତା ନାୟକ, ମୋନାଲିସା ଜେନା, ଅନ୍ନପୂର୍ଣ୍ଣ ଦାସ, ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଗ୍ରାମବାସୀ ଏବଂ ଅଭିଭାବକ ଆୟୋଜିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଆଖଣ୍ଡଳମଣି ଉଚ୍ଚ ବିଦ୍ୟାପୀଠର ବାର୍ଷିକୋତ୍ସବ

କୋରେଇ,୨୧।୧(ସମିସ): କୋରେଇ ବ୍ଲକ୍ ଅସନଝର ବାବା ଆଖଣ୍ଡଳମଣି ଉଚ୍ଚ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଅଭୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା ସେନାପତି, ଶିକ୍ଷକ ଲକ୍ଷ୍ମୀଧର ପଲାଇ, ପୂର୍ଣ୍ଣଚନ୍ଦ୍ର ରାଉତ, ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ସମିତି ସଭ୍ୟ ଉଦୟ କୁମାର ନାୟକ, କମିଟି ସଭ୍ୟ ବାବୁ ନାୟକ ଓ ପ୍ରହଲ୍ଲାଦ ଜେନା, ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ଓ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଉମାକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ କୋରେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭିକାରୀ ବରାଳ, କୋରେଇ ଥାନା ଅଧିକାରୀ ରାକେଶ କୁମାର ମହାନ୍ତି, ଅବସରପ୍ରାପ୍ତ ବିଇଓ ବେଣୁଧର ସ୍ୱାଇଁ ଓ ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ରଜତ ଜୟନ୍ତୀ

ବନ୍ତ/ଆଗରପଡ଼ା,୨୧।୧(ସମିସ)



ବନ୍ତ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନସ୍ଥ ନିମାପଡ଼ାସ୍ଥିତ କପାଳୀ କ୍ଷେତ୍ରଠାରେ ଅନୁଷ୍ଠିତ ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରର ରଜତ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଦିବସରେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଅନୁଶିକ୍ଷାଧିକାରୀ ଗଣେଶ ପ୍ରସାଦ କରଶର୍ମା, ସ୍ୱତନ୍ତ୍ର ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି ପ୍ରବକ୍ତା ତଥା ବରିଷ୍ଠ ସାମ୍ବାଦିକ ପତଞ୍ଜଳି କରଶର୍ମା, ପୂର୍ବତନ ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ରାଉତ, ବିଦ୍ୟାଳୟର ସଭାପତି ସୂର୍ଯ୍ୟମଣି ରାଉଳ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ହୃଷୀକେଶ ମିଶ୍ର, ସାମ୍ବାଦିକ ତଥା ଆଇନଜୀବୀ ଜ୍ଞାନଦା ପ୍ରସାଦ କରଶର୍ମା, ସମାଜସେବୀ ରବିନ୍ଦ୍ରନାଥ ରାଉତ, ଭାଗିରଥି ସେଠୀ, ଅର୍ଜୁନ ଚରଣ ବାରିକ, ପୁରାତନ ଛାତ୍ର ସଂସଦ ସଭାପତି ରାଜେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ବିଶ୍ୱ ରଞ୍ଜନ ଦାସ ଏବଂ ପୁରାତନ ଛାତ୍ର ସତ୍ୟ ସୁନ୍ଦର ନାୟକ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ, ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା ବେଦପାଠ ଓ ପ୍ରଧାନ ଆଚାର୍ଯ୍ୟା ଇତିଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଗଣେଶ ପ୍ରସାଦ କରଶର୍ମାଙ୍କ ସ୍ୱରଚିତ ପୁସ୍ତକ 'ଶିକ୍ଷାର ମହତ୍ୱ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ବିଦ୍ୟାଳୟ ପ୍ରତିଷ୍ଠାତା ଜ୍ଞାନଦା କରଶର୍ମାଙ୍କ ସହ ବହୁ ପ୍ରତିଭାଧର ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅତିଥିଭାବେ ବିଜେଡିର ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, କଂଗ୍ରେସର ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଇଂ ଅଭୟ ସୂତାର, କୃତି ଶିକ୍ଷକ ଶଶୀଶେଖର କରଶର୍ମା, ଧାମନଗର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ, ସିଆର୍‌ସିସି ଉତମ କୁମାର ଦାସ, ସନାତନ ସେଠୀ, ବିଜୟ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତମ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ସନ୍ଧ୍ୟାରେ ନୃତ୍ୟ ଗୁରୁ ଦିଲ୍ଲୀପ ସାହୁ ଓ ହଳଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅସ ।ୟୁଙ୍କକମ୍ବଳ ବା ିଲେ ଅଟୋଚାଳକ

ଭଦ୍ରକ,୨୧।୧(ସମିସ): ଆଜିର ଦୁନିଆରେ ବହୁ ବ୍ୟକ୍ତି କେବଳ ନିଜ ସ୍ୱାର୍ଥରେ ଲିପ୍ତ ଥିବାବେଳେ ଏମିତି କିଛି ମଣିଷ ଅଛନ୍ତି, ଯେଉଁମାନେ ଦାରିଦ୍ର୍ୟର କଷାଘାତରେ ଥାଇବି ନିଜ କଷ୍ଟଲବ୍ଧ ଅର୍ଥରେ ଅନ୍ୟର ଦୁଃଖ ଲାଘବ କରିଥା'ନ୍ତି। ଭଦ୍ରକ ବ୍ଲକ୍ କଲେଇ ପଞ୍ଚାୟତ ବଳାଜିତପଡ଼ା ନିବାସୀ ଅଟୋ ଚାଳକ ମହେଶ୍ୱର ଲେଙ୍କା ସେହିଭଳି ଜଣେ ନିଆରା ବ୍ୟକ୍ତିତ୍ୱ। ଯିଏ ନିଜର ଝାଳବୁହା ଧନର ସଞ୍ଚିତ ଅର୍ଥରେ ଋଣ କରି ପରିବାର ପ୍ରତିପୋଷଣ କରିବାକୁ ଅଟୋଟିଏ ଆଣି ଚଲାଉଛନ୍ତି।




ତେବେ ମହେଶ୍ୱରଙ୍କୁ ଅନେକ ସମୟରେ ପର ଦୁଃଖରେ ଭାଗିଦାର ହେବାର ଦେଖାଯାଏ। ଚରମ୍ପା ରେଳ ଷ୍ଟେସନ ହେଉ କି ବସ୍‌ଷ୍ଟାଣ୍ଡ, କୋର୍ଟ କଚେରି ହେଉ କି ଡାକ୍ତରଖାନା ସବୁଠି ତାଙ୍କ ଆଖି ଆଗରେ ପଡୁଥିବା ଦିବ୍ୟାଙ୍ଗ ଓ ଗରିବ ଲୋକଙ୍କୁ ସେ ନିଜ ଅଟୋରେ ମାଗଣାରେ ଆଣି ଠିକଣା ସ୍ଥାନରେ ଛାଡ଼ିଥା'ନ୍ତି। ଏପରିକି ନିଜ ଅଞ୍ଚଳର ବହୁ ଅସୁସ୍ଥ ଓ ଗର୍ଭବତୀ ମହିଳାଙ୍କୁ ରାତି ଅଧରେ ବି ସହାୟତାର ହାତ ବଢ଼ାଇ ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇବା ପରେ ପୁଣି ସେମାନଙ୍କ ଘରେ ଛାଡ଼ିଥା'ନ୍ତି। ପ୍ରତିବର୍ଷ ଶୀତଦିନରେ ସେ ବନ୍ତ ଛକ ବ୍ରିଜ୍ ତଳ ହେଉ କି ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ ବାହାରେ ଅସହାୟ ଅବସ୍ଥାରେ ଶୋଇଥିବା ବ୍ୟକ୍ତିଙ୍କୁ କମ୍ବଳ ମଧ୍ୟ ବଣ୍ଟନ କରିଥା'ନ୍ତି। ଆଜିର ସୋସିଆଲ ମିଡିଆରେ ବହୁ ବ୍ୟକ୍ତି ଗରିବ ଲୋକଙ୍କୁ ସହାୟତା ନାମରେ ନିଜ ଫଟୋକୁ ଭାଇରାଲ କରି ବାହାବାଃ ନେଉଥିବାବେଳେ ମହେଶ୍ୱର ସେଭଳି କାର୍ଯ୍ୟକୁ ନାପସନ୍ଦ କରିଥା'ନ୍ତି। ତାଙ୍କ ଭାଷାରେ ଯିଏ ପ୍ରକୃତ ସାହାଯ୍ୟକାରୀ, ସେ ଏଭଳି ଦେଖାଣିଆ ମନୋଭାବ ପ୍ରଦର୍ଶନ କରିବା ଉଚିତ୍ ନୁହେଁ। ଆଜିର ଯୁଗରେ ମହେଶ୍ୱର ଭଳି ଜଣେ ସାମାନ୍ୟ ଅଟୋ ଡ୍ରାଇଭରଙ୍କ ଏଭଳି ମହତ୍ ପଣିଆକୁ ସମସ୍ତେ ଅନୁକରଣ କରିବା ଉଚିତ୍।

# ଡାଭୋସ୍‌ରେ 'ଶୁଳ୍କଲୋଭୀ' ଟ୍ରମ୍ପଙ୍କୁ ଘେରୁଛନ୍ତି ବିଶ୍ୱନେତା



■ ଆମେରିକା ପ୍ରାଧାନ୍ୟ ବ୍ୟବସ୍ଥାର ଅନ୍ତ ହୋଇଛି: କାନାଡ଼ା ପ୍ରଧାନମନ୍ତ୍ରୀ
■ ଶୁଳ୍କକୁ ଅସ୍ତ୍ର କରୁଛନ୍ତି ଟ୍ରମ୍ପ

ଡାଭୋସ, ୨୧।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୭ ୯ ବର୍ଷର ହେଲାଣି। ଏହି ପରିଣତି ବୟସରେ ଟ୍ରମ୍ପ ଯାହା ଚାହୁଁଛନ୍ତି ତାହା ତାଙ୍କୁ ମିଳିପାରୁ ନାହିଁ। ତେଣୁ ଟ୍ରମ୍ପ ପାଗଳ ପ୍ରାୟ ହୋଇ ଯାଇଛନ୍ତି। ମନମୁଖୀ ନିଷ୍ପତ୍ତି ନେଇ ବନ୍ଧୁତା ବଢ଼ାଇବା ପରିବର୍ତ୍ତେ ବନ୍ଧୁଙ୍କୁ ବଇରୀ କରିଦେଉଛନ୍ତି। ଶପଥ ଗ୍ରହଣର ଦିନକ ପରେ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ। କିନ୍ତୁ ତାହା ସେ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି। ଟ୍ରମ୍ପ ପୁଣି ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିଥିବା ଦାବି କରିଥିଲେ। ମାତ୍ର ଭାରତ ସରକାର ଏଭଳି ଦାବିକୁ ଖଣ୍ଡନ କରି ତାଙ୍କ ଖୁସିକୁ ଖଟା କରିଦେଲେ। ଏଥିରେ କ୍ଷୁବ୍ଧ ହୋଇ ଟ୍ରମ୍ପ ଭାରତ ଉପରେ ଚଢ଼ା ଶୁଳ୍କ ଲଗାଇଲେ। ଏତିକିରେ କାହାଣୀ ଶେଷ ହୋଇ ନ ଥିଲା। ଟ୍ରମ୍ପର ବିଶ୍ୱର ସମ୍ମାନ ଜନକ ପୁରସ୍କାର ନୋବେଲ ଶାନ୍ତି ଚାହିଁଥିଲେ। ନିଜେ ଆଠ ଆଠଟା ଯୁଦ୍ଧ ବନ୍ଦ କରିଥିବା ଦାବି କରିଥିଲେ। ବିଭିନ୍ନ ଦେଶକୁ ନିଜ ପାଇଁ ପ୍ରସ୍ତାବକ ମଧ୍ୟ କରିଥିଲେ। ନରୱେ ବିଦେଶୀ ମନ୍ତ୍ରୀଙ୍କୁ ଫୋନ କରି ନିଜ ପାଇଁ ନୋବେଲ ମାଗିଥିଲେ। ଏଭଳି ପ୍ରୟାସ ସତ୍ତ୍ୱେ ଟ୍ରମ୍ପ ଗତ ଅକ୍ଟୋବରରେ ନିରାଶ ହୋଇଥିଲେ। ନୋବେଲ ଶାନ୍ତି ପୁରସ୍କାର ନ ପାଇ ରକ୍ତ ଚାଉଳ ଚୋବେଇ ଥିଲେ। ଏହି ପୁରସ୍କାର ନ ପାଇଁ ଟ୍ରମ୍ପ ପାଗଳ ହୋଇ ଯାଇଥିଲେ। ପରେ ବିଶ୍ୱ ତାଙ୍କ ପାଗଳାମୀ ଦେଖିଥିଲା। ଗୋଟିଏ ପରେ ଗୋଟିଏ ଦେଶକୁ ସେ ଧମକ ଦେଇ ଚାଲିଥିଲେ। ଭେନଜୁଏଲା ଆକ୍ରମଣ କରି ରାଷ୍ଟ୍ରପତିଙ୍କୁ ଅପହରଣ କରିଥିଲେ। ଗ୍ରୀନଲାଣ୍ଡ, କାନାଡ଼ା, କ୍ୟୁବାକୁ ଦଖଲ ପାଇଁ ଧମକ ଦେଇ ନାଟୋ ସହଯୋଗୀଙ୍କୁ ଝଟ୍‌କା ଦେଇଥିଲେ। ଶେଷର କିଛି ଦିନ ତଳେ ନୋବେଲ ପୁରସ୍କାର ଦେଇ ନ ଥିବା ନରୱେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ। ନୋବେଲ ଶାନ୍ତି ବିନା ଶାନ୍ତି ନାହିଁ ବୋଲି କହିଥିଲେ। ଶାନ୍ତି ଉପରୁ ତାଙ୍କ ଭରସା ଉଠି ଯାଇଥିବା କହିଥିଲେ। ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟଙ୍କୁ ବିଶ୍ୱ ନେତା ତୀବ୍ର ବିରୋଧ କରିଛନ୍ତି। ସ୍ୱିଜରଲାଣ୍ଡରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ଫୋରମରେ ବିଶ୍ୱ ନେତା ଆମେରିକାକୁ ନୀତି ଏବଂ ସମାଲୋଚନା କରି ଭାରତ ସମେତ ମଧ୍ୟପ୍ରାଚ୍ୟର ଶକ୍ତିଶାଳୀ ଦେଶଙ୍କୁ ବିଶ୍ୱ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ପ୍ରାଧାନ୍ୟ ଥିବା ବୈଶ୍ୱିକ ବ୍ୟବସ୍ଥା ଏବେ ଶେଷ ହୋଇଗଲାଣି। ବିଶ୍ୱ କୌଣସି ପରିବର୍ତ୍ତନ ଅଭିମୁଖେ ନୁହେଁ, ବରଂ ଭାଗ ଭାଗ ହେବାକୁ ଯାଉଛି। ଏବେ ପୁରୁଣା ବ୍ୟବସ୍ଥା ଆଉ ଫେରିବ ନାହିଁ। ନିୟମ ଏବଂ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଚାଲୁଥିବା ବିଶ୍ୱରେ ଯେଉଁ କଥା କୁହାଯାଉଛି ତାହା କେବେ ବି ସମ୍ପୂର୍ଣ୍ଣ ସତ ହେଉ ନାହିଁ। ନିୟମ ଆଧାରିତ ବ୍ୟବସ୍ଥା ସମ୍ପୂର୍ଣ୍ଣ ମିଥ୍ୟା ରହିଛି। ବିଶ୍ୱ ସର୍ବଦା କ୍ଷମତା ଏବଂ ନିଜ ନିଜ ସ୍ୱାର୍ଥ ହିସାବରେ ଚାଲିଛି।

ତୀବ୍ର ସମାଲୋଚନା କରି ଭାରତକୁ ଏକାଠି ହେବାକୁ ବାର୍ତ୍ତା ଦେଇଛନ୍ତି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ବୁଧବାର ଡାଭୋସରେ ଦମଦାର ଭାଷଣ ଦେଇଛନ୍ତି। ବିଶ୍ୱ ରାଜନୀତିକୁ ନେଇ ଟ୍ରମ୍ପଙ୍କ ଶକ୍ତିଶାଳୀ ଦେଶ ନିଜ ହିସାବରେ ଆଇନରୁ ବାହାରି ଯାଉଛନ୍ତି ଏବଂ ନୂଆ ଆଇନ କାର୍ଯ୍ୟକାରୀ କରୁଛନ୍ତି। କାର୍ଣ୍ଣି ମାନିଛନ୍ତି ଯେ ପୁରୁଣା ବ୍ୟବସ୍ଥା କାନାଡ଼ାକୁ ଲାଭ ଦେଇଛି। କିନ୍ତୁ ଏହି ବ୍ୟବସ୍ଥା ଆଉ ସ୍ଥାୟୀ ରହିନାହିଁ। ଶକ୍ତିଶାଳୀ ଦେଶଗୁଡ଼ିକ ନିଜର ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଚାପ ପ୍ରୟୋଗ କରୁଛନ୍ତି। ଏହାକୁ ନେଇ ଆର୍ଥିକ ସମ୍ପର୍କକୁ ବ୍ୟବହାର କରୁଛନ୍ତି। ଏହା ହିଁ ବିଶ୍ୱର ବାସ୍ତବତା। ଚାପ ପ୍ରୟୋଗ କରିବା ପାଇଁ ଶୁଳ୍କକୁ ଅସ୍ତ୍ର କରାଯାଉଛି। ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଦେଶଗୁଡ଼ିକୁ ବାଧ୍ୟ କରାଯାଉଛି। ଯୋଗାଣ ଶୃଙ୍ଖଳା ଦୁର୍ବଳତାକୁ ନେଇ ଶୋଷଣ କରାଯାଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକର ଆର୍ଥିକ ଏବଂ ରାଜନୈତିକ ସଙ୍କଟରୁ ପ୍ରମାଣିତ ହୋଇଛି ଯେ ବିଶ୍ୱ ଉପରେ ଅତ୍ୟଧିକ ନିର୍ଭରଶୀଳତା ଯେକୌଣସି ଦେଶ ପାଇଁ ବିପଜ୍ଜନକ ହୋଇପାରେ। ବିଶ୍ୱ ବାଣିଜ୍ୟ ସଂଗଠନ ଏବଂ ଜାତିସଂଘ ଭଳି ବହୁପକ୍ଷୀୟ ପ୍ରତିଷ୍ଠାନ ଦୁର୍ବଳ ହୋଇଯାଇଛି। ଦେଶଗୁଡ଼ିକୁ ଏବେ ନିଜର ସୁରକ୍ଷା, ଶକ୍ତି ଏବଂ ଖାଦ୍ୟ ଆବଶ୍ୟକତାକୁ ସମାଧାନ କରିବାକୁ ପଡିବ। ଯେଉଁ ଦେଶ ନିଜକୁ ଖାଦ୍ୟ ଦେଇପାରିବ ନାହିଁ, ଶକ୍ତି ଯୋଗାଇପାରିବ ନାହିଁ ଏବଂ ନିଜକୁ ରକ୍ଷା କରିପାରିବ ନାହିଁ, ତାଙ୍କ ପାଖରେ କିଛି ବିକଳ୍ପ ନାହିଁ।

## ଟ୍ରମ୍ପଙ୍କ ଏୟାର ଫୋର୍ସ-୧ ବିମାନରେ ଯାନ୍ତ୍ରିକ ତ୍ରୁଟି

ଜେନିଭା, ୨୧।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିମାନ ସ୍ୱିଜରଲାଣ୍ଡର ଡାଭୋସକୁ ବିମାନ ଉଡ଼ାଣ ଆରମ୍ଭ କରିବାକୁ କିଛି ସମୟ ମଧ୍ୟରେ ପ୍ରତ୍ୟାବର୍ତ୍ତନ କରିଥିଲା। ହ୍ୱାଇଟ ହାଉସ୍ ଦେଇଥିବା ତଥ୍ୟ ଅନୁଯାୟୀ ବିମାନରେ କିଛି ଯାନ୍ତ୍ରୀକ ତ୍ରୁଟି ଥିଲା। ପ୍ରେସ୍ ସଚିବ କାରୋଲିନ ଲିଭେଟ କହିଛନ୍ତି ଯେ, ବିମନେ ଟେକ୍‌ଅଫ୍ କରିବାକୁ କିଛି ସମୟ ମଧ୍ୟରେ କ୍ରୁ ମେମ୍ବରଙ୍କୁ ବିମାନରେ ଏକ ବୈଦ୍ୟୁତିକ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ଫଳସ୍ୱରୂପ, ସତର୍କତାମୂଳକ ପଦକ୍ଷେପ ନିଆଯାଇ ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ପରେ ଟ୍ରମ୍ପ ଅନ୍ୟ ଏକ ବିମାନରେ କିଛି ସମୟ ପରେ ଯାତ୍ରା କରିଥିଲେ। ସେ ବୁଧବାର ସୁଇଜରଲାଣ୍ଡରୁ ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଯୋଗଦେବେ। ଟ୍ରମ୍ପଙ୍କ ସରକାରୀ ଯାତ୍ରା ପାଇଁ ବର୍ତ୍ତମାନ ଏକ ବୋଇଂ ୭୪୭-୨୦୦ବି ଏୟାର ଫୋର୍ସ-୧ ବିମାନ ବ୍ୟବହୃତ ହେଉଛି। ଏହିପରି ଦୁଇଟି ବିମାନ ତାଙ୍କ ଯାତ୍ରା ପାଇଁ ବ୍ୟବହୃତ ହେଉଛି। ଏହି ବିମାନଗୁଡ଼ିକ ୪ ଦଶନ୍ଧି ଅର୍ଥାତ ପାଖାପାଖି ୪୦ ବର୍ଷ ପୁରୁଣା। ଆମେରିକା ବିମାନ ନିର୍ମାତା କମ୍ପାନୀ ବୋଇଂ ନୂଆ ବିକଳ୍ପ ବିମାନ ପ୍ରସ୍ତୁତି କରୁଛି, କିନ୍ତୁ ଏଥିରେ ବିଳମ୍ବ ହେଉଛି। ସୂଚନାଯୋଗ୍ୟ ଯେ, କତାରର ରାଜ ପରିବାର ଟ୍ରମ୍ପଙ୍କୁ ଗତ ବର୍ଷ ଏକ ବିଳାସପୂର୍ଣ୍ଣ ବୋଇଂ ୭୪୭-୮ ଜମ୍ବୋ ଜେଟ୍ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ଏହି ବିମାନକୁ ଏବେ ଏୟାର ଫୋର୍ସ-୧ଫ୍ଲିଟ୍‌ରେ ସାମିଲ କରାଯିବା ପାଇଁ ପ୍ରକ୍ରିୟା ଚାଲିଛି। ଏହି ନିଷ୍ପତ୍ତିକୁ ନେଇ ଏକାଧିକ ପ୍ରଶ୍ନ ଉଠୁଛି। ସୁରକ୍ଷା ମାନଦଣ୍ଡ ପୂରଣ କରିବା ପାଇଁ ଏହି ବିମାନକୁ ଅପ୍‌ଗ୍ରେଡ୍ କରାଯାଉଛି। ଗ୍ରୀନ୍‌ଲାଣ୍ଡକୁ ନେଇ ଚାଲୁଥିବା ଚର୍ଚ୍ଚା ଓ ବିବାଦ ସମ୍ପର୍କରେ ଟ୍ରମ୍ପ ଡାଭୋସରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବେ ବୋଲି ଆଶା କରାଯାଉଛି।




## ଇରାନରୁ ଫେରିଲେ ଦ୍ୱିତୀୟ ପର୍ଯ୍ୟାୟ ଭାରତୀୟ ଛାତ୍ର

ଶ୍ରୀନଗର, ୨୧।୧(ଏଜେନ୍ସି): ଇରାନରେ ଫସି ରହିଥିବା ଭାରତୀୟ ଛାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ସୁରକ୍ଷିତ ଭାବେ ସ୍ୱଦେଶ ଫେରିଛନ୍ତି। ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍‌ଏ) ଅନୁଯାଇ, ବର୍ତ୍ତମାନ ସ୍ଥିତିରେ ଛାତ୍ରମାନଙ୍କ ଏହି ପ୍ରତ୍ୟାବର୍ତ୍ତନ ସେମାନଙ୍କ ପରିବାର ପାଇଁ ବଡ଼ ଆସ୍ୱସ୍ତି ଆଣି ଦେଇଛି। ଛାତ୍ରମାନେ ଏୟାର ଇଣ୍ଡିଆ ବିମାନ ଏଆଇ-୯୯୬ରେ ଦୁବାଇ ଓ ସାରଜା ଦେଇ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଛାତ୍ର ନିଜ ଖର୍ଚ୍ଚରେ ହିଁ ଭାରତ ଫେରିଛନ୍ତି। ଏପର୍ଯ୍ୟନ୍ତ ୨୦୦ ଭାରତୀୟ ଛାତ୍ର ଇରାନ୍‌ରୁ ଫେରି ସାରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଜମ୍ମୁ-କଶ୍ମୀର ବୋଲି କୁହାଯାଇଛି। ପୂର୍ବରୁ ଜାନୁଆରୀ ୧୭ରେ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଛାତ୍ର ଫେରିଥିଲେ। ଉଲ୍ଲେଖଥାଉ କି, ଇରାନରେ ଡିସେମ୍ବର ୨୮ରୁ ସରକାରୀ ବିରୋଧୀ ଆନ୍ଦୋଳନ ତଥା ବିକ୍ଷୋଭ ଜାରି ରହିଛି। ଇରାନର ୩୧ଟି ରାଜ୍ୟରେ ହିଂସ୍ରକ ଆନ୍ଦୋଳନ ବ୍ୟାପୀ ଯାଇଛି। ଏଥିରେ ୩ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। ଗୁଳି ବାଜିବା କାରଣରୁ ଅଧିକାଂଶ ଲୋକଙ୍କ ମୃତ୍ୟୁ ହୋଇଛି। ଆଗକୁ ଆହୁରି କିଛି ଛାତ୍ର ଭାରତ ଫେରିବେ ବୋଲି କୁହଯାଉଛି।

# କଟକଣା ସତ୍ତ୍ୱେ ଆରାବଳୀରେ ଚାଲିଛି ବେଆଇନ ଖନନ

■ ସମୟ ପୂର୍ବରୁ ରୋକା ନ ଗଲେ ସ୍ଥିତି ହାତରୁ ପଳାଇବ: ସୁପ୍ରିମକୋର୍ଟ
■ ଖଣି ଖନନ ରୋକିବାକୁ ଗଠନ ହେବ ବିଶେଷଜ୍ଞ କମିଟି

ନୂଆଦିଲ୍ଲୀ, ୨୧।୧ (ଏଜେନ୍ସି): ସର୍ବ ପୁରାତନ ପର୍ବତମାଳା ଆରାବଳୀର ଯନ୍ତ୍ରଣା ଅସହ୍ୟ ହେବାରେ ଲାଗିଛି। କଟକଣା ସତ୍ତ୍ୱେ ଏହି ପର୍ବତମାଳାରେ ବେଆଇନ ଖଣି ଖନନ ଚାଲିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାକୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଖଣି ଖନନ ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହେବ ଯାହାକୁ କେବେ ସୁଧାରି ହେବନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଖଣି ଖନନ ବନ୍ଦ କରିବାକୁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ। ପରିବେଶବିତ, ବୈଜ୍ଞାନିକଙ୍କୁ ନେଇ ଗଠନ ହେବାକୁ ଥିବା ଏହି କମିଟି ବିଭିନ୍ନ ଦିଗକୁ ଦେଖି ପରାମର୍ଶ ଦେବେ। ଆରାବଳୀ କ୍ଷେତ୍ରରେ କୌଣସି ପ୍ରକାରର ଖଣି ଖନନ ହେବାକୁ ନ ଦେବା ପାଇଁ ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କଠାରୁ ଗ୍ୟାରେଣ୍ଟି ନେଇଛନ୍ତି।

ସିଜେଆଇ କହିଛନ୍ତି ବେଆଇନ ଖଣି ଖନନ କେବଳ ପରିବେଶର କ୍ଷତି କରେନାହିଁ, ବରଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ। ସମୟ ଥିବା ପୂର୍ବରୁ ଏହାକୁ ରୋକା ନ ଗଲେ ସ୍ଥିତି ହାତରୁ ବାହାରି ଯିବ। ତେଣୁ ପୂର୍ବ ନିର୍ଦ୍ଦେଶକୁ ବଜାୟ ରଖିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆରାବଳୀ କ୍ଷେତ୍ରରେ ବେଆଇନ ଖଣ ଖନନ ରୋକିବା ପାଇଁ ରାଜସ୍ଥାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଖଣି ଖନନରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ମାମଲାରେ ବିସ୍ତୃତ ଠୋସ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ସିଜେଆଇ ନିର୍ଦ୍ଦେଶ ଦେଇଛନ୍ତି। ଚାରି ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି।



## ସିଞ୍ଜୋ ଆବେଙ୍କ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ଟୋକିଓ, ୨୧।୧(ଏଜେନ୍ସି): ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟା କରିଥିବା ଅଭିଯୁକ୍ତକୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୨୨ ଜୁଲାଇ ୮ରେ ନାରା ସିଟିରେ ଏକ ନିର୍ବାଚନ ପ୍ରଚାର ସମୟରେ ଆବେଙ୍କୁ ଅତର୍କିତ ଭାବେ ଗୁଳି କରି ହତ୍ୟା କରାଯାଇଥିଲା। ବୁିଧବାର ଏକ କୋର୍ଟ ଅଭିଯୁକ୍ତ ହତ୍ୟାକାରୀ ତେତସୂୟା ଆମାଗାମିଙ୍କୁ ଦଣ୍ଡ ଶୁଣାଇଛନ୍ତି। ସରକାରୀ ଓକିଲ କୋର୍ଟରେ କହିଥିଲେ ଯେ, ୟାମାଗାମି କରିଥିବା ଅପରାଧ ଅତ୍ୟନ୍ତ ଗମ୍ଭୀର ଓ ସେ କଠୋରରୁ କଠୋରତମ ଦଣ୍ଡ ପାଇବା ଉଚିତ। ତେବେ ୟମାଗାମୀ ଧାର୍ମିକ ନିର୍ଯାତନାର ଶିକାର ହୋଇଥିଲେ ବୋଲି ତାଙ୍କ ପକ୍ଷ ଯୁକ୍ତି ଉପସ୍ଥାପନ କରିଥିଲେ। ତାଙ୍କ ଓକିଲମାନେ କହିଥିଲେ ଯେ, ୟାମାଗାମି ମାଆ ୟୁନିଫିକେଶନ ଚର୍ଚ୍ଚ ସହିତ ଜଡିତ ଥିଲେ ଓ ଏହା ତାଙ୍କ ପରିବାରକୁ ବଡ଼ ଋଣଭାରରେ ବୁଡ଼ାଇ ଦେଇଥିଲା। ୟାମାଗାମି କୋର୍ଟଙ୍କୁ କହିଥିଲେ ଯେ, ସେ ପ୍ରଥମେ ଚର୍ଚ୍ଚ ସହିତ ଜଡ଼ିତ ଅଧିକାରୀମାନଙ୍କୁ ଆକ୍ରମଣ କରିବାକୁ ଚାହୁଁଥିଲେ। ସେବେ ୨୦୨୧ରେ ସେ ଆବେଙ୍କ ଏକ ଭିଡିଓ ଦେଖିବାକୁ ପାଇଥିଲେ ଓ ଏଥିରେ ତାଙ୍କ ଚର୍ଚ୍ଚ ସହିତ ଥିବା ସମ୍ପର୍କ ଥିବା ଜାଣି ପାରିଥିଲେ। ଫଳରେ ଚର୍ଚ୍ଚ ସହିତ ତାଙ୍କ ସମ୍ପୃକ୍ତିକୁ ସ୍ପଷ୍ଟ କରିଥିଲା। ଏହାପରେ ସେ ଆବେଙ୍କୁ ଟାର୍ଗେଟ କରିବାକୁ ମନସ୍ଥ କରିଥିଲେ ବୋଲି ସେ କହିଛନ୍ତି।

# ଚନ୍ଦ୍ରକୁ ଯିବାକୁ ଚାହୁଁଛି; ସ୍ୱାମୀ ଅନୁମତି ଦେଉନାହାନ୍ତି



ନୂଆଦିଲ୍ଲୀ, ୨୧।୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ତଥା ଆମେରିକୀୟ ମହିଳା ମହାକାଶଚାରୀ ସୁନୀତା ୱିଲିୟମ୍ସ ଭାରତ ଆସିଛନ୍ତି ଓ ଦିଲ୍ଲୀର ଆମେରିକା ସେଣ୍ଟରରେ ଆୟୋଜିତ 'ଆଖୋଁ ସିତାରୋଁ ପର, ପୈର ଜମି ପର' ସେମିନାରରେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଛନ୍ତି। ଭାରତକୁ ଆସିବା ଘରକୁ ଫେରିବା ଭଳି ଲାଗୁଛି ବୋଲି ସେ କହିଛନ୍ତି। ଏବେ ବିଶ୍ୱରେ ଏକ ମହାକାଶ ଦୌଡ଼ ଚାଲିଛି। ଅନେକ ଦେଶ ଚନ୍ଦ୍ର ଓ ମହାକାଶରେ ଆଗକୁ ବଢ଼ିବାକୁ ପ୍ରୟାସ କରୁଛନ୍ତି। ଲକ୍ଷ୍ୟ କେବଳ ପହଞ୍ଚିବା ନୁହେଁ, ବରଂ ମଣିଷମାନେ ସୁରକ୍ଷିତ, ସ୍ଥାୟୀ ଓ ସ୍ଥାୟୀ ଭାବେ ଚନ୍ଦ୍ର ପହଞ୍ଚିବା ନିଶ୍ଚିତ କରିବା। ତେବେ ଏହି କାମ ଗଣତାନ୍ତ୍ରିକ ଭାବେ କରାଯିବା ଉଚିତ, ପାରସ୍ପରିକ ଲାଭ, ସହଯୋଗ ଓ ସ୍ୱଚ୍ଛତା ସହିତ, ଯାହା ଦ୍ୱାରା କୌଣସି ଗୋଟିଏ ଦେଶ ପ୍ରାଧାନ୍ୟ ବିସ୍ତାର ନ କରେ ଏବଂ ସମସ୍ତ ମାନବଜାତି ଲାଭବାନ ହେବ। ସବୁ ଦେଶ ଆଣ୍ଟାର୍ଟିକା ମଡେଲ ଭଳି ସହଯୋଗରେ ଆଗକୁ ବଢ଼ିବା ଉଚିତ ବୋଲି ସେ କହିଥିଲେ। ଭାରତ ଆସିବା ତାଙ୍କ ପାଇଁ ସ୍ୱଦେଶ ଫେରିବା ଭଳି ଅନୁଭବ ହୁଏ। କାରଣ ତାଙ୍କ ପିତା ଗୁଜରାଟର ମେହସାଣା ଜିଲ୍ଲାର ଝୁଲାସନ ଗାଁରୁ ଆସିଥିଲେ। ସେ ଚନ୍ଦ୍ରକୁ ଯିବାକୁ ଚାହୁଁଛନ୍ତି। କିନ୍ତୁ ଏଥିପାଇଁ ସ୍ୱାମୀ ମତେ ଅନୁମତି ଦେଉନାହାନ୍ତି ବୋଲି ଏକ ପ୍ରଶ୍ନର ଉତ୍ତର ଦେବା ଅବସରରେ ମଜାରେ ସେ ଏହି କଥା କହିଛନ୍ତି। ଏବେ ଘରକୁ ଫେରି ଦାୟିତ୍ୱ ହସ୍ତାନ୍ତର କରିବାର ସମୟ ଉପନୀତ ହୋଇଛି। ପରବର୍ତ୍ତୀ ପିଢ଼ିକୁ ମହକାଶ ଅନୁସନ୍ଧାନରେ ନିଜ ସ୍ଥାନ ସୃଷ୍ଟି କରିବାକୁ ପଡ଼ିବ। ମହାକାଶରୁ ପୃଥିବୀ ଦେଖିବା ବେଳେ ଆମେ ସମସ୍ତେ ଏକ ବୋଲି ମନେ ହୁଏ ବୋଲି ସେ କହିଛନ୍ତି। ୬୦ ବର୍ଷୀୟ ସୁନୀତା ନିକଟରେ ନାସାରୁ ଦୀର୍ଘ ୨୭ ବର୍ଷ ପରେ ଅବସର ଗ୍ରହଣ କରିଛନ୍ତି। ସେ ୪-୫ ଦିନ ଭାରତ ଗସ୍ତରେ ଆସିଛନ୍ତି। ସେ ମଧ୍ୟ ଅନ୍ୟତମ ମହିଳା ଭାରତୀୟ ମହାକାଶଚାରୀ କଳ୍ପନା ଚାୱାଲାଙ୍କ ମା ଓ ଭଉଣୀଙ୍କୁ ଦେଖା କରିଛନ୍ତି। ସୁନୀତା ୨୦୨୪ରେ ୮ ଦିନ ପାଇଁ ମହାକାଶ ଯାଇଥିଲେ। କିନ୍ତୁ ସେଠାରେ ସେ ବିଭିନ୍ନ କାରଣ ପାଇଁ ୯ ମାସରୁ ଅଧିକ ସମୟ ରହିବାକୁ ବାଧ୍ୟ ହୋଇଥିଲେ।



### ପ୍ରଶାସନକୁ ଶଙ୍କରାଚାର୍ଯ୍ୟଙ୍କ ଚେତାବନୀ

# ନୋଟିସ ପ୍ରତ୍ୟାହାର ନ କଲେ କେସ୍ କରିବି

ପ୍ରୟାଗରାଜ, ୨୧।୧ (ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ପ୍ରୟାଗରାଜ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ତାଙ୍କୁ ଜାରି କରାଯାଇଥିବା ନୋଟିସ୍ ପ୍ରତ୍ୟାହାର ନ କରାଯାଏ, ମାନହାନୀ ମାମଲା ଦାଏର କରିବେ ବୋଲି କହିଛନ୍ତି। ପ୍ରଶାସନର ଦେଇଥିବା ନୋଟିସର ଜବାବର ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଇମେଲ୍ ମାଧ୍ୟମରେ ୮ ପୃଷ୍ଠାର ଉତ୍ତର ପଠାଇ ଏହାକୁ ମନମୁଖୀ, ଖରାପ ଏବଂ ଅସାମ୍ବିଧାନିକ କହିଛନ୍ତି। ଅବିମୁକ୍ତେଶ୍ୱରାନନ୍ଦ ଲେଖିଛନ୍ତି ଯେ ସୁପ୍ରିମକୋର୍ଟ ତାଙ୍କୁ ଶଙ୍କରାଚାର୍ଯ୍ୟ ପଦରେ ରହିବାରୁ ବାରଣ କରିବା ପାଇଁ କୌଣସି ନିର୍ଦ୍ଦେଶ ଜାରି କରିନାହାଁନ୍ତି। ମାମଲା ବିଚାରାଧୀନ ଅଛି, ତେଣୁ କୌଣସି ତୃତୀୟ ପକ୍ଷର ମନ୍ତବ୍ୟ ଦେବା କିମ୍ବା ପ୍ରତିବନ୍ଧକ ଲଗାଇବାର ଅଧିକାର ନାହିଁ। ଏହା ମଧ୍ୟରେ ଦ୍ୱାରକା ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ମହାରାଜ ମୌନୀ ଅମାବାସ୍ୟାରେ ଅବିମୁକ୍ତେଶ୍ୱରାନନ୍ଦଙ୍କୁ ସ୍ନାନ କରାଇ ନ ଦେବା ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ପ୍ରଶାସନ କ୍ଷମା ମାଗିବା ଉଚିତ। ପୁଲିସ ବ୍ରାହ୍ମଣମାନଙ୍କୁ କେଶ ଧରି ଟାଣି ନେଇଥିଲା। ଏହା ସରକାରଙ୍କ ଅହଂକାରକୁ ଦର୍ଶାଉଛି। କ୍ଷମତା ସବୁଦିନ ପାଇଁ ସ୍ଥାୟୀ ନୁହେଁ। ଯେଉଁମାନେ ଗଙ୍ଗାରେ ସ୍ନାନ କରିବାରୁ ଲୋକଙ୍କୁ ବାଧା ଦିଅନ୍ତି ସେମାନେ ଗୋହତ୍ୟାର ଦୋଷୀ।

ଉଲ୍ଲେଖଯୋଗ୍ୟ ଯେ ସଦାନନ୍ଦ ମହାରାଜ ଏବଂ ଅବିମୁକ୍ତେଶ୍ୱରାନନ୍ଦ ହେଉଛନ୍ତି ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଶିଷ୍ୟ। ତାଙ୍କ ମୃତ୍ୟୁ ପରେ, ଉଭୟେ ଏକାଠି ଶଙ୍କରାଚାର୍ଯ୍ୟ ହୋଇଥିଲେ।

ଅନ୍ୟପଟେ ଜଗଦଗୁରୁ ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ ଅବିମୁକ୍ତେଶ୍ୱରାନନ୍ଦଙ୍କ ପ୍ରତି ଅନ୍ୟାୟ ହୋଇନାହିଁ। ସେ ହିଁ ଅନ୍ୟାୟ କରିଥିଲେ। ପାଲିଙ୍କିରେ ସ୍ନାନ ପାଇଁ ଗଙ୍ଗା ଯାତ୍ରା କରିବାର କୌଣସି ନିୟମ ନାହିଁ। ଆମେ ମଧ୍ୟ ପାଦରେ ଚାଲି ଯାଉ। ନିଜକୁ ଶଙ୍କରାଚାର୍ଯ୍ୟ ପ୍ରମାଣିତ କରିବା ପାଇଁ ସରକାର ତାଙ୍କୁ ଯଥାର୍ଥ ଭାବରେ ନୋଟିସ୍ ଜାରି କରିଛନ୍ତି।

## ପତ୍ନୀ ମାନ୍ୟତା ମିଳିଲେ ଲିଭ୍-ଇନ୍‌ରେ ମହିଳା ସୁରକ୍ଷିତ ରହିବେ: ହାଇକୋର୍ଟ

ଚେନ୍ନଇ, ୨୧।୧(ଏଜେନ୍ସି): ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ୍ ଲିଭ୍- ଇନ୍ ସମ୍ପର୍କରେ ମହିଳାଙ୍କ ସୁରକ୍ଷାକୁ ନେଇ ଏକ ବଡ଼ ମତ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଲିଭ୍- ଇନ୍ ସମ୍ପର୍କରେ ମହିଳାମାନଙ୍କୁ କେବଳ ପତ୍ନୀର ମାନ୍ୟତା ଦିଆଗଲେ ହିଁ ସେମାନେ ସୁରକ୍ଷିତ ରହିବେ। ଏପରି ସମ୍ପର୍କରେ ମହିଳାଙ୍କ ବୈବାହିକ ସୁରକ୍ଷାର ଅଭାବ ରହିଛି। ତେଣୁ ସେମାନଙ୍କୁ ସୁରକ୍ଷା ଦେବା କୋର୍ଟର ଦାୟିତ୍ୱ ରହିଛି। ଜଷ୍ଟିସ ଏସ୍ ଶ୍ରୀମତୀ ଜଣେ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରି ଏହି ମନ୍ତବ୍ୟ ଦେଇଛନ୍ତି। ପୁରୁଷ ଜଣକ ପ୍ରଥମେ ଜଣେ ମହିଳାଙ୍କ ସହ ଲିଭ୍- ଇନ୍ ସମ୍ପର୍କରେ ରହୁଛନ୍ତି ଓ ତା'ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଛନ୍ତି ବୋଲି ଅଭିଯୋଗ କରାଯାଇଛି। ମହିଳାଙ୍କ ସହ ଅଭିଯୁକ୍ତଙ୍କ ସମ୍ପର୍କ ଭାଙ୍ଗିବା ପରେ ଏହି ଅଭିଯୋଗ କରାଯାଇଛି। ଅଭିଯୁକ୍ତ ଆଗୁଆ ଜାମିନ ଆବେଦନରେ କହିଛନ୍ତି ଯେ, ସହମତିରେ ହିଁ ସମ୍ପର୍କ ହୋଇଥିଲା। ସେ ମହିଳାଙ୍କ ପୂର୍ବତନ ପ୍ରେମିକଙ୍କ ସହ ବିଷୟରେ ସୂଚନା ମିଳିବା ପରେ ସମ୍ପର୍କ ଭାଙ୍ଗିଦେଇଥିଲେ। ଅଭିଯୁକ୍ତ ପୁରୁଷ ବେକାରୀ ଓ ଆର୍ଥିକ ଚାପ କାରଣରୁ ବିବାହ କରି ନଥିବା କହିଛନ୍ତି। ଜାମିନ ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି ଯେ, ବଳାତ୍କାର ନ ହୋଇଥିଲେ ମଧ୍ୟ ଯୌନ ସମ୍ପର୍କକୁ ଏକ ପୃଥକ ଅପରାଧ ଭାବେ ବିବେଚନା କରାଯାଇଥାଏ। ବିଚାରପତି ଶ୍ରୀମତି କହିଛନ୍ତି ଯେ, ପୂର୍ବରୁ ଏହି ମାମଲାଗୁଡିକ ପ୍ରତାରଣା କିମ୍ବା ବଳାତ୍କାର ଉପରେ ଆଇପିସି ଧାରା ଅନୁଯାୟୀ ବିଚାର କରାଯାଉଥିଲା। କିନ୍ତୁ ନୂତନ ଫୌଜଦାରୀ ଆଇନ ଅନୁଯାୟୀ, ସଂସଦ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କକୁ ଏକ ପୃଥକ ଅପରାଧ ଭାବେ ବିବେଚନା କରିଛି। ଯେହେତୁ, ଅଭିଯୁକ୍ତ ବିବାହ କରିବାକୁ ମନା କରିଥିଲେ, କୋର୍ଟ କହିଛନ୍ତି ଯେ, ଧାରା ୬୯ ଅନୁଯାୟୀ ମାମଲା ରୁଜୁ କରିବା ବାଧ୍ୟତାମୂଳକ ଓ ଅପରାଧର ଗୁରୁତ୍ୱକୁ ବିଚାର କରି ହାଜତରେ ପଚରା ଉଚରା କରିବାର ଆବଶ୍ୟକତା ରହିଛି।

## ପ୍ରୟାଗରାଜରେ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

ପ୍ରୟାଗରାଜ, ୨୧।୧(ଏଜେନ୍ସି): ପ୍ରୟାଗରାଜରେ ବାୟୁସେନାର ଏକ ଟ୍ରେନିଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ମଝି ଆକାଶରେ ଖସିପଡ଼ି ପୋଖରୀରେ ପଡ଼ିଥିଲା। ଦୁଇ ଆସନ ବିଶିଷ୍ଟ ଏହି ବିମାନରେ ଥିବା ଉଭୟ ପାଇଲଟ ସୁରକ୍ଷିତ ଅଛନ୍ତି। ସହରର ମଧ୍ୟଭାଗରେ ଥିବା ଏକ ଘନ ଜନବସତି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ପୋଖରୀ ନିକଟରେ ଏକ ବିଦ୍ୟାଳୟ ଓ ଏକ ଆବାସିକ କଲୋନୀ ଅବସ୍ଥିତ। ଦୁର୍ଘଟଣା ପରେ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି ଯେ, ବିମାନଟି ଖସି ପଡ଼ିବା ପୂର୍ବରୁ ୨ ଜଣ ଲୋକ ପାଇଲଟ୍ ପାରାଚୁଟ୍ ବାହର କରି ଏହି ପୋଖରୀକୁ ଡେଇଁ ପଡ଼ିଥିଲେ ଓ ପଙ୍କରେ ଫସି ରହିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ବାମରାଉଲି ବାୟୁସେନା ଷ୍ଟେସନରୁ ଉଡ଼ାର ଭରିବା ସମୟରେ ଏହି ମାଇକ୍ରୋଲାଟ୍ ବିମାନଟି ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା ବୋଲି ପ୍ରୋ ଡିଫେନ୍ସ ୱିଙ୍ଗ କମାଣ୍ଡର ଦେବାର୍ଥୋ ଧର କହିଛନ୍ତି। ଉଭୟ ପାଇଲଟ୍ ବିଚକ୍ଷଣତାର ସହିତ କାର୍ଯ୍ୟ କରି ବିମାନଟିକୁ ଏକ ଫାଙ୍କା ଜାଗାରେ ଅବତରଣ କରାଇଥିଲେ। ଫଳରେ କେହି ମୃତାହତ ହୋଇ ନଥିଲେ କିମ୍ବା ସାର୍ବଜନୀନ ସମ୍ପତ୍ତିର କ୍ଷତି ହୋଇ ନଥିଲା। ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ କୋର୍ଟ ଅଫ୍ ଇନକ୍ୱାରୀର ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ଦିନ ୧୨ଟାରେ ହିଁ ଏହି ଦୁର୍ଘଟଣା ହୋଇଥିଲା। ମାଘ ମେଳାଠାରୁ ୩ କିମି ଦୂରରେ ବିମାନ ଖସି ପଡ଼ିଥିଲା। ଘଟଣାସ୍ଥଳରେ ସେନା, ଅଗ୍ନିଶମ ବାହିନୀ, ଏସ୍‌ଡିଆରଏଫ୍ ଓ ଏନ୍‌ଡିଆରଏଫ୍ ଦଳ ପହଞ୍ଚିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ବୋଡ଼ୋ- ଆଦିବାସୀ ସଂଘର୍ଷ

## କୋକ୍ରାଝରରେ ସେନା ମୁତୟନ

ଗୌହାଟୀ, ୨୧।୧(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମର କୋକ୍ରାଝର ଜିଲ୍ଲାରେ ସେନାକୁ ମୁତୟନ କରାଯାଇଛି। ମଙ୍ଗଳବାର ଏଠାରେ ବୋଡ଼ୋ ସ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ କାରଣରୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିଲେ। ଫଳରେ ହିଂସା ସୃଷ୍ଟି ହେବା ସହ ଭୟଙ୍କର ରୂପ ଧାରଣ କରିଥିଲା। ସମ୍ଭାବ୍ୟ ଆକ୍ରମଣ ଆଶଙ୍କା କରି ଗାଁ ଲୋକେ ଘର ଛାଡ଼ି ପଳାଇଛନ୍ତି। ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି ଯେ, ମଙ୍ଗଳବାର ରାତିରେ ସେନା କର୍ମଚାରୀମାନେ କାରିଗାଓଁ ଓ ଆଖାପାଖ ଅଞ୍ଚଳରେ ପାଟ୍ରୋଲିଂ କରିଥିଲେ ଓ ବୁଧବାର ଅଞ୍ଚଳରେ ଏକ ଫ୍ଲାଗମାର୍ଚ୍ଚ କରିଥିଲେ। ଜିଲ୍ଲାରେ ଏବେ ମୋଟ୍ ଉପରେ ସେନାର ୪ଟି ଅଂଶକୁ ମୁତୟନ କରାଯାଇଛି ଓ ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ସମଗ୍ର କୋକ୍ରାଝର ଜିଲ୍ଲାରେ କର୍ଫ୍ୟୁ ଜାରି କରାଯାଇଛି। କ୍ରୋକାଝର ଓ ଚିରାଙ୍ଗ ଜିଲ୍ଲାରେ ଇଣ୍ଟରନେଟ ଓ ମୋବାଇଲ ଡାଟା ସେବାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଛି।

## ଝାଡ଼ଖଣ୍ଡରେ 'ହାତୀ ପାଇଁ ଜରୁରୀକାଳୀନ ପରିସ୍ଥିତି' ଘୋଷିତ

ରାଞ୍ଚି, ୨୧।୧(ଏଜେନ୍ସି): ଝାଡ଼ଖଣ୍ଡର ପଶ୍ଚିମ ସିଂଭୁମ ଜିଲ୍ଲାରେ ଏକ ବଣୁଆ ହାତୀ ୨୨ ଜଣ ଲୋକଙ୍କୁ ମାରିବା ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ସରକାର ବୁଧବାର 'ହାତୀ ଜରୁରୀକାଳୀନ ପରିସ୍ଥିତି' ଘୋଷଣା କରିଛନ୍ତି। ବନ ଅଧିକାରୀମାନେ କହିଛନ୍ତି ଯେ, ହାତୀଟି ନିଜ ପଲ ତଥା ଦଳଠାରୁ ଅଲଗା ହେବା ପରେ ଅତ୍ୟନ୍ତ ଆକ୍ରମଣାତ୍ମକ ହୋଇଯାଇଥିଲା। ପ୍ରତିଦିନ ହାତୀଟି ୩୦ କିମି ଅତିକ୍ରମ କରୁଛି ଓ ଏପର୍ଯ୍ୟନ୍ତ ୨୨ ଜଣଙ୍କ ମାରି ସାରିଛି। ବନ ବିଭାଗ ହାତୀକୁ ଟ୍ରାକିଂ କରି ଧରିବା ପାଇଁ ୧୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରିଛି। ସେମାନେ ୩ଥର ହାତୀକୁ ଟ୍ରାଙ୍କୁଲାଇଜ୍ କରିବାକୁ ପ୍ରୟାସ କରିଛନ୍ତି। ତେବେ ସେମାନେ ସଫଳ ହୋଇପାରି ନାହାନ୍ତି। ପ୍ରଥମଥର ପାଇଁ କୌଣସି ପୁରୁଷ ହାତୀ ଏହି ଅଞ୍ଚଳରେ ଏଭଳି କାଣ୍ଡ ଘଟାଇଛି। ଏହା ଏକ ଅଭୁତପୂର୍ବ ସ୍ଥିତି ସୃଷ୍ଟି କରିଛି।

# ସଂଘର୍ଷର ଅନ୍ୟ ନାମ ସନ୍ତୋଷୀ



**ଜୀବନର ଉଠାଣି ଗଡ଼ାଣି ରାସ୍ତାରେ ଚାଲିବା ସମସ୍ତଙ୍କ ପାଇଁ ସହଜ ହୋଇ ନ ଥାଏ । ଅନେକ ହାରିଯାଆନ୍ତି । ଆଉ କିଛି ହାରି ନ ଯାଇ ଦୁର୍ଯୋଗକୁ ସୁଯୋଗରେ ପରିଣତ କରି ସଫଳତା ପ୍ରାପ୍ତି କରିଥାନ୍ତି । ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ମହିଳା ହେଲେ, କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳକ ସନ୍ତୋଷୀ ଦେଓ । ଏବେ ସେ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ'ର ଜଣେ ସଫଳ ହିତାଧିକାରୀ ହୋଇଛନ୍ତି ।**

ମାତ୍ର ୧୬ ବର୍ଷ ବୟସରେ ସନ୍ତୋଷୀ ହରିୟାନାରେ ବିବାହ କରିଥିଲେ; କିନ୍ତୁ ବିବାହର କିଛିଦିନ ପରେ ସେ ଯୌତୁକ ନିର୍ଯାତନା ଏବଂ ଘରୋଇ ହିଂସାର ସମ୍ମୁଖୀନ ହୋଇଥିଲେ । ଫଳରେ ସ୍ୱାମୀଙ୍କୁ ସବୁଦିନ ପାଇଁ ଛାଡ଼ିବାକୁ ସେ ସ୍ଥିର କରିଥିଲେ । ସ୍ୱାମୀ ପରିତ୍ୟକ୍ତା ହେବାପରେ ସେ ଛୋଟ ଝିଅକୁ ଧରି ସ୍ୱାଭିମାନର ସହ ବଞ୍ଚିବା ପାଇଁ କେନ୍ଦୁଝର ଫେରିଥିଲେ । ଚେନ୍ନାଇର ଜଣେ ମହିଳା ଅଟୋ ଚାଳକଙ୍କୁ ଦେଖି ସେଥିରୁ ଅନୁପ୍ରାଣିତ ହୋଇ ସେ ୨୦୧୫ ମସିହାରେ କେନ୍ଦୁଝରର ପ୍ରଥମ ମହିଳା ଅଟୋ ଚାଳିକା ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାଦ୍ୱାରା ସେ ସାମାଜର ରଢ଼ିବାଦୀ ଚିନ୍ତାଧାରାକୁ ଭାଙ୍ଗିଥିଲେ । ୨୦୨୧ ମସିହାରେ ସେ ଓଡ଼ିଶାର ପ୍ରଥମ 'ମୋ ବସ୍' ଡ୍ରାଇଭର ଭାବେ ଇତିହାସ ରଚିଥିଲେ । ଏହାପରେ ସେ ନିଜର ଦକ୍ଷତା ପ୍ରତିପାଦନ କରି କେନ୍ଦୁଝରର ଏକ ଘରୋଇ ଖଣି କମ୍ପାନୀ ଅଧୀନରେ ୪୦ ମେଟ୍ରିକ ଟନ୍ ବିଶିଷ୍ଟ ବିଶାଳକାୟ 'ଭଲ୍ଭୋ ଟ୍ରକ୍' ମଧ ଚଳାଇଥିଲେ । ସେ ନିଜର ଅଟୋ ଧରି ନ୍ୟାୟ ପାଇଁ ପ୍ରାୟ ୧୬୦୦ କିଲୋମିଟର ପଥ ଅତିକ୍ରମ କରି ନୂଆଦିଲ୍ଲୀ ଯାଇଥିଲେ । ନିକଟରେ କେନ୍ଦୁଝରରୁ ଅଯୋଧା ଗାଡ଼ି ଚଳାଇ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ସେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସାହସ ଏବଂ ନିଷ୍ଠାର ପ୍ରତୀକ ଭାବେ ସନ୍ତୋଷୀଙ୍କୁ 'ଜାତୀୟ ସଡ଼କ ସୁରକ୍ଷା ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରିଛନ୍ତି । ସନ୍ତୋଷୀ ଦେଓ ବାଣିଜ୍ୟ ଓ ପରିବହନ ବିଭାଗର ଲୋକାଭିମୁଖୀ ଯୋଜନା 'ଆତ୍ମନିର୍ଭର ମହିଳା ସୁବାହକ' (ଆମ ସୁବାହକ) ର ଜଣେ ସଫଳ ହିତାଧିକାରୀ ହୋଇଛନ୍ତି । ଏପରି କରି ସେ ଅନ୍ୟ ମହିଳାଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

# ଅଜରଖ ଲେହେଙ୍ଗା

**ମହିଳାମାନେ ବିବାହ ଉତ୍ସବରେ ଲେହେଙ୍ଗା ପିନ୍ଧିବାକୁ ପସନ୍ଦ କରନ୍ତି । ଏଥିପାଇଁ ବରାଦ ଦେଇ ସ୍ୱତନ୍ତ୍ର ଲେହେଙ୍ଗା ଡିଜାଇନ୍ କରିଥାନ୍ତି । ତେଣୁ ବିବାହରେ ନିଜକୁ ଭିନ୍ନ ତଥା ଆକର୍ଷଣୀୟ ଲୁକ୍ ଦେବାକୁ ଚାହୁଁଥିଲେ ଅଜରଖ ଲେହେଙ୍ଗା ପିନ୍ଧିପାରିବେ । ଏହା ମହିଳାଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ରହିଛି । ଏହା ଗୁଜୁରାଟ, ରାଜସ୍ଥାନର ପାରମ୍ପରିକ ପରିଧାନ ଭାବେ ଜଣାଯାଏ । ଏହା ସବୁ ବୟସର ମହିଳାଙ୍କୁ ମାନିଥାଏ । ଜାଣିବା ସେ ବିଷୟରେ...**



### ଅଜରଖରୁ ରାଜକୀୟ ଲୁକ୍

କଳା ଏବଂ ଖଇରିଆ ରଙ୍ଗର ଏହି ଅଜରଖ ପ୍ରିଣ୍ଟ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଲେହେଙ୍ଗା ତଳପାର୍ଶ୍ୱରେ ସୁନ୍ଦର ଏମ୍ବ୍ରୋଡୋରୀ ସାଙ୍ଗକୁ ମିରର୍ ୱାର୍କ ଥାଏ । ଏହା ବିବାହ ଫଙ୍କସନ୍ ପାଇଁ ଭଲ ହୋଇଥାଏ । ଏଥିସହ ଅଜରଖ ପ୍ରିଣ୍ଟ ଯୁକ୍ତ ଦୁପଟ୍ଟା ଏଥିନିକ୍ ସହ ଆଧୁନିକ ସ୍ପର୍ଶ ଦେଇଥାଏ । ସେହିପରି ଏହା ଚକୋର ନେକ୍ଲେସ୍ ସହ ଏକ ରାଜକୀୟ ଲୁକ୍ ଦେଇଥାଏ ।

### ମଲ୍ଟିକଲର୍

ମଲ୍ଟିକଲର ଲେହେଙ୍ଗା ଡିଜାଇନ୍ ଏବଂ ରଙ୍ଗ ଖୁବ୍ ଉଜ୍ଜ୍ୱଳ ହୋଇଥାଏ । ଏଥିରେ ଅଜରଖ ପ୍ରିଣ୍ଟ ସମେତ କାଚ କାମ, ସୂକ୍ଷ୍ମ ସୂତା କାରିଗରୀ ଥାଏ । ଏଥିରୁ ଏକ ଫେଷ୍ଟିଭ୍ ଲୁକ୍ ମିଳିଥାଏ । ଏଥିସହ ଭାରି ଦୁପଟ୍ଟା ଏବଂ ଅଳଙ୍କାର ପିନ୍ଧି ଯେ କୌଣସି ବିବାହ ଫଙ୍କସନ୍‌ରେ ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ ।

### ଘେର ଯୁକ୍ତ ଲେହେଙ୍ଗା

ନାଲିରଙ୍ଗର ଅଜରଖ ପ୍ରିଣ୍ଟ ଲେହେଙ୍ଗା ଦେଖିବାକୁ ଖୁବ୍ ସୁନ୍ଦର ଏବଂ ଷ୍ଟାଇଲିଶ୍ ହୋଇଥାଏ । ଏଥିରେ ଭିନ୍ନ ପ୍ୟାଟର୍ଣ୍ଣର କପଡ଼ା ଥାଏ ।

# ବ୍ଲରିଙ୍ଗ୍ ମେକ୍ଅପ୍

**ସମୟ ଅନୁସାରେ ମେକ୍ଅପ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ବ୍ଲରିଙ୍ଗ୍ ମେକ୍ଅପ୍ ଲୋକପ୍ରିୟ ରହିଛି । ଏହା ତ୍ୱଚାର ଥିବା ଦାଗ, ବ୍ରଣ , ଲୋମଛିଦ୍ର ଦୂର କରି ସେଲ୍ଫି ଫିଲ୍ଟର୍ ଭଳି କୋମଳ ଏବଂ ଦାଗବିହୀନ ତ୍ୱଚା ଦେଇଥାଏ ।**

### ବ୍ଲରିଙ୍ଗ୍ ମେକ୍ଅପ୍ କ' ଣ

ବ୍ଲରିଙ୍ଗ୍ ମେକ୍ଅପ୍ ତ୍ୱଚାକୁ ସୁନ୍ଦର ଓ ନିର୍ମଳ ରଖିଥାଏ । ଏହା ତ୍ୱଚାରେ ଥିବା ପୋର୍ସ, ଚର୍ମ କୁଞ୍ଚନ, ହାଲୁକା ଦାଗ ଆଦିକୁ ଲୁଚାଇ ଥାଏ । ଏଥିରେ ସିଲିକନ୍ ତଥା ଫାଇନ୍ ପାଉଡର୍ ଯୁକ୍ତ ପ୍ରାଇମର୍ ବ୍ୟବହାର କରାଯାଇଥାଏ । ଏହି ମେକ୍ଅପ୍ ବିଶେଷ କରି ତେଲିଆ ଏବଂ କମ୍ବିନେସନ୍ ସ୍କିନ୍‌କୁ ଭଲ ଦିଶିଥାଏ ।

### ମେକ୍ଅପ୍ ପ୍ରଣାଳୀ

#### କ୍ଲିନ୍, ମଏଶ୍ଚରାଇଜ୍

ଫ୍ଲୋଲେସ୍ ମେକ୍ଅପ୍ ପାଇଁ ସର୍ବ ପ୍ରଥମେ ତ୍ୱଚାକୁ ସଫା କରିବା ଆବଶ୍ୟକ । କାରଣ ତ୍ୱଚା ଅପରିଷ୍କାର ଏବଂ ତେଲିଆ ଥିଲେ, ଏହି ମେକ୍ଅପ୍ ଦୀର୍ଘ ସମୟ ରହି ନ ଥାଏ । ଏଥିପାଇଁ ଫେସ୍‌ୱାସ୍‌ରେ ତ୍ୱଚାକୁ ଭଲ କରି ସଫା କରନ୍ତୁ । ଏହାପରେ ମୁହଁରେ ମଏଶ୍ଚରାଇଜର୍ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ ।

#### ପ୍ରାଇମର୍

ମେକ୍ଅପ୍‌ରେ ପ୍ରାଇମର୍ ମୁଖ୍ୟ ହୋଇଥାଏ । ଏହା ତ୍ୱଚାକୁ କୋମଳ କରିବା ସହ ଫାଉଣ୍ଡସେନ୍ ଏକ ଭଲ ବେଶ୍ ଦେଇଥାଏ । ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ ମ୍ୟାଟ୍ ଫିନିଶ୍ ପ୍ରାଇମର୍ ସବୁଠୁ ଭଲ ହୋଇଥାଏ ।

#### ଫାଉଣ୍ଡେସନ୍

ପ୍ରାଇମର୍ ଲଗାଇବା ପରେ, ତ୍ୱଚାର ରଙ୍ଗ ସହ ମିଶୁଥିବା ହାଲୁକା ଫାଉଣ୍ଡେସନ ଲଗାନ୍ତୁ । ଏଥିରୁ ଏକ ମ୍ୟାଟ୍ ଫିନିଶ୍ ଲୁକ୍ ମିଳିଥାଏ । ଫାଉଣ୍ଡେସନକୁ ବ୍ରଶ୍ ଏବଂ ସ୍ପଞ୍ଜ ସହ ଭଲ ଭାବେ ମ୍ୟାଚ୍ କରନ୍ତୁ । ସେହିପରି ତ୍ୱଚାରେ ଦାଗ, ବ୍ରଣ ତଥା ଆଖିତଳେ ସମସ୍ୟା ଥିଲେ, ସେହି ସ୍ଥାନରେ କନ୍‌ସିଲର୍ ଲଗାଇପାରିବେ ।

#### ଟ୍ରାନ୍ସଲୁସେଣ୍ଟ ପାଉଡର୍

ବ୍ଲରିଙ୍ଗ୍‌ର ମେକ୍ଅପ୍‌ର ସବୁଠୁ ମୁଖ୍ୟ ହେଲା, ଟ୍ରାନ୍ସଲୁସେଣ୍ଟ ପାଉଡର୍ । ଏହାକୁ ଲଗାଇ ମେକ୍ଅପ୍‌କୁ ସେଟ୍ କରନ୍ତୁ । ଏହା ଚେହେରାର ଅତିରିକ୍ତ ଚମକକୁ କମ୍ କରିଥାଏ । ଏବଂ ମେକ୍ଅପ୍‌କୁ ଦୀର୍ଘ ସମୟ ରଖିଥାଏ । ଏଥିପାଇଁ ବ୍ରଶ୍‌ରେ ହାଲୁକା ହାତରେ ମୁହଁରେ ଲଗାନ୍ତୁ । ଏହାପରେ ବ୍ଲଶ୍ ଓ ହାଇଲାଇଟର୍ ଲଗାଇପାରିବେ ।



# କଦଳୀ ମେଥି ତରକାରି




### ଆବଶ୍ୟକ ସାମଗ୍ରୀ

ମେଥିଶାଗ – ଦୁଇବିଡ଼ା, ପାଚିଲା କଦଳୀ – ଚାରିଗୋଟି, ଜିରା – ଏକ ଚାମଚ, ଶୁଖିଲା ଲଙ୍କା – ଦୁଇଟି, କଞ୍ଚା ଲଙ୍କା – ଦୁଇଟି, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ –ଏକ ଚାମଚ, ଜୀରାଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ କଦଳୀରୁ ଚୋପା ଛଡ଼େଇ ଏହାକୁ ଛୁରୀରେ ଗୋଲ କରି କାଟନ୍ତୁ । ଏହାପରେ ଶାଗକୁ ଧୋଇ ଗୁଣ୍ଡ କରି କାଟନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ ଜିରା ଶୁଖିଲା ଲଙ୍କା, କଞ୍ଚା ଲଙ୍କା ଏବଂ ଅଦା ଦେଇ କଦଳୀ ପକାଇ ଭାଜନ୍ତୁ । ଏହାପରେ ସେଥିରେ କାଟି ରଖିଥିବା ଶାଗକୁ ଦିଅନ୍ତୁ । ଏହାକୁ ପିଠାଖଡ଼ିକାରେ ଏପାଖସେପାଖ କରନ୍ତୁ । ପରେ ସେଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜୀରାଗୁଣ୍ଡ , ଧନିଆ ଗୁଣ୍ଡ ସମେତ ଲୁଣ ଦେଇ ଏପାଖସେପାଖ କରନ୍ତୁ । ଏହାପରେ ସେଥିରେ ସାମାନ୍ୟ ପାଣି ଛିଞ୍ଚି ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଢାଙ୍କୁଣି ଖୋଲି ପରଷନ୍ତୁ ସ୍ୱାଦିଷ୍ଟ 'କଦଳୀ ମେଥି ତରକାରି' ।

# ପ୍ରଜାପତି ମୁଦି

**ଅଧିକାଂଶ ମହିଳା ନୂଆ ତଥା ଭିନ୍ନ ଡିଜାଇନର ମୁଦି ପିନ୍ଧିବାକୁ ପସନ୍ଦ କରନ୍ତି । ଏହି କ୍ରମରେ ଏବେ ପ୍ରଜାପତି ମୁଦି(ବଟରଫ୍ଲାଏ ରିଙ୍ଗ) ଲୋକପ୍ରିୟ ରହିଛି । ଏହା ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଖୁବ୍ ଷ୍ଟାଇଲିଶ୍ ଦିଶିଥାଏ । ଜାଣିବା ଏହି ଡିଜାଇନ ବିଷୟରେ...**

### ଆଡଜଷ୍ଟେବୁଲ୍ ରିଙ୍ଗ୍

ପାର୍ଟି, ଫଙ୍କସନକୁ ଯାଉଥିଲେ ମହିଳାମାନେ ଆଉଟ୍‌ଫିଟ୍ ସହ ଡିଜାଇନର ମୁଦି ପିନ୍ଧିବାକୁ ପସନ୍ଦ କରନ୍ତି । କିନ୍ତୁ ଅନେକ ସମୟରେ ବ୍ୟସ୍ତତା ଯୋଗୁ ଏହା ମିଳେନି, ଏପରି ସ୍ଥଳେ ଏହି ବଟର୍‌ଫ୍ଲାଏ ଡିଜାଇନର ଆଡଜଷ୍ଟେବୁଲ୍ ମୁଦି ପିନ୍ଧିପାରିବେ ।

### ସିଲ୍‌ଭର୍

ସେହିପରି ଦିନପିନ୍ଧା କରିବାକୁ ଚାହୁଁଥିଲେ, ସିଲ୍‌ଭର୍ ରଙ୍ଗର ବଟର୍‌ଫ୍ଲାଏ ମୁଦି ପିନ୍ଧିପାରିବେ । ଏହା ସୁନ୍ଦର ଦେଖାଯିବା ସହ ଦୀର୍ଘ ଦିନ ଲାଷ୍ଟିଙ୍ଗ୍ କରିଥାଏ । ଏହାକୁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରୁ କିଣିପାରିବେ ।

### ଷ୍ଟୋନ୍ ବଟର୍‌ଫ୍ଲାଏ ରିଙ୍ଗ୍

ବିଶେଷ କରି କଲେଜ ଏବଂ ଅଫିସ୍ ଯାଉଥିବା ମହିଳାଙ୍କ ମଧ୍ୟରେ ଏହି ଡିଜାଇନ୍ ଖୁବ୍ ଲୋକପ୍ରିୟ ରହିଛି । ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ପିନ୍ଧି ନିଜକୁ ଏକ ଭିନ୍ନ ଲୁକ୍ ଦେଇପାରିବେ । ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।





# ଚର୍ମକୁଞ୍ଚନ ଦୂର କରିବ ଆଇ ଜେଲ୍

**ସାଧାରଣତଃ ବୟସ ବଢ଼ିଲେ ଏହାର ପ୍ରଭାବ ପ୍ରଥମେ ଆଖିରେ ଦେଖିବାକୁ ମିଳିଥାଏ । ଆଖିତଳ କଳାପଡ଼ିବା, ଦାଗ, ତଥା କୁଞ୍ଚନ ସମସ୍ୟା ହୋଇଥାଏ । ଏଥିପାଇଁ ଅନେକ ବଜାରରେ ମିଳୁଥିବା ଦାମୀ କ୍ରିମ୍ ଲଗାଇଥାନ୍ତି । କିନ୍ତୁ ଏହା ସେତେ ପ୍ରଭାବୀ ହୋଇ ନଥାଏ । ତେଣୁ ଚାହିଁଲେ ଘରେ ଜେଲ୍ ପ୍ରସ୍ତୁତ କରି ଲଗାଇପାରିବେ । ଏହା ବିଭିନ୍ନ ଆଖିଜନିତ ସମସ୍ୟା ଦୂର କରିଥାଏ ।**

### ଜେଲ୍ ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ଆଳମଣ୍ଡକୁ ବାଟି ଏକ ପେଷ୍ଟ କରି ସେଥିରେ କ୍ଷୀର, ଆଲୋଭେରା ଜେଲ୍ ଏବଂ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଭଲରେ ମିକ୍ସ କରି ଏକ କାଚ ବୋତଲରେ ରଖନ୍ତୁ । ଏହାକୁ ରାତିରେ ଶୋଇବା ପୂର୍ବରୁ ଆଖି ତଳେ ଲଗାଇ ହାଲୁକା ମସାଜ୍ କରନ୍ତୁ ।

### ଲଗାଇବା ବିଧି

- ପ୍ରଥମେ ମୁହଁକୁ ଭଲରେ ଧୋଇ ପରିଷ୍କାର କରନ୍ତୁ । ପରେ ଆଖିରେ ମେକ୍ଅପ୍ କିମ୍ବା କାଜଲ୍ ଲାଗିଥିଲେ ଏହାକୁ ପୋଛି ସଫା କରନ୍ତୁ ।
- ଅଙ୍ଗୁଳିରେ ଜେଲ୍ ନେଇ ଆଖିତଳେ କିମ୍ବା ଆଖପାଖରେ ଲଗାଇ ମସାଜ୍ କରନ୍ତୁ । ହାତକୁ ଗୋଲାକାର ମୋସନରେ ବୁଲାନ୍ତୁ । ଏପରି ଦୁଇମିନିଟ୍ ଯାଏ ଆଖି ମସାଜ୍ କରନ୍ତୁ ।
- ସେହିପରି ଚାହିଁଲେ ଏହାକୁ ଆଖିରେ ଲଗାଇ ମଧ ଶୋଇପାରିବେ । ଏହା ସମସ୍ତ ଆଖି ସମସ୍ୟା ଦୂର କରିଥାଏ ।

# ଏପରି ସଜାନ୍ତୁ ଡାଇନିଙ୍ଗ୍

**ମହିଳାମାନେ ଘରକୁ ସୁନ୍ଦର କରି ସଜାଇବାକୁ ପସନ୍ଦ କରନ୍ତି । ହେଲେ ଡାଇନିଙ୍ଗ୍ ଟେବୁଲ୍ ପ୍ରତି କେହି ଏତେଟା ଧ୍ୟାନ ଦିଅନ୍ତିନି । ସେହିପରି ଅଧିକାଂଶ ଘରେ ମଧ ଡାଇନିଙ୍ଗ୍ ଏରିଆ ଛୋଟ ଥାଏ । ତେଣୁ ଚାହିଁଲେ କମ୍ ଖର୍ଚ୍ଚରେ ମଧ ଡାଇନିଙ୍ଗ୍‌କୁ ସୁନ୍ଦର କରି ସଜାଇପାରିବେ ।**



### ଝୁମର୍

ଝୁମର୍ ଘରକୁ ଏକ ରାଜକୀୟ ଲୁକ୍ ଦେଇଥାଏ । ଏହା ଡାଇନିଙ୍ଗର ସୁନ୍ଦରତା ଦ୍ୱିଗୁଣିତ କରିଥାଏ । ତେବେ ଡାଇନିଙ୍ଗ୍ ଟେବୁଲର ଠିକ୍ ମଝିଭାଗରେ ଝୁମର୍ ଲଗାଇଲେ ଏହା ବେଶି ଭଲ ଦିଶିଥାଏ ।

### ୱାଲ୍ ପେପର୍

ଘର କାନ୍ଥ ପୁରୁଣା ଥିଲେ ଏଥିରେ ୱାଲ୍ ପେପର୍ ଲଗାଇ ସଜାଇପାରିବେ । ଏହା କାନ୍ଥର ସୁନ୍ଦରତା ବୃଦ୍ଧି କରିଥାଏ । ଏଥିସହ କମ୍ ଖର୍ଚ୍ଚରେ ଏହି କାର୍ଯ୍ୟ ହୋଇଥାଏ ।

### କାରପେଟ୍

କାରପେଟ୍ ପକାଇଲେ ଛୋଟ ଘର ମଧ ସୁନ୍ଦର ଦିଶିଥାଏ । ତେଣୁ ଏହାକୁ ଇଣ୍ଟେରିୟର ଡିଜାଇନରେ ସାମିଲ କରିବା ଭଲ । କାରପେଟ୍ ସାଇଜ୍ ଡାଇନିଙ୍ଗ୍ ଟେବୁଲ୍ ଆକାରଠୁ ବଡ଼ ହେବା ଆବଶ୍ୟକ ।

### ଫୁଲଦାନୀ

ଡାଇନିଙ୍ଗ୍ ଟେବୁଲ୍ ମଧ୍ୟରେ ଏକ ଫ୍ଲାୱାର୍ ପଟ୍, ସତେଜ ଫୁଲ, ଫଳ ଟୋକେଇ ତଥା ସୁନ୍ଦର ସୋପିସ୍ ରଖିପାରିବେ । ଏହା ଡାଇନିଙ୍ଗ୍‌କୁ ଖୁବ୍ ସୁନ୍ଦର କରିଥାଏ ।

### ମହମବତୀ

ସେହିପରି ଡାଇନିଙ୍ଗ୍‌କୁ ସୁନ୍ଦର କରିବା ପାଇଁ, ଚାହିଁଲେ ରଙ୍ଗିନ ମହମବତୀ ଲଗାଇପାରିବେ । ଏଥିସହ କାନ୍ଥରେ ଖାଦ୍ୟ ସମ୍ବନ୍ଧୀୟ ପେଣ୍ଟିଙ୍ଗ୍ ମଧ ଲଗାଇପାରିବେ ।

### କାଠ ଉପକରଣ

ଡାଇନିଙ୍ଗ୍ ଟେବୁଲ୍‌କୁ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, କାଠବାସନ ସହ ସାଜଉପକରଣ ମିଶାଇପାରିବେ । ଏହା ଖାଦ୍ୟ ସହ ଡାଇନିଙ୍ଗ୍ ହଲ୍‌ର ଶୋଭାବର୍ଦ୍ଧନ କରିଥାଏ ।

# ବିସ୍ଫୋରକ ଅଭିଷେକ: ଅର୍ଦ୍ଧଶତକରେ ବିଶ୍ୱରେକର୍ଡ

ନାଗପୁର, ୨୧।୧ (ଏଜେନ୍ସି):

ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ବିଦର୍ଭ କ୍ରିକେଟ୍ ସଂଘ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୭ ୱିକେଟ୍ ହରାଇ ୨୩୮ ରନର ବିଶାଳ ସ୍କୋର ସଂଗ୍ରହ କରିଛି। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଶେଷ ଖବର ସୁଦ୍ଧା ୪ ଓଭରରେ ୨ ୱିକେଟ୍ ହରାଇ ୩୩ ରନ ସଂଗ୍ରହ କରିଛି। ସିରିଜର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ରାୟପୁରରେ ଖେଳାଯିବ। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆକୁ ୨-୧ରେ ଜିତି ନ୍ୟୁଜିଲାଣ୍ଡ ଐତିହାସିକ ସିରିଜ ବିଜୟୀ ହୋଇଥିଲା।

### ୭୮୫ ଦିନ ପରେ ଫେରିଲେ ଇଶାନ

ବୁଧବାର ରାତିରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଭାରତ ୩ ଓଭର ମଧ୍ୟରେ ସଞ୍ଜୁ ସାମସନ ଓ ଇଶାନ କିଶାନଙ୍କ ୱିକେଟ୍ ହରାଇଥିଲା। ଦୁଇଟି ଚୌକା ସହ ୭ ବଲରେ ୧୦ ରନ କରିଥିବାବେଳେ ସାମସନ କାଏଲ ଜେମିସନଙ୍କ ବଲରେ ରାଚିତ ରବୀନ୍ଦ୍ରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିଭଳି ୭୮୫ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଥିବା ଇଶାନ ମଧ୍ୟ ମାତ୍ର ୮ ରନ କରି ଜାକବ ଡଫିଙ୍କ ବଲରେ ବିଦାୟ ନେଇଥିଲେ। ଇଶାନ ଶେଷଥର ଲାଗି ୨୦୨୩ ନଭେମ୍ବର ୨୮ ତାରିଖରେ ଅଷ୍ଟ୍ରେଲିଆ (ଟି-୨୦) ବିପକ୍ଷରେ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ।




### ସ୍ଥିତି ସମ୍ଭାଳିଲେ ଅଭି-ସୂର୍ଯ୍ୟ

୨୭ ରନରେ ଦୁଇଟି ୱିକେଟ୍ ହରାଇବା ପରେ ଯୁବ ଓପନର ଅଭିଷେକ ଶର୍ମାଙ୍କ ସହ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ। ତୃତୀୟ ୱିକେଟ୍ ଭାଗୀଦାରିରେ ଉଭୟ ୪୭ ବଲରୁ ୯୯ ରନ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। କ୍ରିଜରେ ଜମି ଆସୁଥିବା ସୂର୍ଯ୍ୟ ୪ଟି ଚୌକା ଓ ଗୋଟିଏ ଛକା ବଳରେ ୨୨ ବଲରୁ ୩୨ ରନ କରି ପ୍ରତିପକ୍ଷ ଅଧିନାୟକ ସାଣ୍ଟନରଙ୍କ ଶିକାର ବନିଥିଲେ। ଏହାପରେ ଅଭିଷେକ ମଧ୍ୟ ତାଙ୍କ କ୍ୟାରିୟରର ୮ମ ଅର୍ଦ୍ଧଶତକ ହାସଲ କରି ୮୪ ରନରେ ଆଉଟ୍ ହୋଇଥିଲେ। ୨୨ ବଲରେ ଅର୍ଦ୍ଧଶତକ ହାସଲ କରିଥିବା ଅଭିଷେକ ୩୫ ବଲର ଏହି ବିସ୍ଫୋରକ ପାଳିରେ ୫ଟି ଚୌକା ଓ ୮ଟି ଛକା ମାରିଥିଲେ। ଏଥିସହ ୨୫ରୁ କମ୍ ବଲ୍ ଖେଳି ଅନ୍ତର୍ଜାତୀୟ ଟି-୨୦ରେ ସର୍ବାଧିକ ଅର୍ଦ୍ଧଶତକ ମାରିବାରେ ରେକର୍ଡ ଅଭିଷେକଙ୍କ ନାମରେ ଲିପିବଦ୍ଧ ହୋଇଛି। ୭ଟି ଲେଖାଏ ଅର୍ଦ୍ଧଶତକ ସହ ଫିଲ୍ ସଲ୍ଟ, ସୂର୍ଯ୍ୟକୁମାର ଓ ଏଭିନ ଲୁଇସ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶେଷ ଭାଗରେ ରିଙ୍କୁ ସିଂ ୨୦ ବଲରେ ୪୪ ରନର ଦ୍ରୁତ ପାଳି ଖେଳିବା ଯୋଗୁ ଭାରତ ୭ ୱିକେଟରେ ୨୩୮ ରନର ବିଶାଳ ସ୍କୋର ଠିଆ କରାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୩୮/୭, ୨୦ ଓଭର (ଅଭିଷେକ- ୮୪, ରିଙ୍କୁ- ଅପରାଜିତ- ୪୪, ସୂର୍ଯ୍ୟକୁମାର- ୩୨, ହାର୍ଦ୍ଦିକ- ୨୫, ସାମସନ- ୧୦, ଇଶାନ- ୮, ଡଫି- ୨/୨୭, ଜେମିସନ- ୨/୫୪)

ନ୍ୟୁଜିଲାଣ୍ଡ: ୩୩/ ୨, ୪ ଓଭର ସୁଦ୍ଧା

### ୧୦୦ ଟି-୨୦ ମ୍ୟାଚ୍ ଖେଳିଲେ ସୂର୍ଯ୍ୟକୁମାର

ନାଗପୁର, ୨୧।୧ (ଏଜେନ୍ସି): ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ କ୍ୟାରିୟରର ୧୦୦ତମ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ବୁଧବାର ଏଠାରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ସୂର୍ଯ୍ୟକୁମାର ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେ ୧୦୦ ମ୍ୟାଚ୍ ଖେଳିବାରେ ସେ ଭାରତର ୪ର୍ଥ ଖେଳାଳି ହୋଇଛନ୍ତି। ସୂର୍ଯ୍ୟକୁମାରଙ୍କ ପୂର୍ବରୁ ରୋହିତ୍ ଶର୍ମା, ବିରାଟ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟା ଏହି କ୍ଲବରେ ସାମିଲ ହୋଇଥିଲେ। ୧୫୯ ମ୍ୟାଚ୍ ସହ ରୋହିତ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ବିରାଟ ଓ ପାଣ୍ଡ୍ୟା ୧୨୫ଟି ଲେଖାଏ ମ୍ୟାଚ୍ ଖେଳିଛନ୍ତି। ସୂର୍ଯ୍ୟକୁମାର ବର୍ତ୍ତମାନ ସୁଦ୍ଧା ୧୦୦ଟି ଟି-୨୦ ମ୍ୟାଚରୁ ୩୫ରୁ ଊର୍ଦ୍ଧ୍ୱ ଆଭରେଜରେ ୨୮୨୦ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୪ଟି ଶତକ ସାମିଲ ରହିଛି।

**ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍**

## ବିରାଟ ଖସିଲେ; ଶୀର୍ଷରେ ମିଚେଲ

ଦୁବାଇ, ୨୧।୧ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଦିନିକିଆ ର୍ୟାଙ୍କିଙ୍ଗ୍‌ର ଭାରତର ବ୍ୟାଟିଂ ଆଇକନ୍ ବିରାଟ କୋହଲି ଶୀର୍ଷ ସ୍ଥାନ ହରାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ କୋହଲି ଗୋଟିଏ ସ୍ଥାନ ହରାଇ ଦ୍ୱିତୀୟକୁ ଖସିଯାଇଛନ୍ତି। ସେହିଭଳି ଭାରତ ମାଟିରେ ନ୍ୟୁଜିଲାଣ୍ଡକୁ ଐତିହାସିକ ଦିନିକିଆ ସିରିଜ ଭେଟି ଦେଇଥିବା ଡାରୀଲ ମିଚେଲ ଗୋଟିଏ ପାହାଚ ଉଠି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ମିଚେଲ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜରେ ଯଥାକ୍ରମେ ୮୪, ୧୩୧ ଓ ୧୩୭ ରନ ସହ ମୋଟ୍ ୩୫୨ ରନ କରିଥିଲେ। ଏହି ପ୍ରଦର୍ଶନ ଲାଗି ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ସେ କୋହଲିଙ୍କୁ ହଟାଇ ଏକ ନମ୍ବର ସ୍ଥାନ ଦଖଲ କରିଛନ୍ତି। ଅପରପକ୍ଷରେ କୋହଲି ୩ଟି ଇନିଂସ ଖେଳି ୨୪୦ ରନ କରିଥିଲେ। ଯେଉଁଥିରେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଦିନିକିଆରେ ୧୨୪ ରନର ଶତକୀୟ ପାଳି ସାମିଲ ରହିଛି। ଏହାସତ୍ତ୍ୱେ କୋହଲି ଶୀର୍ଷ ମାନ୍ୟତାକୁ କେବଳ ଗୋଟିଏ ସପ୍ତାହ ବଜାୟ ରଖିବାରେ ସଫଳ ହୋଇଥିଲେ। ୮୪୫ ରେଟିଂ



ପଏଣ୍ଟ ସହ ମିଚେଲ ଶୀର୍ଷରେ ରହିଥିବାବେଳେ କୋହଲିଙ୍କ ରେଟିଂ ୭୯୫ ରହିଛି। ଅପରପକ୍ଷରେ ଶ୍ରେୟାସ ଆୟରଙ୍କୁ ହଟାଇ ଲୋକେଶ ରାହୁଲ ଟପ୍-୧୦ରେ ରହିଛନ୍ତି। ସଦ୍ୟ ର୍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡର ଗ୍ଲେନ ଫିଲିପ୍ସ ୩୬ରୁ ୨୦ତମ ସ୍ଥାନକୁ ଲମ୍ଫ ମାରିଛନ୍ତି। ଦିନିକିଆ ବୋଲିଂ ତାଲିକାରେ କୁଲଦୀପ ଯାଦବ ୪ଟି ପାହାଚ ତଳକୁ ଖସି ୭ମ ସ୍ଥାନରେ ରହିଛନ୍ତି। ରଶିଦ ଖାନ ଓ ଜୋଫ୍ରା ଆର୍ଚର ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ପୂର୍ବଭଳି ସ୍ଥିର ରହିଛନ୍ତି।

**ଇଣ୍ଡୋନେସିଆ ମାଷ୍ଟର୍ସ**

## ସିନ୍ଧୁ, ଶ୍ରୀକାନ୍ତ, ଲକ୍ଷ୍ୟଙ୍କ ବିଜୟ ଅଭିଯାନ

ଜାକର୍ତ୍ତା, ୨୧।୧ (ଏଜେନ୍ସି): ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବୁଧବାର ଭାରତୀୟ ଖେଳାଳିଙ୍କ ଲାଗି ମିଶ୍ରିତ ଫଳାଫଳ ଆଣିଛି। ପୁରୁଷ ସିଙ୍ଗଲ୍ସ ବିଭାଗରେ ପୂର୍ବତନ ଏକ ନମ୍ବର ଖେଳାଳି କିଦାମ୍ବୀ ଶ୍ରୀକାନ୍ତ, ଲକ୍ଷ୍ୟ ସେନ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। କିନ୍ତୁ ଏଚ୍‌ଏସ୍ ପ୍ରଣୟ ଓ କିରଣ ଜର୍ଜ ପ୍ରଥମ ରାଉଣ୍ଡରେ ପରାଜୟ ସହ ବିଦାୟ ନେଇଛନ୍ତି। ଶ୍ରୀକାନ୍ତ ୨୧-୧୫, ୨୧-୨୩, ୨୪-୨୨ ଗେମରେ ଜାପାନର କୋକି ୱତାନାବେଙ୍କୁ ଓ ଲକ୍ଷ୍ୟ ୨୧-୧୩, ୧୬-୨୧, ୨୧-୧୪ରେ ତାଇୱାନର ଟିଡବ୍ଲ୍ୟୁ ୱାଙ୍ଗଙ୍କୁ ପରାସ୍ତ କରିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ପଞ୍ଚମ ସିଡ୍ ସିନ୍ଧୁ ୨୨-୨୦, ୨୧-୧୮ ଗେମରେ ଜାପାନର ମାନାମି ସୁଇଜୁଙ୍କୁ ହରାଇଥିଲେ। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ୫୩ ମିନିଟ୍ ସମୟ ଲାଗିଥିଲା। କିନ୍ତୁ କିରନ ଜର୍ଜ ୧୭-୨୧, ୧୪-୨୧ ଗେମରେ ଘରୋଇ ଖେଳାଳି ମୋହ ଜାକି ଉବେଦିଲ୍ଲାଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି।

## ବାଂଲାଦେଶକୁ ଆଉ ଗୋଟିଏ ଦିନ ସମୟ ଦେଲା ଆଇସିସି

ଦୁବାଇ, ୨୧।୧ (ଏଜେନ୍ସି): ଭାରତ ମାଟିରେ ଆଗାମୀ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ନ ଖେଳିବା ଲାଗି ଅଡ଼ି ବସିଥିବା ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)କୁ ନିରାଶ ହେବାକୁ ପଡ଼ିଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ବାଂଲାଦେଶର ମ୍ୟାଚ୍‌ଗୁଡ଼ିକ ଭାରତରେ ଖେଳାଯିବ ବୋଲି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର କୁହାଯାଇଛି। ଆଗାମୀ ଟି-୨୦ ବିଶ୍ୱକପ୍ ଉପରେ ବିସିବି ବୁଧବାର ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଆଇସିସି ନିକଟରେ ଦାଖଲ କରିବାର ଥିଲା। କିନ୍ତୁ ବିସିବିକୁ ଚେତାବନୀ ସହିତ ଆଇସିସି ଆଉ ଗୋଟିଏ ଦିନର ମହଲତ୍ ଦେଇଛି। ଅର୍ଥାତ୍ ଗୁରୁବାର ସୁଦ୍ଧା ବାଂଲାଦେଶ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବ। ଫଳରେ ବାଂଲାଦେଶର ବିଶ୍ୱକପ୍ ଖେଳିବା ଚିତ୍ର ଗୁରୁବାର ସ୍ପଷ୍ଟ ହୋଇଯିବ। ଏନେଇ ବୁଧବାର ଦୁବାଇସ୍ଥିତ ଆଇସିସି ମୁଖ୍ୟାଳୟରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ବଦଳରେ ଶ୍ରୀଲଙ୍କାରେ ଖେଳିବା ଲାଗି ବାଂଲାଦେଶ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିଲାଗି ବୈଠକରେ ଏକ ଭୋଟିଂ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିଯେର ଆଇସିସି ସମେତ ଅଧିକାଂଶ ସଦସ୍ୟ ରାଷ୍ଟ୍ର ବାଂଲାଦେଶ ରାଜି ନ ହେଲେ ବିକଳ୍ପ ଦଳକୁ ସାମିଲ କରିବା ସପକ୍ଷରେ ଯାଇ ଭୋଟ୍ ଦେଇଥିଲେ। ଯଦି ବାଂଲାଦେଶ ମନା କରିଦିଏ ତେବେ ର୍‌ୟାଙ୍କିଙ୍ଗ୍ ଅନୁଯାୟୀ ସ୍କଟଲାଣ୍ଡକୁ ଯୋଗ୍ୟତା ମିଳିବ। ପ୍ରକାଶଯୋଗ୍ୟ, ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଟି-୨୦ ବିଶ୍ୱକପ୍ ଖେଳାଯିବ। ବାଂଲାଦେଶ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ତେବେ ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ହତ୍ୟା କରାଯିବାକୁ ନେଇ ଭାରତ ବିଭିନ୍ନ ସଂଗଠନ ପ୍ରତିବାଦ କରିଥିଲେ। ସେମାନେ ଆଇପିଏଲ୍‌ରୁ ବାଂଲା କ୍ରିକେଟର୍ ମୁସ୍ତାଫିଜୁର ରହେମାନଙ୍କୁ ବାହାର କରିବାକୁ ଦାବି କରିଥିଲେ। ଏହାପରେ ବିସିସିଆଇର ନିର୍ଦ୍ଦେଶରେ କୋଲକାତା ନାଇଟ୍ ରାଇଡର୍ସ ଦଳ ରହେମାନଙ୍କୁ ଆଗାମୀ ଆଇପିଏଲ୍‌ରୁ ବିଦା କରିଦେଇଥିଲା। ଏହାକୁ ବିରୋଧ କରି ବାଂଲାଦେଶ କ୍ରିକେଟ୍ ବୋର୍ଡ ସୁରକ୍ଷାଜନିତ କାରଣ ଦର୍ଶାଇ ଭାରତରେ ମ୍ୟାଚ୍ ନ ଖେଳିବା ଲାଗି ଅଡ଼ି ବସିଛି।

**ହକି ଇଣ୍ଡିଆ ଲିଗ୍**

## କଳିଙ୍ଗ ଲାନ୍ସର୍ସର ଅପରାଜେୟ ଧାରା ଭାଙ୍ଗିଲା

ଭୁବନେଶ୍ୱର, ୨୧।୧ (ସମିସ): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ସଂସ୍କରଣରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ବିଜୟ ରଥରେ ବ୍ରେକ୍ ଲାଗିଛି। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର କଳିଙ୍ଗ ଲାନ୍ସର୍ସ ଏହାର ଶେଷ ଲିଗ୍ ମ୍ୟାଚରେ ୧-୨ ଗୋଲରେ ସୁରମା ହକି କ୍ଲବ ନିକଟରୁ ହାରିଯାଇଛି। ଫଳରେ ଚଳିତ ଲିଗରେ କ୍ରମାଗତ ୬ଟି ମ୍ୟାଚ୍ ଜିତି ଅପରାଜେୟ ରହିଥିବା ଲାନ୍ସର୍ସ ପ୍ରଥମ ପରାଜୟବରଣ କରିଛି। ପରାଜୟ ସତ୍ତ୍ୱେ କଳିଙ୍ଗ ଲାନ୍ସର୍ସ ୭ ମ୍ୟାଚରୁ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ପୂର୍ବରୁ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଛି। ଶୁକ୍ରବାର ପ୍ରଥମ ପ୍ଲେ-ଅଫ୍ ଖେଳିବ କଳିଙ୍ଗ। ଅପରପକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ହାଇଦରାବାଦ୍ ତୁଫାନ୍ସ ୩-୨ ଗୋଲରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନସିଲ୍ ଦଳକୁ ହରାଇଦେଇଛି। ତୁଫାନ୍ସର ଏହା ୩ୟ ବିଜୟ ଥିଲା। ତୁଫାନ୍ସର ଏହି ବିଜୟରେ ଦୁଇ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଓ ଅମନଦୀପ୍ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଅତିଥି ଭାବେ ଯୋଗଦେଇଥିଲେ।



ରନର୍ସ ଅପ୍ ଓଡ଼ିଶା ବାଳକ ରଗ୍‌ବୀ ଦଳ

**ଜାତୀୟ ସବ୍-ଜୁନିଅର ରଗବୀ**

## ବିହାର ଚାମ୍ପିଅନ; ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୨୧।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍-ଜୁନିଅର ରଗବୀ ଚାମ୍ପିଅନସିପ୍ ବୁଧବାର ଉଦଯାପିତ ହୋଇଯାଇଛି। ବାଳକ ବିଭାଗରେ ଓଡ଼ିଶା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଫାଇନାଲରେ ବିହାର ୨୫-୫ ସ୍କୋରରେ ଓଡ଼ିଶାକୁ ପରାସ୍ତ କରି କ୍ରମାଗତ ଟାଇଟଲ୍ ଜିତିବାରେ ସଫଳ ହୋଇଛି। ସେହିଭଳି ଗତ ସଂସ୍କରଣ ରନର୍ସଅପ୍ ରାଜସ୍ଥାନକୁ ଏଥର କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୂର୍ବରୁ ଅନୁଷ୍ଠିତ ବାଳିକା ବିଭାଗରେ ମଧ୍ୟ ବିହାର ଚାମ୍ପିଅନ ହୋଇଥିଲା। ସେହିଭଳି ଓଡ଼ିଶା ବାଳିକା ଦଳ କାଂସ୍ୟ ପଦକ ହାସଲ କରିଥିଲା। ଏହି ପ୍ରତିଯୋଗିତାରେ ୨୪ଟି ରାଜ୍ୟର ୫୫୦ରୁ ଊର୍ଦ୍ଧ୍ୱ ୧୫ ବର୍ଷରୁ କମ୍ ବାଳକବାଳିକା ରଗବୀ ଖେଳାଳି ଅଂଶଗ୍ରହଣ କରିଥିଲେ।

## କଳିଙ୍ଗ ହେବ ୨୦୨୮ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ

**ଯାଞ୍ଚ କଲେ ୱାର୍ଲ୍ଡ ଆଥଲେଟିକ୍ସ ଅଧିକାରୀ**

ଭୁବନେଶ୍ୱର,୨୧।୧(ସମିସ): ଭାରତ ୨୦୨୮ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ପାଇଁ ଆନୁଷ୍ଠାନିକ ଭାବେ ବିଡ୍ ଅର୍ଥାତ ନିଜର ଦାବି ଉପସ୍ଥାପନ କରିଛି। ଏଥିପାଇଁ ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍‌ର ଏକ ପ୍ରତିନିଧିମଣ୍ଡଳୀ ବୁଧବାର କଳିଙ୍ଗ ଷ୍ଟାଡିୟମ ଭିତ୍ତିଭୂମି ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗର ଯାଞ୍ଚ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବିଡ୍ ମୁଖ୍ୟ ମାର୍କ ହର୍ଷ୍ଟ ଓ ଇଭେଣ୍ଟ ନିର୍ଦ୍ଦେଶକ ମାର୍ଟିନ ଗ୍ୟୁଲାଇ ଓ ଅନ୍ୟମାନେ ସାମିଲଥିଲେ। ଅଧିକାରୀମାନେ କଳିଙ୍ଗରେ ଉପଲବ୍ଧ ବୈଷୟିକ କ୍ଷମତା ଓ ଆନ୍ତର୍ଜାତୀୟ ମାନଦଣ୍ଡ ମୂଲ୍ୟାଙ୍କନ କରିବା ପାଇଁ କଳିଙ୍ଗ ଷ୍ଟାଡିୟମ ଇନଡୋର ଆଥଲେଟିକ୍ସ ଷ୍ଟାଡିୟମର ପରିଦର୍ଶନ କରିଥିଲେ। ଏହିକ୍ରମରେ ପ୍ରତିନିଧିମଣ୍ଡଳୀ ୱାର୍ଲ୍ଡ ଆଥଲେଟିକ୍ସ ଉପ- ସଭାପତି ଆଦିଲ ସୁମରିୱାଲା, ଦୁଇ ଅଧିକାରୀ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ କ୍ରୀଡ଼ା ଅଧିକାରୀମାନଙ୍କୁ ଭେଟି ଷ୍ଟାଡିୟମର ଇଣ୍ଡୋର ସ୍ଥାନ ସହ ହୋଟେଲ ଓ ବିମାନ ବନ୍ଦର ଭଳି ଅନ୍ୟାନ୍ୟ ସୁବିଧା ସୁଯୋଗଗୁଡ଼ିକର ଯାଞ୍ଚ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ବେଶ ଭଲ ବୋଲି ସୁମରିୱାଲା କହିଛନ୍ତି। ୱାର୍ଲ୍ଡ ଆଥଲେଟିକ୍ସ ଅନୁଯାୟୀ ଫେବୃଆରୀ ୨୦ ହେଉଛି ବିଡ୍ ଦାଖଲ କରିବାର ଶେଷ ତାରିଖ। ସେହିପରି ଆଗାମୀ ମାର୍ଚ୍ଚରେ ୱାର୍ଲ୍ଡ ଆଥଲେଟିକ ପରିଷଦ ଦ୍ୱାରା ଆୟୋଜକ ସହର ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଭାରତ ବ୍ୟତୀତ କାଜାଖସ୍ତାନ ଓ ଅନ୍ୟ କେତୋଟି ଦେଶ ମଧ୍ୟ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ବିଡ୍ ଦାଖଲରେ ଆଗରେ ରହିଛନ୍ତି। ଉଲ୍ଲେଖଥାଉ କି, କଳିଙ୍ଗ ଷ୍ଟାଡିୟମରେ ଦକ୍ଷିଣ ଏସିଆର ସର୍ବବୃହତ୍ ଇଣ୍ଡୋର ଆଥଲେଟିକ୍ସ ଏରିନା ରହିଛି ଓ ଏହାକୁ ୱାର୍ଲ୍ଡ ଆଥଲେଟିକ୍ସ କାଟାଗୋରି-୧ର ମାନ୍ୟତା ପ୍ରଦାନ କରିଛି। ଏଠାରେ ମାର୍ଚ୍ଚ ୨୪ରୁ ୨୫ ମଧ୍ୟରେ ଜାତୀୟ ଇଣ୍ଡୋର ଚାମ୍ପିଅନସିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି ଓ ୨୦୨୮ ଇଭେଣ୍ଟ ପାଇଁ ଏହି ଇଭେଣ୍ଟ ପରୀକ୍ଷା ସଦୃଶ ହେବ।

## ଆଜିଠୁ କିଟ୍‌ରେ ଓଡ଼ିଶା-ତାମିଲନାଡୁ ରଣଜୀ ଲଢ଼େଇ

କଟକ, ୨୧।୧ (ସମିସ): ରଣଜୀ ଟ୍ରଫିର ୬ଷ୍ଠ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏହିକ୍ରମରେ ଘରୋଇ କିଟ୍ ଗ୍ରାଉଣ୍ଡରେ ଓଡ଼ିଶା ଦଳ ତାମିଲନାଡୁକୁ ଭେଟିବ। ଓଡ଼ିଶା ଏବଂ ତାମିଲନାଡୁ ଏଲିଟ ଗ୍ରୁପ-ଏ ଟେବଲର ଯଥାକ୍ରମେ ୬ଷ୍ଠ ଏବଂ ୭ମ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାରେ ତିଷ୍ଠି ରହିବା ନିମନ୍ତେ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ହୋଇ ନଥିଲେ ସୁଦ୍ଧା ୨୫ବର୍ଷ ପରେ ଉଭୟ ଦଳ ବିଜୟ ଅପେକ୍ଷାରେ ରହିଛନ୍ତି। ୨୦୦୦ ମସିହାରୁ ଏଯାବତ୍ ଉଭୟ ୪ଥର ମୁହାଁମୁହିଁ ହୋଇଥିଲେ ସୁଦ୍ଧା ସମସ୍ତ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। କିଟ୍ ଗ୍ରାଉଣ୍ଡରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ବିଜୟ ଆଶା ନେଇ ପଡ଼ିଆକୁ ଓହ୍ଲାଇବ।



ନାରାୟଣ ଜଗଦୀଶନଙ୍କ ନେତୃତ୍ୱରେ ଗଠିତ ତାମିଲନାଡୁ ୫ଟି ମ୍ୟାଚ୍‌ରୁ ଗୋଟିଏ ବି ବିଜୟ ପଏଣ୍ଟ ହାସଲ କରି ପାରିନାହିଁ। ବାବା ଇନ୍ଦ୍ରଜିତ, ରଞ୍ଜନ ପଲ, ଆନ୍ଦ୍ରେ ସିଦ୍ଧାର୍ଥ ଦଳର ପ୍ରମୁଖ ବ୍ୟାଟର ଭାବେ ଚଳିତ ସିଜନରେ ଉଭା ହୋଇଛନ୍ତି। ଦୁଇଟି ଶତକୀୟ ପାଳି ବଳରେ ରଞ୍ଜନ ସର୍ବାଧିକ ୩୮୪ ରନ ସଂଗ୍ରହ କରିଛନ୍ତି। ସେହିପରି ବୋଲିଂ ଲାଇନଅପକୁ ନଜର ପକାଇଲେ ସାଇ କିଶୋରଙ୍କ ବ୍ୟତୀତ ଅନ୍ୟ କେହି ସଫଳ ସାବ୍ୟସ୍ତ ହୋଇ ପାରିନାହାନ୍ତି। ୪ଟି ମ୍ୟାଚ୍ ଖେଳିଥିବା ସାଇ କିଶୋରଙ୍କୁ ୧୪ଟି ୱିକେଟ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ନିମନ୍ତେ ଅଧିନାୟକ ଶୁଭ୍ରାଂଶୁ ଏବଂ ଓପନର ସ୍ୱସ୍ତିକ ସାମଲ ଉଭୟ ୩୯୩ ରନ ଲେଖାଏ ସଂଗ୍ରହ କରି ବ୍ୟାଟରମାନଙ୍କ ତାଲିକାରେ ଆଗରେ ରହିଛନ୍ତି। ଉଭୟଙ୍କ ନାମରେ ଗୋଟିଏ ଲେଖାଏ ଶତକୀୟ ପାଳି ରହିଛି। ନାଗାଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ଅନିଲ ପରିଡ଼ା ଶତକ ହାସଲ କରିବା ସହିତ ଦଳରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକଙ୍କ ଉପରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରିବ। ୨୧୦ରନ ସଂଗ୍ରହ କରିବା ସହିତ ୧୨ଟି ୱିକେଟ ଅକ୍ତିଆର କରିଥିବା ଅଲରାଉଣ୍ଡର ଗୋବିନ୍ଦ ଓଡ଼ିଶା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

## ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ଜ୍ୱେରେଭ, ସାବାଲେଙ୍କା

**ଅଷ୍ଟ୍ରେଲିଆନ ଓପନ୍**

ମେଲବୋର୍ଣ୍ଣ, ୨୧।୧ (ଏଜେନ୍ସି):

ଟପ୍ ସିଡ୍ କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ଆଲ୍‌କାରାଜ ୬-୬ (୪), ୬-୩, ୬-୨ ସେଟ୍‌ରେ ଜର୍ମାନୀର ୟାନ୍ନିକ ହନଫମାନ୍ନଙ୍କୁ ପରାସ୍ତ କରିଥିଲେ। ସ୍ପାନିଶ ତାରକା ଆଲ୍‌କାରାଜ ୩ୟ ରାଉଣ୍ଡରେ ଫ୍ରାନ୍ସର କୋରେଣ୍ଟିନ ମୌଟେଟ୍‌ଙ୍କୁ ଭେଟିବେ। ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ମୌଟେଟ୍ ୩-୬, ୬-୧, ୬-୩, ୨-୦ରେ ଆମେରିକାର ମାଇକେଲ୍ ଝେଙ୍ଗ୍‌କୁ ହରାଇଥିଲେ। ସେହିଭଳି ଗତ ସଂସ୍କରଣର ଫାଇନାଲିଷ୍ଟ ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୩, ୪-୬, ୬-୩ ସେଟ୍‌ରେ ଫ୍ରାନ୍ସର ଆଲେକ୍ସଜାଣ୍ଡର ମୁଲରଙ୍କୁ ହରାଇ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟମାନଙ୍କ ମଧ୍ୟରେ ୬ଷ୍ଠ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ କାଜାଖସ୍ତାନର ଆଲେକ୍ସଜାଣ୍ଡର ବଲ୍‌ଭିକ, ରୁଷିଆର ୧୧ତମ ସିଡ୍ ଡାନିଲ ମେଡଭେଡେଭ, ୧୩ତମ ସିଡ୍ ଆନ୍ଦ୍ରେ ରୁବଲେଭ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟ ଲାଭ କରିଥିଲେ।

ଅପରପକ୍ଷରେ ମହିଳା ବିଭାଗରେ ଟପ୍ ସିଡ୍ ଆରିନା ସାବାଲେଙ୍କା, ତୃତୀୟ ସିଡ୍ ଆମେରିକାର କୋକୋ ଗଫ୍, ୧୨ତମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନା, ଚେକ ଗଣରାଜ୍ୟର କାରୋଲିନା ମୁଚୋଭା, ଇଟାଲୀର ୭ମ ସିଡ୍ ଯସ୍ମିନ ପାଓଲିନ, ୮ମ ସିଡ ରୁଷିଆର ମାରିଆ ଆନ୍ଦ୍ରିଭା ନିଜ ନିଜ ମୁକାବିଲାରେ ବିଜୟୀ ହୋଇ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ତେବେ ବ୍ରିଟେନର ଇମା ରାଡୁକାନୁ ୨ୟ ରାଉଣ୍ଡରେ ହାରି ନିରାଶ କରିଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ଭାମ୍ବ୍ରୀ

ଭାରତର ୟୁକି ଭାମ୍ବ୍ରୀ ପୁରୁଷ ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସ୍ୱିଡେନର ଆନ୍ଦ୍ରେ ଗୋରାନସନଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରୀ ୬-୩, ୬-୪ ସେଟ୍‌ରେ ଘରୋଇ ଅଷ୍ଟ୍ରେଲିଆର ଜେମ୍ସ ଡକୱର୍ଥ ଓ କ୍ରୁଜ ହେୱିଟ୍ଟ ଯୋଡ଼ିଙ୍କୁ ପରାସ୍ତ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS